ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ସୋମବାର ୨୭ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 27 NOVEMBER 2023
Vol.No. 34 ■ No. 311■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଭୁବନେଶ୍ୱରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

## ପାରାଦୀପ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେବେ

ଭୁବନେଶ୍ୱର, ୨୬/୧୧ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଠାରୁ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଆସି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛନ୍ତି । ରାଷ୍ଟ୍ରପତିଙ୍କୁ ବିମାନବନ୍ଦରରେ ପାରମ୍ପରିକ ନୃତ୍ୟ ଓ ବାଜାର ସହିତ ସ୍ୱାଗତ କରାଯାଇଛି । ସେହିପରି ବିମାନମନ୍ଦରରେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ରଘୁବର ଦାସ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ପୁଲିସ ଡିଜି ସୁନୀଲ ବଂଶଲ ଓ ମେୟର ସୁଲୋଚନା ଦାସ ସ୍ୱାଗତ କରିଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ୧୬ ପ୍ଲାଟୁନ ପୁଲିସ ଫୋର୍ସ ସହ ୧୦୦ ଅଫିସର ମୁତୟନ ଅଛନ୍ତି । ସୂଚନାଯୋଗ୍ୟ, ମହାମିହମ ଆଜି ରାଜଭବନରେ ବିଶ୍ରାମ ନେବେ । କାଲି (ସୋମବାର) ସକାଳ ୮.୩୦ରୁ ରାଜଭବନରୁ ବାହାରି ୮.୪୦ ରେ ସ୍ୱତନ୍ତ୍ର ବିମାନରେ ପାରାଦ୍ୱୀପ ଯିବେ । ଆସନ୍ତାକାଲି (ସୋମବାର) ସେ ପାରାଦ୍ୱୀପରେ ପୂର୍ବାହ୍ଣ ୧୦ଟାରେ ଆୟୋଜନ ହେବାକୁ ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ଯୋଗଦେବେ ।



ସେହିପରି ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀପଦ ନାଏକ, ବିଶ୍ୱେଶ୍ୱର ଟୁଡୁ, ଶାନ୍ତନୁ ଠାକୁର, ରାଜ୍ୟ ସରକାରଙ୍କ ବାଣିଜ୍ୟ ମନ୍ତ୍ରୀ ଟୁକୁନି ସାହୁ, ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ ଓ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେବେ । ସୂଚନାଯୋଗ୍ୟ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ୨୦ରୁ ୨୨ ତାରିଖ ମଧ୍ୟରେ ତିନି ଦିନିଆ ଓଡ଼ିଶା ଗସ୍ତ କରିଥିଲେ । ସେହି ସମୟରେ ସେ ମୟୂରଭଂଜ ଜିଲ୍ଲାର ବାରିପଦା, ରାଇରଂଗପୁର, ପାହାଡ଼ପୁର ଓ ସମ୍ବଲପୁର ଜିଲ୍ଲାର ବୁର୍ଲାରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ବଲିଉଡ୍‌ରେ ଝୁମେଇବେ ମାଲକାନଗିରିର ଝିଅ

ନୂଆଦିଲ୍ଲୀ, ୨୬/୧୧ : ପିଲାବେଳୁ ଅଭିନୟ ପ୍ରତି ରୁଚି ରଖିଥିଲେ । ସେଥିପାଇଁ ଘର ଛାଡ଼ି ରାଜ୍ୟ ବାହାରକୁ ଗଲେ । ନିଜ ରକ୍ତରେ ଅଭିନୟର କଳା ଥିବାରୁ ଡ୍ୟାନ୍ସ ଶିଖିଲେ । ବଡ଼ ବ୍ରେକ୍‌କୁ ଅପେକ୍ଷା କରିଥିଲେ । ସୁଯୋଗ ମିଳିଲା । ଆଉ ଟଲିଉଡ୍ ଭାୟା ବଲିଉଡ୍‌ରେ ଏଣ୍ଟ୍ରୀ ମାରିଲେ ମାଲକାନଗିରିର ଝିଅ ମନିକା ସମାଦ୍ଦାର । ପ୍ରସ୍ତୁତ ଚାଲିଛି ତେଲୁଗୁ ଫିଲ୍ମ 'ଗାରାଗା' । ଏହି ଫିଲ୍ମକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ମନିକା । କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି- ୭୫ ଗାଁର ଗୌତମ ସମାଦ୍ଦାର ପେସାରେ ଜଣେ ବ୍ୟବସାୟୀ । ନିଜ ଛୋଟ ବ୍ୟବସାୟରୁ ଯାହା ରୋଜଗାର



କରନ୍ତି, ସେଥିରେ ଚଳୁଥିଲା ପୂରା ପରିବାର । ଅଭାବ ଥିଲେ ସୁଦ୍ଧା ପିଲାମାନଙ୍କୁ ପାଠଠାରୁ ଦୂରେଇ ଦେଇନଥିଲେ । ଝିଅ ମନିକା ଗାଁ ସ୍କୁଲରେ ପାଠ ପଢ଼ା ଆରମ୍ଭ କରିଥିଲେ । ପରେ କାଲିମେଲା ମହାବିଦ୍ୟାଳୟରେ +୨ ପାଠ ପଢୁଥିଲେ । ମନିକା ପିଲା ବେଳୁ କଳାପ୍ରତି ଆକୃଷ୍ଟ ହୋଇଥିଲେ । ପାଠ ପଢ଼ା ସହିତ ନୃତ୍ୟ ଓ ଅଭିନୟ ପ୍ରତି ରୁଚି ରଖିଥିଲେ । ଝିଅର ▶▶ପୃଷ୍ଠା ୭

# ଐତିହାସିକ ବାଲିଯାତ୍ରା ପାଇଁ ଚଳଚଞ୍ଚଳ ମେଳା ପଡ଼ିଆ



କଟକ, ୨୬/୧୧ (ନି.ପ୍ର): ଚଳିତବର୍ଷ ବାଲିଯାତ୍ରା ୪୩ ଏକର ଜାଗାରେ ୧୪ ଶହରୁ ଅଧିକ ଷ୍ଟଲ ହେଉଥିବା ବେଳେ ଓରମାସ ପକ୍ଷରୁ ୪ ଶହରୁ ଅଧିକ ଷ୍ଟଲ କରାଯାଇଛି । ବୈଷ୍ଣବ ପାଣି ମଞ୍ଚରେ ଓଲିଉଡ୍ କଳାକାର ଓ ଅକ୍ଷୟ ମହାନ୍ତିଙ୍କ ମଞ୍ଚରେ ବଲିଉଡ କଳାକାର କାର୍ଯ୍ୟକ୍ରମ ପରିବେଷଣ କରିବେ । ଆସନ୍ତାକାଲି କଟକର ଐତିହାସିକ ବାଲିଯାତ୍ରା । ସେଥିପାଇଁ ଚଳଚଞ୍ଚଳ ହେଲାଣି ମେଳା ପଡିଆ । ମହାନଦୀ ପଠାରେ ଆରମ୍ଭ ହେଲାଣି ବ୍ୟବସ୍ୟାୟୀଙ୍କ ପସରା । ରାଜ୍ୟ ଓ ରାଜ୍ୟ ବାହାରର ବ୍ୟବସ୍ୟାୟୀମାନେ ତାଙ୍କ ଜିନିଷପତ୍ର ଧରି ନିଜ ନିଜ ଷ୍ଟଲ ସଜାଇବାରେ ବ୍ୟସ୍ତ ରହିଛନ୍ତି । ଚଳିତ ବର୍ଷ ବାଲିଯାତ୍ରାର ଅନ୍ୟତମ ଆକର୍ଷଣ ସାଜିବ ରାଜ୍ୟର ପ୍ରଥମଥର ପାଇଁ ହେଉଥିବା ଫିସ୍ ଆକ୍ୟୁରମ୍ ଟନେଲ । ସେହିପରି ଦୋଳିଠାରୁ ଖାଦ୍ୟ ଷ୍ଟଲ ଓ କପଡା ବ୍ୟବସ୍ୟାୟୀ ସମସ୍ତେ ଭଲ ବ୍ୟବସାୟ ହେବ ବୋଲି ଆଶା ରଖିଛନ୍ତି । ଚଳିତବର୍ଷ ବାଲିଯାତ୍ରା ୪୩ ଏକର ଜାଗାରେ ୧୪ ଶହରୁ ଅଧିକ ଷ୍ଟଲ ହେଉଥିବା ବେଳେ ଓରମାସ ପକ୍ଷରୁ ୪ ଶହରୁ ଅଧିକ ଷ୍ଟଲ କରାଯାଇଛି । ବୈଷ୍ଣବ ପାଣି ମଞ୍ଚରେ ଓଲିଉଡ୍ କଳାକାର ଓ ଅକ୍ଷୟ ମହାନ୍ତିଙ୍କ ମଞ୍ଚରେ ବଲିଉଡ କଳାକାର କାର୍ଯ୍ୟକ୍ରମ ପରିବେଷଣ କରିବେ । କଟକ-ଇନ-କଟକ ପ୍ୟାଭିଲିୟନରେ ଗାଁ ସଂସ୍କୃତି, ପରମ୍ପରା ଆଦିକୁ ସ୍ଥାନ ଦିଆଯାଇଛି । ଏଥିସହିତ ୩୦ ଫୁଟ ଉଚ୍ଚର ବାଲୁକା କଳା ସହ ଏଲଇଡି ଲାଇଟ୍, ଲେଜର ଶୋ' ଆଦି କରାଯାଇଛି । ସେହିପରି ଡଷ୍ଟ ଫ୍ରି ବାଲିଯାତ୍ରା ପାଇଁ ପଡିଆରେ ସ୍ୱତନ୍ତ୍ର କେମିକାଲ ବ୍ୟବହାର କରି ଧୁଳି ନ ଉଡିବା ବ୍ୟବସ୍ଥା ମଧ କରାଯାଇଛି । ବେଲଭ୍ୟୁ ଛକ, ବିଡାନାସୀ ପାର୍କିଂ ଆଦି ସ୍ଥାନରୁ ମାଗଣା ବସ ବ୍ୟବସ୍ଥା କରିଛି ପ୍ରଶାସନ । ସୁରକ୍ଷା ଦୃଷ୍ଟିରୁ ବାଲିଯାତ୍ରା ପାଇଁ କମିଶନରେଟ ପୁଲିସ ପକ୍ଷରୁ ୫୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି ।

# ଥାନାରୁ ଚମ୍ପଟ ମାରିଲା ଅଭିଯୁକ୍ତ

ବଲାଙ୍ଗିର, ୨୬/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଟିକ୍ରାପାଡ଼ା ଫାଣ୍ଡିରୁ ଅଭିଯୁକ୍ତ ଫେରାର । ଫେରାର ଥିବା ଅଭିଯୁକ୍ତ ଜଣଙ୍କ ହେଉଛି ଟିକ୍ରାପଡ଼ା ଗ୍ରାମର ବୁଲୁ ରାଜପାଲିଆ । ଆଜି ସକାଳୁ କିଛି ଝିଅ ମର୍ଣ୍ଣିଂଓ୍ୱାକରେ ଯାଉଥିଲେ । ସେହି ସମୟରେ ବୁଲୁ ଜଣେ ଯୁବତୀଙ୍କ ଠାରୁ ମୋବାଇଲ ଛଡ଼ାଇବାକୁ ଚେଷ୍ଟା କରୁଥିଲା । ତେବେ ଯୁବତୀ ଜଣଙ୍କ ତାଙ୍କୁ ବିରୋଧ କରିଥିଲେ । ଯେଉଁଥି ପାଇଁ ବୁଲୁ ସେମାନଙ୍କୁ ସମସ୍ତଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ । ଏପରିକି ସେମାନଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଯୁବତୀ ମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ବୁଲୁକୁ କାବୁ କରିନେଇ ଥିଲେ । ପରେ ତାକୁ ଫାଣ୍ଡିରେ ଜିମା ଦେଇଥିଲେ । ପାଣ୍ଡିରେ ହୋମଗାର୍ଡ଼ ଓ କନେଷ୍ଟବଳ ଜଗି ଥିବାବେଳେ ଚମ୍ପଟ ମାରିଥିଲା ଅଭିଯୁକ୍ତ । ଏଖବର ପ୍ରଚାରିତ ହେବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକେ ଫାଣ୍ଡି ଘେରାଉ କରିବାର ସହିତ ଧାରଣାରେ ବସିଥିଲେ । ଥାନା ଅଧିକାରୀ ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି ।

# ଚାଇନାରେ ଶିଶୁମାନଙ୍କଠାରେ ବ୍ୟାପୁଥିବା ନିମୋନିଆକୁ ନେଇ ଭାରତ ସରକାର ସତର୍କ



ନୂଆଦିଲ୍ଲୀ, ୨୬/୧୧ : ଏଚ୍୯ଏନ୍୨ ଭୂତାଣୁ ସଂକ୍ରମଣର ସଂଖ୍ୟା ଚୀନର ପିଲାମାନଙ୍କ ଶରୀରରେ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ଏବଂ ଅନ୍ୟାନ୍ୟ ଜାବତୀୟ ରୋଗରେ ମଧ ଚୀନର ଲୋକମାନେ ପୀଡିତ ହେଲେଣି । ଏହିଭଳି ପରିସ୍ଥିତିରେ ରାମ ମନୋହର ଅଟୋମୋବାଇଲର ନିର୍ଦ୍ଦେଶକ ଡଃ ଅଜୟ ଶୁକ୍ଲା ଲୋକମାନଙ୍କୁ ସ୍ୱଷ୍ଟ ଭାବରେ କହିଛନ୍ତି ଯେ ସାବଧାନ ରହିବା ପାଇଁ ଏବଂ ସଫା ସୁତୁରା ଉପରେ ଅଧିକ ଧ୍ୟାନ ଦେବା ପାଇଁ । ଡଃ ଏହା ମଧ କହିଛନ୍ତି ଯେ, ଯେଉଁ ମାନଙ୍କର ନିଶ୍ୱାସ ନେବାରେ ଅସୁବିଧା ହେଉଛି କିମ୍ବା ଶ୍ୱାସକ୍ରିୟା ରୋଗ ବା ସଂକ୍ରମଣ ଥାଏ ତେବେ ସେମାନେ ସତର୍କ ରହିବା ଉଚିତ ଏବଂ ଅନ୍ୟ ଲୋକମାନଙ୍କଠାରୁ ଦୂରତା ରକ୍ଷା କରିବାକୁ ଚେଷ୍ଟା କରିବା ଉଚିତ୍ । ତେବେ ଏପର୍ଯ୍ୟନ୍ତ ଭାରତରେ ଏହି ରୋଗର ମାମଲା ଦେଖିବା ପାଇଁ ମିଳିନାହିଁ । ତେଣୁ ଏବେ ଭୟ ଭିତ ହେବାର କୌଣସି ଆବଶ୍ୟକତା ନାହିଁ । ଡଃ ଶୁକ୍ଲା କହିଛନ୍ତି ଯେ । ମୁଁ କେବଳ ଲୋକମାନଙ୍କୁ ପରାମର୍ଶ ଦେଉଛି ଏବଂ ନିୟମିତ ଭାବରେ ନିଜ ଚାରିପାଖ ପରିଷ୍କାର ପରିଚ୍ଛନ୍ନତା ରଖନ୍ତୁ । ଏବଂ ଯଦି ଆପଣଙ୍କୁ ଲାଗୁଛି ଆପଣଙ୍କ ଚାରିପାଖରେ କେହି ବ୍ୟକ୍ତି ଶ୍ୱାସ ରୋଗ କିମ୍ବା ସଂକ୍ରମଣରେ ପିଡିତ ଅଛି ତେବେ ସେହି ବ୍ୟକ୍ତିଠାରୁ ଦୂରତା ରଖିବା ପାଇଁ ଚେଷ୍ଟା କରନ୍ତୁ ।

▶▶ପୃଷ୍ଠା ୭

# ଗାଡ଼ିରେ ପ୍ରେସ ଲେଖି କରାଯାଉଥିଲା ଚାଲାଣ: ମାଡ଼ି ବସିଲା ଅବକାରୀ ବିଭାଗ

ସୁବର୍ଣ୍ଣପୁର, ୨୬/୧୧ (ନି.ପ୍ର): ଅବକାରୀ ବିଭାଗ ଓ ପୁଲିସକୁ ଚକମା ଦେବା ପାଇଁ ପ୍ରେସ ଲେଖି ଗାଡ଼ିରେ ଗଞ୍ଜେଇ ଚାଲାଣ କରୁଥିଲେ ଦମ୍ପତି । ଭାବିଥିଲେ କେହି ଜାଣିପାରିବେ ନାହିଁ । ହେଲେ ଦମ୍ପତିଙ୍କ ସବୁ ଅଙ୍କ ଭୁଲ ହୋଇଗଲା । ଅଧା ବାଟରେ ମାଡ଼ି ବସିଲା ଅବକାରୀ ବିଭାଗ । ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲ୍ଲାରେ । ପୁଲିସ ଦମ୍ପତିଙ୍କୁ ଗିରଫ କରିଛି । ସେମାନେ ହେଲେ ମଧ୍ୟପ୍ରଦେଶ କୋମ୍ବା ଅଞ୍ଚଳର ୩୬ ବର୍ଷୀୟ ଅନିଲ ସୋନି ଓ ତାଙ୍କ ପତ୍ନୀ ୩୧ ବର୍ଷୀୟ ରଜନୀ ସୋନି । ଆଜି ସକାଳେ ପ୍ରେସ ଲେଖାଯାଇଥିବା ଏକ ଧଳା ରଙ୍ଗର କାରରେ ଅନିଲ ଓ ତାଙ୍କ ପତ୍ନୀ ବୌଦ୍ଧରୁ ଗଞ୍ଜେଇକୁ ନେଇ ମଧ୍ୟପ୍ରଦେଶ ଯାଉଥିଲେ । ଏନେଇ ସୋନପୁର ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା । ଅନିଲ ଗାଡ଼ିକୁ ପିଛା କରିଥିଲା । କିଛି ବାଟ ପିଛା କରିବା ପରେ ସୋନପୁର-ବିନିକା ରାସ୍ତାର କର୍ତଙ୍ଗ ଛକ ନିକଟରେ ଗାଡ଼ିକୁ ଅଟକାଇଥିଲା । ଗାଡ଼ିକୁ ଯାଞ୍ଚ କଲା ବେଳେ ସେଥିରୁ ୨୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା ।

# ରେସ୍କ୍ୟୁରେ ସାମିଲ ହେବ ସେନା: ଆସିଲା ପ୍ଲାଜମା କଟର



ଉତ୍ତରକାଶୀ, ୨୬/୧୧ (ନି.ପ୍ର): ଉତ୍ତରକାଶୀ ଟନେଲ ରେସ୍କ୍ୟୁ ଅପରେସନରେ ସାମିଲ ହେବ ସେନା । ଶ୍ରମିକଙ୍କୁ ଟନେଲ ଭିତରକୁ ବାହାର କରିବା ପାଇଁ ଆଗେଇ ଆସିଛି ଭାରତୀୟ ସେନା । ଅନ୍ୟ ଟେକନିକାଲ୍ ଟିମ୍ ସହ ମିଶି ମାନୁଆଲ୍ ଡ୍ରିଲିଂ କରିବ ଇଣ୍ଡିଆନ୍ ଆର୍ମି । ପ୍ରଥମେ ଟେକନିସିଆନମାନେ ଫଶି ରହିଥିବା ଅଗର ମେସିନର କ୍ଷତିଗ୍ରସ୍ତ ଅଂଶ ବାହାର କରିବା ପରେ ସେନା ପକ୍ଷରୁ ମାନୁଆଲ ଡ୍ରିଲିଂ କରାଯିବ । ତେବେ ଏହି ଅଗର ମେସିନର କ୍ଷତିଗ୍ରସ୍ତ ପାର୍ଟ ବାହାର କରିବାକୁ ପ୍ରାୟ ଗୋଟିଏ ଦିନ ଲାଗିଯିବ ବୋଲି କୁହାଯାଉଛି । ଉତ୍ତରକାଶୀ ଟନେଲରେ ଫସିଥିବା ୪୧ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଲାଗିଛି ପ୍ରଶାସନ । ହାଇଦ୍ରାବାଦରୁ ପ୍ଲାଜମା କଟର୍ ମେସିନ୍ ଆସି ପହଞ୍ଚିବା ପରେ ଆଜି ସକାଳୁ ପୁଣି ଥରେ ଅପରେସନ ଆରମ୍ଭ ହୋଇଛି । ଅଗର ମେସିନର ଏକ ଅଂଶ ପଥରରେ ଅଟକି ଯାଇଥିବାରୁ, ତାକୁ ବାହାର କରିବା କାମ ଚାଲିଛି । ଏହାପରେ ମାନୁଆଲି ଡ୍ରିଲିଂ କାମ ହେବ ବୋଲି କହିଛନ୍ତି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି । ୨ ସପ୍ତାହ ହେଲା ୪୧ ଜଣ ଶ୍ରମିକ ଟନେଲ ଭିତରେ ଫଶି ରହିଛନ୍ତି । କେବେ ବାହାରିବେ ଦିନ ଗଣୁଥିବା ବେଳେ ଉଦ୍ଧାର କାର୍ଯ୍ୟରେ ବାରମ୍ବାର ବାଧା ସୃଷ୍ଟି ହେଉଛି । ପାରମ୍ପରିକ ପଦ୍ଧତିରେ ଉଦ୍ଧାରକାରୀ ଯବାନମାନେ ପଥର ଖୋଳିବା ଭଳି, ବାକି ପ୍ରାୟ ୧୦ରୁ ୧୨ ମିଟର ଖୋଳି ବାଟ ବାହାର କରିବେ । ଡ୍ରିଲିଂ ସରିବା ପରେ ଫସି ରହିଥିବା ୪୧ ଜଣ ଶ୍ରମିକଙ୍କୁ ବାହାରକୁ ଆଣିବା ପାଇଁ ପାଇପ୍ ଲଗାଯିବ । ଯେହେତୁ ଷଷ୍ଠ ଥର ପାଇଁ ଉଦ୍ଧାରକାରୀମାନେ ଡ୍ରିଲିଂ ପ୍ରକ୍ରିୟାରେ ବାଧାର ସମ୍ମୁଖୀନ ହୋଇଛନ୍ତି, ତେଣୁ ସେମାନେ ଅବଶିଷ୍ଟ ଆବର୍ଜନାକୁ ସ୍କାନ୍ କରିବା ପାଇଁ ଗ୍ରାଉଣ୍ଡ ▶▶ପୃଷ୍ଠା ୭

# ହମାସର ଆଉ ଏକ ଶୀର୍ଷ କମାଣ୍ଡର ନିହତ: ଉତ୍ତର ଗାଜାରେ ନେଉଥିଲା ନେତୃତ୍ୱ



ନୂଆଦିଲ୍ଲୀ, ୨୬/୧୧ : ହମାସ ବିପକ୍ଷ ଯୁଦ୍ଧରେ ଇସ୍ରାଏଲକୁ ଏକ ବଡ଼ ସଫଳତା ମିଳିଛି । ଏକ ଶୀର୍ଷ ହମାସ ଆତଙ୍କୀକୁ ନିପାତ କରିବାରେ ଇସ୍ରାଏଲ ସଫଳ ହୋଇଛି । ନିଜେ ମହାସ ଏହି ମୃତ୍ୟୁ ଖବରକୁ ସ୍ୱଷ୍ଟ କରିଛି । ତେବେ କେଉଁଠାରେ ଓ କେତେବେଳେ ଏହାର ନେତାର ମୃତ୍ୟୁ ହୋଇଛି ତାହା ଉପରେ କୌଣସି ସୂଚନା ଦେଇ ନାହିଁ । ନିହତ ହମାସ ଆତଙ୍କୀର ନାଁ ଅହମଦ ଅଲ-ଗନ୍ଦୋର । ହମାସର ଏହି ଶୀର୍ଷ ଆତଙ୍କୀ ଦୀର୍ଘ ଦିନରୁ ଇସ୍ରାଏଲର ଟାର୍ଗେଟରେ ଥିବା କୁହାଯାଉଛି । ▶▶ପୃଷ୍ଠା ୭

# ୨୬/୧୧ ଆକ୍ରମଣକୁ ପୂରିଲା ୧୫ ବର୍ଷ, ଆଜି ବି ଲିଭିନି କ୍ଷତ ଦାଗ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୬/୧୧ : ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣକୁ ପୂରିଛି ୧୫ ବର୍ଷ । ଆଜି ଏହି ଅବସରରେ ମନ କି ବାତ୍ କାର୍ଯ୍ୟକ୍ରମରେ ୨୬/୧୧ ମୁମ୍ବାଇ ଆକ୍ରମଣକୁ ମନେ ପକାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆକ୍ରମଣରେ ସହିଦଙ୍କୁ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ୧୫ ବର୍ଷ ତଳେ ହୋଇଥିବା ସେହି ଜଘନ୍ୟ ଆତଙ୍କବାଦୀ ଆକ୍ରମଣକୁ ଦେଶ କେବେ ଭୁଲିପାରିବ ନାହିଁ ବୋଲି କହିଛନ୍ତି । ଆକ୍ରମଣରୁ ଆମେ ଅନେକ ଶିକ୍ଷା ଲାଭ କରିଛୁ ବୋଲି ମୋଦି କହିଛନ୍ତି । ଆତଙ୍କବାଦୀମାନେ ମୁମ୍ବାଇ ଏବଂ ସମଗ୍ର ଦେଶକୁ ଥରାଇ



ଦେଇଥିଲେ । ଏହାକୁ ଭାରତର ସବୁଠାରୁ ଘୃଣ୍ୟ ଆତଙ୍କବାଦୀ ଆକ୍ରମଣ ବୋଲି କହିଛନ୍ତି ।ପୂର୍ଣ୍ଣ ସାହସ ସହିତ ଆତଙ୍କବାଦକୁ ମଧ ଦମନ କରୁଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେପଟେ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ମୁମ୍ବାଇରେ ସହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ।

▶▶ପୃଷ୍ଠା ୭

# ବିଦେଶାଗତ ପକ୍ଷୀଙ୍କ ପାଇଁ ବିପଦ ସାଜିଛି ଚିଲିକାର ବେଆଇନ ଚିଙ୍ଗୁଡ଼ି ଘେରି

ଖୋର୍ଦ୍ଧା, ୨୬/୧୧ (ନି.ପ୍ର): ପ୍ରତିବର୍ଷ ଶୀତ ଋତୁରେ ଚିଲିକାକୁ ଲକ୍ଷାଧିକ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। ଚିଲିକାର ନିଳ ଜଳରାଶିରେ ୨ଶହରୁ ଉର୍ଦ୍ଧ୍ୱ ପ୍ରଜାତିର ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ତେବେ ଚିଲିକାରେ ପ୍ଲାଷ୍ଟିକ, ପଲିଥିନ, ବେଆଇନ ଚିଙ୍ଗୁଡି ଘେରି ଏହାର ଜୈବ ବିବିଧତାକୁ ନଷ୍ଟ କରୁଛି। ଏପରିକି ଚିଲିକାରେ ଏକର ଏକର ଅଂଚଳରେ ନଳଘାସ, ରାଜଦଳ ମାଡ଼ି ଗଲାଣି। ଦଳ ଓ ଘେରି ଚିଲିକାକୁ ଗ୍ରାସିବା ଯୋଗୁ ପକ୍ଷୀଙ୍କ ପାଇଁ ଏବେ ଅଧିକ ବିପଦ ସୃଷ୍ଟି କରିଛି। ଘେରି ଉଚ୍ଛେଦ କରାଯାଉଛି, ପୁଣି ସେହି ତୁଳନାରେ ବଢ଼ି ଚାଲିଛି। ଓଡ଼ିଶା ହାଇକୋର୍ଟ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ଆଦେଶ ଦେଇଥିଲେ। ତେବେ ଜିଲା ଓ ସ୍ଥାନୀୟ ପ୍ରଶାସନ ଏହି ଆଦେଶକୁ ଠିକ୍ ଭାବେ କାର୍ଯ୍ୟକାରୀ କରୁନଥିବାରୁ ଏବେ ବି ଚିଲିକା ଭିତରେ ଶହ ଶହ ଏକର ବେଆଇନ ଭାବେ ଚିଙ୍ଗୁଡି ଘେରି ରହିଛି।

ଏଠାରେ ସୂଚନାଯୋଗ୍ୟ, ଚଳିତ ବର୍ଷ ଜାନୁଆରୀ ମାସରେ ଚିଲିକାରେ ପକ୍ଷୀ ଗଣନା ଚାଲିଥିବା ବେଳେ ସାତପଡ଼ା ରେଞ୍ଜ ଅଂଚଳରେ ଗଣନାକାରୀ ଟିମ ଏକ ଚିଙ୍ଗୁଡ଼ି ଘେରି ଜାଲରେ ପାଣିକୁଆ ସମେତ ଅନ୍ୟ ପକ୍ଷୀ ଫସି ରହିଥିବା ଦେଖିବାକୁ ପାଇଥିଲେ। ସେହିପରି ଅନ୍ୟ ଏକ ଟିମ୍ ପକ୍ଷୀ ଗଣନା କରୁଥିବା ବେଳେ ମାଣିକପାଟଣା ନିକଟରେ ଏକ ଚିଙ୍ଗୁଡି ଘେରି ଭିତରେ ପାଣିକୁଆ ଜାଲରେ ଛନ୍ଦି ହୋଇଥିବା ବେଳେ ଟିମ୍ ସଦସ୍ୟ ପାଣିକୁଆଟିକୁ ଉଦ୍ଧାର କରିଥିଲେ। ତେବେ ଚିଲିକାରେ ଏହା ନୂଆ କଥା ନୁହଁ। ଚିଲିକାରେ ୫୦ରୁ ଉର୍ଦ୍ଧ୍ୱ ରେସିଡେଣ୍ଟାଲ ପକ୍ଷୀ ରହୁଛନ୍ତି। ଖାଦ୍ୟ ଅନ୍ୱେଷଣ ସମୟରେ ଜାଲରେ ଫସି ବହୁବାର ପ୍ରାଣ ହରାଉଥିବା ଦେଖିବାକୁ ମିଳୁଛି। ଚିଲିକା ହ୍ରଦର ସାତପଡ଼ା ଅଂଚଳ ଇରାୱାଡ଼ି ଡଲଫିନ ପାଇଁ ବିଖ୍ୟାତ। ତେବେ ସିଡିଏ ଓ ବନ ବିଭାଗର ଉଦାସୀନତା, ମାତ୍ରାଧିକ ଡଙ୍ଗା ଚଳପ୍ରଚଳ ଏବଂ ଘେରି ଯୋଗୁ ଡଲଫିନ୍ ର ବାସସ୍ଥାନ ବିଶେଷଭାବେ ପ୍ରଭାବିତ ହୋଇଥାଏ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ଚିଲିକାରେ ଜାଲ ଓ ବାଉଁଶ ବିଛାଇ ବେଆଇନ ଭାବେ ରହିଥିବା ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତିନି ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ, ଚିଲିକା ବ୍ଲକ, ପୁରୀ ଜିଲା କୃଷ୍ଣପ୍ରସାଦ, ବ୍ରହ୍ମଗିରି ଏବଂ ଗଞ୍ଜାମ ଜିଲା ଉପକୂଳବର୍ତୀ ଅଂଚଳରୁ ଘେରି ଉଚ୍ଛେଦ ଜାରି ରହିଛି। ବେଆଇନ ଘେରି ଯୋଗୁ ଚିଲିକା ଅବରୋଧ ସହ ଏଥିରେ ବ୍ୟବହୃତ ରାସାୟନିକ ପଦାର୍ଥ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି।

ଚିଲିକା ଧିରେ ଧିରେ ତା'ର ଅସ୍ତିତ୍ୱ ହରାଇବାକୁ ବସିଲାଣି। ଓଡ଼ିଶା ହାଇକୋର୍ଟ ଆର୍ଦ୍ରଭୂମିର ସୁରକ୍ଷା, ଜବରଦଖଲ ରୋକିବା ପାଇଁ ଡ୍ରୋନ ସର୍ଭେ ଲାଗି ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବେଆଇନ ଭାବେ ଚାଲିଥିବା ଘେରି ଉଚ୍ଛେଦ ଲାଗି ହାଇକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚିଲିକା ଏବଂ ଭିତରକନିକା ଆର୍ଦ୍ରଭୂମିର ପରିବେଶ ସଂରକ୍ଷଣ ପାଇଁ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ହାଇକୋର୍ଟ ଏଭଳି ଘେରି ଉଚ୍ଛେଦ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଭର୍ଚୁଆଲ ଶୁଣାଣି ବେଳେ ସିଡିଏ କର୍ତୃପକ୍ଷ ଉପସ୍ଥିତ ରହି ହାଇକୋର୍ଟଙ୍କୁ ଆଶ୍ୱାସନା ଦେଇଥିଲେ ଯେ, ସିଡିଏ ଟିମ୍ ଦ୍ୱାରା କ୍ରମାଗତ ଭାବେ ଏହା ଉପରେ ନଜର ରଖାଯିବ। ତେବେ ଯଥା ପୂର୍ବଂ ତଥା ପରଂ ନ୍ୟାୟରେ ଘେରି ଉଚ୍ଛେଦ ଏବେ ପ୍ରହସନ ପାଲଟିଛି।

ପ୍ରକାଶ ଯେ, ଦୀର୍ଘ ବର୍ଷ ଧରି ଚିଲିକା ଘେରିମୁକ୍ତି ଲାଗି ଚାଲିଥିବା ପକ୍ରିୟା ଏବେ ବି ଜାରି ରହିଛି। ତେବେ ସମସ୍ତ ପ୍ରକାର ଚେଷ୍ଟା ସତ୍ୱେ ଚିଲିକା ଘେରି ମୁକ୍ତ ହୋଇପାରୁନାହିଁ। କାହା ଇଙ୍ଗିତ, ଛତ୍ରଛାୟା ତଳେ ଏସବୁ ଚାଲିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କୁହନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ଭାବେ ଚିଲିକାରେ ଘେରି ଉଚ୍ଛେଦ କରାଯାଇଛି। ଚିଲିକାରେ ଘେରି କରିଲେ, କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ଚିଲିକା ତହସିଲଦାର କେତେଜଣ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଏତଲା ମଧ୍ୟ ଦେଇଛନ୍ତି। ଏପରିକି ଚିଲିକାରେ ମଧ୍ୟ ପାଟ୍ରୋଲିଂ କରାଯାଉଛି। ଚିଲିକାର ପରିବେଶ ସୁଧାରିବା ପାଇଁ ପ୍ରୟାସ ଜାରି ରହିଛି। ତେବେ ଏନେଇ ଜନସାଧାରଣ ମଧ୍ୟ ସହଯୋଗର ହାତ ବଢାଇବା ଆବଶ୍ୟକ ବୋଲି ଉପଜିଲ୍ଲାପାଳ ଶ୍ରୀ ସେଠୀ ସୂଚନା ଦେଇଛନ୍ତି।

# ଶୂନ୍ୟମୃତ୍ୟୁ ସପ୍ତାହ ପାଳନ ଉପଲକ୍ଷେ ବୈଠକ

କେନ୍ଦ୍ରାପଡ଼ା, ୨୬/୧୧ (ନି.ପ୍ର): ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପରିବହନ ବିଭାଗର ମିଳିତ ଆନୁକୂଲ୍ୟରେ "ଶୂନ୍ୟ ମୃତ୍ୟୁ ସପ୍ତାହ" ପାଳନ ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅପରାହ୍ଣ ୫ଘଟିକା ସମୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଏ ବର୍ଷ ଡିସେମ୍ବର ୧ ତାରିଖଠାରୁ ୭ତାରିଖ ପର୍ଯ୍ୟନ୍ତ "ଶୂନ୍ୟ ମୃତ୍ୟୁ ସପ୍ତାହ" ପାଳନ କରାଯିବ। ଏହି ସପ୍ତାହରେ ଶୂନ୍ୟ ମୃତ୍ୟୁକୁ ସରକାର ଟାର୍ଗେଟ୍ ରଖି ସଡ଼କ ସୁରକ୍ଷା ନିମନ୍ତେ ବିଭିନ୍ନ ବିଭାଗ ପାଇଁ ଏସ୍‌ଓପି ଜାରି କରିଛନ୍ତି। ସର୍ବେକ୍ଷଣରୁ ଜଣାଯାଇଛି ଯେ, ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ୪୮ ହଜାରରୁ ଅଧିକ ଲୋକଙ୍କର ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ଏ ବର୍ଷ ଜାନୁଆରୀଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ବିଗତ ବର୍ଷ ତୁଳନାରେ ୪.୯ ପ୍ରତିଶତ ଅଧିକ ମୃତ୍ୟୁହାର ଘଟିଛି। ଫଳରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ "ଶୂନ୍ୟ ମୃତ୍ୟୁ ସପ୍ତାହ" ପାଳନ କରିବାକୁ ଯାଉଛନ୍ତି। ଯେଉଁମାନେ ମଦ୍ୟପାନ କରି, ବିନା ହେଲ୍‌ମେଟ୍‌ରେ, ବିନା ଡ୍ରାଇଭିଙ୍ଗ୍ ଲାଇସେନ୍ସରେ ଏବଂ ଅଳ୍ପ ବୟସରୁ ଗାଡ଼ି ଚଳାଇବେ ସେମାନଙ୍କଠୁ ଫାଇନ୍ ଆଦାୟ ସହ ଡ୍ରାଇଭିଙ୍ଗ୍ ଲାଇସେନ୍ସ ରଦ୍ଦ କରିବା ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରିବହନ ଅଧିକାରୀ ଓ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ଘଟୁଥିବା ସ୍ଥାନମାନଙ୍କରେ ସୂଚନା ଫଳକ ପ୍ରଦର୍ଶନ, ଅନଧିକାର ପାର୍କିଂ, ରାସ୍ତା ଉପରେ ଜମାଥିବା ଗୋଡ଼ି,ବାଲି, ସିମେଂଟ୍ ହଟାଇବା ଓ ଟ୍ରାଫିକ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସମ୍ପୃକ୍ତ ଅଧିକାରୀମାନେ ଗୁରୁତ୍ୱ ଦେବେ ବୋଲି ମତବ୍ୟକ୍ତ କରିଥିଲେ। ମୃତ୍ୟୁ ହାରକୁ କମାଇବା ପାଇଁ ହାଇୱେ ପେଟ୍ରୋଲିଂ, ଆମ୍ବୁଲାନ୍ସ ମୁତୟନ, ରାସ୍ତା ଉପରେ ବୁଲୁଥିବା ପଶୁମାନଙ୍କୁ ହଟାଇବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଓ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା। ଜିଲ୍ଲା ପରିବହନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏ ବର୍ଷ ଜାନୁଆରୀଠାରୁ ନଭେମ୍ବର ମାସ ମଧ୍ୟରେ ୭ଜଣଙ୍କୁ "ଗୁଡ୍ ସମାରିଟାନ୍ ଆୱାର୍ଡ଼" ପ୍ରଦାନ କରାଯାଇଛି। ଆଜିର ବୈଠକରେ ବିପିସିଏଲ୍ ପେଟ୍ରୋଲ୍ ଟାଙ୍କି ଜଜାଙ୍ଗଠାରେ ଅଙ୍ଗୁଳାଇର ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତଙ୍କୁ ଦୁର୍ଘଟଣା ଘଟିବାର ଗୋଲ୍‌ଡେନ୍ ଆୱାର୍ ମଧ୍ୟରେ ଉଦ୍ଧାର କରି ଡାକ୍ତରଖାନା ପହଂଚାଇଥିବା କେନ୍ଦ୍ରାପଡ଼ା ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କୁ ଅତିରିକ୍ତ ଜିଲ୍ଲାପାଳ "ଗୁଡ୍ ସମାରିଟାନ୍ ଆୱାର୍ଡ଼"ସ୍ୱରୂପ ୨ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।

# ଟ୍ରକ ସହ ବାଇକ ଧକ୍କା: ବାଇକ ଚାଳକ ଗୁରୁତର

କୋରେଇ, ୨୬/୧୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ବଜାରରେ ଆଜି ଏକ ଟ୍ରକ ସହ ବାଇକ ଧକ୍କା ଦେବାରୁ ବାଇକ ଆରୋହୀ ରାସ୍ତା କଡ ଡିଭାଇଡରରେ ପିଟି ହୋଇ ଗୁରୁତର ଆହତ ହୋଇଥବା ଜଣାପଡିଛି । ପ୍ରକଶଯେ ଯାଜପୁରରୋଡ ପଟୁ ଏକ ୧୪ ଚକିଆ ଟ୍ରକ (ଓଡି ୦୪ ଏଲ ୨୭୧୫) ଆସୁଥିଲା । କେଉଁଝର ଜିଲ୍ଲା ରାମଚନ୍ଦ୍ର ପୁର ଥାନା ଅନ୍ତର୍ଗତ ବରାଂଗ ନୂଆମଣିଆ ଗ୍ରାମର ଅର୍ଜୁନ ମୁଣ୍ଡାଙ୍କ ପୁଅ ମଦନ ମୁଣ୍ଡା ତାଙ୍କ ସ୍ତ୍ରୀ ତଳସୀ ମୁଣ୍ଡା ଓ ଛୋଟ ପୁଅକୁ ନେଇ ଏକ ମଟର ସାଇକେଲ (ଓଆର ୦୪ଏଚ ୯୬୩୦) ଯୋଗେ ଯାଜପୁର ଯିବା ଆଇଁ ଆସୁଥିଲେ । ପାଣିକୋଇଲି ବଜାର ନିକଟରେ ମଦନ ବାଇକଟିକୁ ଟ୍ରକର ବାମ ପଟେ ପୁରାଇ ଦେଇଥିଲା । ଟ୍ରକଟି ଗୋଲେଇରେ ଭଦ୍ରକ ଆଡକୁ ଯିବା ପାଇ କାଟି ଦେବାରୁ ଟ୍ରକଟି ବାଇକରେ ପିଟି ହୋଇଥିଲା । ଫଳରେ ମଦନ ବାଇକରୁ ଛିଟିକି ଯାଇ ରାସ୍ତା କଡ ଡିଭାଇଡରରେ ପିଟି ହୋଇଥିଲେ । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ହେଲେ ତୁଳସୀ ଓ ତାର ପୁଅ ଭଲରେ ରହିଯାଇଥିଲେ । ଘଟଣାସ୍ଥଳେ ପୁଲିସ ପହଂଚି ମଦନକୁ ପାଣିକୋଇଲିର ଏକ ଘରୋଇ ଚିକିସ୍ୱାଳୟରେ ପ୍ରାଥମିକ ଚିକିସ୍ୱା କରି ଅବସ୍ଥା ଗୁରୁତର ଥିବାରୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିସ୍ୱାଳୟକୁ ପଠାଇବା ସହ ତଦନ୍ତ ଜାରି ରଖିଛି ।

# ବିଂଝାରପୁର ବ୍ଲକ ବରିକୂଳ ନିକଟରେ ଟ୍ରାଙ୍କୁଲାଇଜ ହେଲା ବଣୁଆ ହାତୀ

ଧର୍ମଶାଳା, ୨୬/୧୧ (ନି.ପ୍ର): ଯାଜପୁର ଜିଲା ଦଶରଥପୁର ବ୍ଲକ ଅଂଚଳରେ ଆଜି ସକାଳ ସମୟରେ ରାସ୍ତାରେ ଏକ ବଣୁଆ ହାତୀ ପ୍ରବେଶ କରିଥିଲା । ହାତୀଟି ରାସ୍ତା ପାରି ହେବା ସହିତ ବ୍ୟାପକ ମାତ୍ରାରେ ବିଭିନ୍ନ ଫସଲ ନଷ୍ଟ କରିଦେଇଥିଲା । ଏହି ହାତୀକୁ ଦେଖି ସ୍ଥାନୀୟ ଅଂଚଳରେ ଭୟ ସୃଷ୍ଟି ହୋଇଥିଲା । ଯାହାକୁ ନେଇ ଏହି ଖବର ବନ ବିଭାଗ ନିକଟରେ ପଂହଚି ଥିଲା । ବନବିଭାଗ ପକ୍ଷରୁ ନନ୍ଦନକାନନର ସ୍ୱତନ୍ତ୍ର ଟିମ୍ ଆଜି ଦଶରଥପୁର ଅଂଚଳରେ ପଂହଚି ହାତୀର ଗତିବିଧି ଉପରେ ନଜର ରଖିଥିଲା । ଦୀର୍ଘ ସମୟ ପରେ ଯାଜପୁର ଜିଲା ବିଂଝାରପୁର ବ୍ଲକ ଉତଙ୍ଗରା ପଂଚାୟତ ବରିକୂଳ ଗାଁ ନିକଟରେ ହାତୀକୁ ଟ୍ରାଙ୍କୁଲାଇଜ କରାଯାଇଥିବା ସୂଚନା ମିଳିଛି । ପରେ ହାତୀକୁ କାବୁ କରାଯାଇ ଏକ ସ୍ୱତନ୍ତ୍ର ଗାଡିରେ ନିଆଯିବ ବୋଲି ବନବିଭାଗ ପକ୍ଷରୁ ସୂଚନାର ଦିଆଯାଇଛି । ଅନ୍ୟପକ୍ଷେ ହାତୀକୁ ନନ୍ଦନକାନନ ନିଆଯିବ ନା ହାତୀ ଯେଉଁ ସ୍ଥାନରୁ ଆସିଥିଲା ସେହି ସ୍ଥାନକୁ ନିଆଯିବ ତାହା ଜଣାପଡିନାହିଁ । ସୂଚନା ମୁତାବକ, ଆଜି ସକାଳ ସମୟରେ ଏହି ବଣୁଆ ହାତୀ ଦଶରଥପୁର ବ୍ଲକରେ ପ୍ରବେଶ କରିଥିଲା । ଫଳରେ ହାତୀଟି ମୁଖ୍ୟ ରାସ୍ତା ପାରି ହେବା ସହିତ କ୍ଷେତରେ ଥିବା ଫସଲକୁ ନଷ୍ଟ କରି ଦେଇଥିଲା । ସ୍ଥାନୀୟ ଲୋକେ ଭୟଭିତ ହୋଇ ଥାନାରେ ଖବର ଦେଇଥିଲେ । ଖବର ପାଇ ବନବିଭାଗ ଟିମ ଘଟଣାସ୍ଥଳରେ ପଂହଚି ହାତୀର ଗତିବିଧି ଉପରେ ନଜର ରଖିବା ସହିତ ସ୍ଥାନୀୟ ଲୋକମାନଙ୍କ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା । ବନବିଭାଗ ପକ୍ଷରୁ ନନ୍ଦନକାନନର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପଂହଚି ଥିଲେ । କେନ୍ଦୁଝର ଜିଲା ହଦଗଡ ଜଙ୍ଗଲରୁ ଏହି ବଣୁଆ ହାତୀଟି ଶୁକ୍ରବାର ରାତିରେ ଭଦ୍ରକ ଭଣ୍ଡାରୀପୋଖରୀ ଦେଇ ଦଶରଥପୁର ଅଂଚଳକୁ ଆଜି ସକାଳେ ପଂହଚି ଯାଇଥିଲା । ଆଜି ସନ୍ଧ୍ୟାରେ ବିଂଝାରପୁର ବ୍ଲକ ଉତଙ୍ଗରା ପଂଚାୟତ ବରିକୂଳ ଗାଁ ନିକଟରେ ହାତୀଟିକୁ ଟ୍ରାଙ୍କୁଲାଇଜ କରାଯାଇଛି ।

# ସତ୍ୟସାଇ ବାବାଙ୍କ ଜନ୍ମ ଉତ୍ସବ ପାଳିତ

କେନ୍ଦ୍ରାପଡ଼ା, ୨୬/୧୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ମୀରପାଟଣା ସ୍ଥିତି ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ସତ୍ୟସାଇ ବାବାଙ୍କ ୯୮ତମ ଜନ୍ମୋତ୍ସବ ପାଳନ ହୋଇଯାଇଛି । ସେବା ସମିତିର ଆବାହକ ରାଜକିଶୋର ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାତଃ ନଗର ସଂର୍କିତନ, ପ୍ରଶାନ୍ତି ଧ୍ୱଜା ଉତୋଳନ, ଷୋଡଷ ଉପଚାର ପୂଜା, ଦୃଷ୍ଟିବାଧିତ ବିଦ୍ୟାଳୟରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ, ଭଜନ, ସତ୍‌ସଙ୍ଗ, ସତ୍ୟସାଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ନାରାୟଣ ସେବା, ବସ୍ତ୍ର ବଂଟନ ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମଗୁଡ଼ିକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ୯୮ଟି ଦୀପ ପ୍ରଜ୍ୱଳନ କରାଯିବା ସହ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ରାମଚନ୍ଦ୍ର ସ୍ୱାଇଁ, ଡ଼ଃ ବାସୁଦେବ ଦାସ, ନୃସିଂହ ଚରଣ ତ୍ରିପାଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବହୁ ସାଇ ଭକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବରିଷ୍ଠ ନାଗରିକ ମଂଚର ନୂତନ ଗୃହ ପ୍ରବେଶ ଉତ୍ସବ

କୋରେଇ, ୨୬/୧୧ (ନି.ପ୍ର): ପାଣିକୋଇଲିର ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଂଚର ପୂର୍ଣ୍ଣାଂଗ ନୂତନ ଗୃହର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି । ଆନୁଷ୍ଠାନିକ ଭାବେ ପୂଜାପାଠ ପରେ ମଂଚର ସଭାପତି ନୃସିଂହ ଚରଣ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କୋରାଇ ବ୍ଲକ ଅଧ୍ୟକ୍ଷ ଧରଣୀଧର ଘଡାଇ, ମୁଖ୍ୟ ବକ୍ତାଭାବେ ପ୍ରଧ୍ୟାପକ ଡା. ଦାମୋଦର ମହାପାତ୍ର ସମ୍ମାନୀତ ବକ୍ତା ଭାବେ ପ୍ରଧ୍ୟାପକ ଉମାକାନ୍ତ ଖଣ୍ଡାଇ ଯୋଗଦେଇଥିଲେ । ବୟସ୍କ ମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସର୍ମ୍ପକରେ ଆଲୋଚନା କରାଯାଇଥିଲା । ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମ୍ପାଦକଙ୍କ ପ୍ରସ୍ତାବ କ୍ରମେ ସତ୍ୟ ରଂଜନ ସ୍ୱାଇଁଙ୍କୁ ସଂଗଠନ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ସାହାଯ୍ୟ ପାଇଁ ବୃନ୍ଦାବନ ଜେନାଙ୍କୁ ସହକାରୀ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲ । କାର୍ଯ୍ୟକ୍ରମକୁ ମୁରଲୀଧର କଣ୍ଡି, ଗୌରାଙ୍ଗ ଚରଣ ବାରିକ, ଅଭିରାମ ବାରିକ, ସୁଦର୍ଶନ ପହି, ବସନ୍ତ କୁମାର ବେହେରା, ଚନ୍ଦ୍ରମଣୀ ସ୍ୱାଇଁ, ନିରଂଜନ ରାଉତ, ସତ୍ୟାନନ୍ଦ ମହାରଣା, ପ୍ରାଣକୃଷ୍ଣ ନାୟକ, ମଦନ ମୋହନ ବେହେରା, ରାଜକିଶୋର ଦାସ,ପ୍ରହଲ୍ଲାଦ ଜେନା, ଗୋକୁଳାନନ୍ଦ ମହାରଣା, ଅକ୍ଷୟ କୁମାର ସ୍ୱାଇଁ, ବୈଷ୍ଣବ ସାହୁ, ମଦନ ମୋହନ ମହାପାତ୍ର, ରାମ ଚନ୍ଦ୍ର ମଲିକ, ଜଗନ୍ନାଥ ମାଝୀ, ସତ୍ୟବାଦୀ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ବଳରାମ ମିଶ୍ରଙ୍କ ବିୟୋଗରେ ଶୋକ

ଜୟପୁର, ୨୬/୧୧ (ନି.ପ୍ର): ଜୟପୁର ସହରର ବରିଷ୍ଠ ନାଗରିକ ପୁରୁଣାଗଡ଼ର ଶ୍ରୀ ବଳରାମ ମିଶ୍ରଙ୍କ ୮୬ ବର୍ଷ ବୟସରେ ପକ୍ଷାଘାତଜନିତ ରୋଗରେ ବିୟୋଗ ହୋଇଛି । ତାଙ୍କ ବିୟୋଗରେ ସହରରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ପରୋପକାରୀ ମିଷ୍ଟଭାଷୀ ବ୍ୟକ୍ତି ଥିଲେ । ଶ୍ରୀ ମିଶ୍ରଙ୍କ ବ୍ୟକ୍ତିତ୍ୱକୁ ୨୦୨୦ ମସିହାରେ ଜୟପୁର ସିଟିଜେନ କମିଟି ସମ୍ବର୍ଦ୍ଧିତ କରିଥିଲେ ।ସେ ଜଣେ ବୈଦିକ ପୂଜା ବିଧାନର ସାଧକ ହେବା ସହ ମନ୍ତ୍ର ଦ୍ୱାରା ବିଭିନ୍ନ ରୋଗର ଉପଶମ କରୁଥିବା ସାଧାରଣରେ ବିଶ୍ୱାସ ରହିଥିଲା । ଶ୍ରୀ ବଳରାମ ମିଶ୍ରଙ୍କ ବିୟୋଗରେ ଜୟପୁର ବିଧାୟକ ତାର ପ୍ରସାଦ ବାହିନୀପତୀ, ପୂର୍ବତନ ରାଷ୍ଟ୍ର ମନ୍ତ୍ରୀ ରବି ନାରାୟଣ ନନ୍ଦ, ଭାଜପା ବିଧାୟକ ପ୍ରାର୍ଥୀ ଗୌତମ ସାମ୍ଭା, ଭାଜପା ନେତା ହିମାଂଶୁ ମହାପାତ୍ର, ବିଜେଡି ନେତ୍ରୀ ଡ଼. ଇନ୍ଦିରା ନନ୍ଦ, ଜିଲ୍ଲା କଂଗ୍ରେସ କମିଟି ସଭାପତି ଦୁର୍ଗା ଶଙ୍କର ସାହୁ ବୁଲୁ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି ।

# ବଣଭୋଜି ବେଳେ ଅସାବଧାନତାରୁ ଗୋଡ ଖସି ଯୁବକ ମୃତ

କନ୍ଧମାଳ, ୨୬/୧୧ (ନି.ପ୍ର): ବଣଭେଜି ହେଲା କାଳ । ଅସାବଧାନତାରୁ ଗୋଡ ଖସିଯିବାରୁ ଯୁବକ ମୃତ । ଏଭଳି ଅଭାବନୀୟ ଘଟଣା ଘଟିଛି ଫୁଲବାଣୀର । ବଣଭୋଜି କରିବାକୁ ଯାଇ ଅସାବଧାନତାବଶତଃ ଫୁଲବାଣୀର ଜଣେ ଯୁବକ ନଦୀରେ ବୁଡିଯାଇ ମୃତ୍ୟୁ ବରଣ କରିଛନ୍ତି। ମୃତକ ଜଣକ ହେଲେ ଫୁଲବାଣୀ ଗଣେଶ ବଜାରର ବ୍ୟବସାୟୀ ରାମାରାଓ ପାତ୍ରଙ୍କ ପୁଅ ଜଗଦୀଶ ପାତ୍ର (୨୬)। ସୂଚନା ଅନୁଯାୟୀ, ଶୁକ୍ରବାର ଫୁଲବାଣୀ ସହରର ଗଣେଷ ବଜାରର ସମସ୍ତ ଦୋକାନ ସବୁ ମାସ ପରି ବନ୍ଦ ଥିବା ଯୋଗୁଁ ଜଗଦୀଶର ସାଙ୍ଗ ଅଜିତ୍ ପାତ୍ର, ରବୀନ୍ଦ୍ର ନାୟକ, ରାଜ ସାହୁ ଓ ସରୋଜ କୁମାର ସାହୁଙ୍କ ସହିତ ମିଶି ସହର ନିକଟସ୍ଥ ତୁଡିପାଜୁ ପଞ୍ଚାୟତ ବୁଢାଦାନୀ ଗ୍ରାମ ନିକଟ ସାଲୁଙ୍କୀ ନଦୀକୁ ବଣଭୋଜି କରିବା ପାଇଁ କାଠପୋଲ ନିକଟକୁ ଯାଇଥିଲେ। ନଦୀରେ ଗାଧୋଇବା ସମୟରେ ଜଗଦୀଶ୍ ଏବଂ ଅଜିତର ଗୋଡ ଖସିଯିବାରୁ ଉଭୟ ପାଣି ଭିତରକୁ ଖସି ପଡ଼ିଥିଲେ। ଅଜିତ୍ କୌଣସି ପ୍ରକାର ବାହାରକୁ ବାହାରି ଆସିବାରେ ସକ୍ଷମ ହୋଇଥିଲେ ମଧ ଜଗଦୀଶ୍ ନଦୀର ଏକ ପଥରରେ ଲାଗିଯାଇ ବାହାରକୁ ଆସିପାରିନଥିଲେ। ପାଣି ତଳେ ଥିବା ପଥରରେ ତାଙ୍କର ମୁଣ୍ଡ ମାଡ ହୋଇ ଯାଇଥିଲା। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ଏବଂ ଅନ୍ୟ ମାନେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ : ଜିଲ୍ଲା ପ୍ରଶାସନ ଏକାଦଶକୁ ହରାଇଲା ବ୍ରହ୍ମବରଦା ଏକାଦଶ ବିଜୟୀ

ଧର୍ମଶାଳା, ୨୬/୧୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଏକ ଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରିକେଟ୍ ମ୍ୟାଚ ଜିଲା ପ୍ରଶାସନ ଏକାଦଶ ଓ ବ୍ରହ୍ମବରଦା ୧୬ବର୍ଷରୁ କମ୍ ଖେଳାଳୀ ଏକଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ହାଜିରମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଂଜନ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମ୍ୟାଚକୁ ଉଦଘାଟନ କରିଥିଲେ । ଅନ୍ୟଅତିଥିମାନଙ୍କ ମଧ୍ୟରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନଆଚାର୍ଯ୍ୟା ସରୋଜିନୀ ବେହେରା,ବନ୍ଧଡିହ ସହକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁଶାନ୍ତ କୁମାର ସାହାଣୀ, ଶିକ୍ଷକ ବିରେଶ ମହାନ୍ତିଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଲାଇଫ ଇନସ୍ୟୁରାନ୍ସ ଉପଦେଷ୍ଟା ଚନ୍ଦ୍ରମଣୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ମ୍ୟାଚରେ ବ୍ରହ୍ମବରଦା ଏକାଦଶ ଟସ୍ ଜିତି ଜିଲା ପ୍ରଶାସନକୁ ବ୍ୟାଟିଂ ପାଇଁ ସୁଯୋଗ ଦେଇଥିଲା । ପ୍ରଶାସନ ଏକାଦଶ ନିର୍ଦ୍ଧାରିତ ୧୬ ଓଭରରେ ୫ ଉଇକେଟ ହରାଇ ୧୪୪ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଶୁଭାଶିଷ ଜେନା ଦଳ ପକ୍ଷରୁ ସର୍ବାଧିକ ୫୬ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ନାସିରୁଦ୍ଦିନ ଖାଁନ ସର୍ବାଧିକ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ବ୍ରହ୍ମବରଦା ଏକାଦଶ ୧୪୫ ରନର ପିଛା କରି ୧୦.୩ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକୀୟ ରନ ସଂଗ୍ରହ କରିଥିଲା । ଦଳ ତରଫରୁ ନାସିରୁଦ୍ଦିନ ଖାଁନ ୨୨ବଲର ସମ୍ମୁଖୀନ ହୋଇ ୫୪ ରନ ସଂଗ୍ରହ କରିଥିଲେ । ନାସିରୁଦ୍ଦିନଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ କରାଯାଇଥିଲା । ଆଜିର ଖେଳକୁ ମଂଟୁ ଦାସ ଓ ରୋହିତ ଓଝା ଖେଳରକ୍ଷକଭାବେ ଖେଳକୁ ପରିଚାଳନା କରିଥିଲେ ।

# ସଠିପୁର ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ୯୮ତମ ଜୟନ୍ତୀ ପାଳିତ

କୋରେଇ, ୨୬/୧୧ (ନି.ପ୍ର): ସଠିପୁରି ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ସାଇ ମନ୍ଦିର ପରିସରରେ ୯୮ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃରୁ ଓକାରମ, ସୁପ୍ରଭାତମ, ନଗର ସର୍କିତନମ, ପରେ ଷୋଡଶ ଉପଚାର ପୂଜା କରାଯାଇଥିଲା । ମଙ୍ଗଳ ଆରତୀ ସହ ସମୂହ ପ୍ରସାଦ ସେବନ କରାଯାଇଥିଲା । ଆଜିର ସମାଜରେ ଶ୍ରୀ ସତ୍ୟସାଇ ଚରଣାଶ୍ରିତ ଯୁବକ ଯୁବତୀ ମାନଙ୍କ ଦ୍ୱାରା ସାଇ ଚରଣ ସର୍ମ୍ପକରେ ଆଲୋଚନା କରାଯାଇଥିଲା । ସନ୍ଧ୍ୟାରେ ଭଗବାନଙ୍କୁ ୯୮ଟି ଦୀପ ଅର୍ପଣ ଓ ବେଦପାଠ ପରେ ଭଜନ, ଜନ୍ମଦିନର କେକ କାଟିବା ସହ ବାଲ ବିକାଶ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସଂଗୀତ, ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ମଙ୍ଗଳ ଆଳତୀ କରାଯାଇ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ଭଜନ ମଣ୍ଡଳୀ ସମେତ ସଠିପୁର ଗ୍ରାମବାସୀ ସହଯୋଗ କରିଥିଲେ ।

# ପୁରୀ ଆଂଚଳିକ ପରିବହନ ବିଭାଗ ଦ୍ୱାରା ସ୍ପେଶାଲ ଡ୍ରାଇଭ

ପୁରୀ, ୨୬/୧୧ (ନି.ପ୍ର): ପୁରୀ ଆଂଚଳିକ ପରିବହନ ବିଭାଗ ଦ୍ୱାରା ସ୍ପେଶାଲ୍ ଡ୍ରାଇଭ କାର୍ଯ୍ୟକ୍ରମ କରାଯାଇଛି । ମୋଟ ୫ ଲକ୍ଷ ୮୨ ହଜାର ୭୦୬ ଟଙ୍କା ଜରିମାନା ଆଦାୟ କରାଯାଇଛି । ୧୭ଜଣ ମଦୁଆ ଡ୍ରାଇଭରଙ୍କୁ ଧରାଯାଇଛି । ପୁରୀ ଜିଲ୍ଲା ଆଂଚଳିକ ପରିବହନ ବିଭାଗ ପକ୍ଷରୁ ମଙ୍ଗଳା ଘାଟ ରୋଡ ସମେତ ବିଭିନ୍ନ ରୋଡରେ ସ୍ପେଶାଲ୍ ଡ୍ରାଇଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭାଗ କମିଶନର ଅମିତାଭ ଠାକୁରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାପାଳ ସମର୍ଥ ବର୍ମା ଓ ଏସପି ଡା କନୱର ବିଶ୍ୱାଳ ସିଂଙ୍କ ପରାମର୍ଶ କ୍ରମେ ଓ ଆର୍.ଟି.ଓ. ରବିନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚଢ଼ାଉରେ ୧୭ଜଣ ମଦୁଆ ଗାଡ଼ି ଚାଳକଙ୍କୁ ଧରି ଜୋରିମାନା କରାଯାଇଥିଲା । ଦ୍ରୁତ ଗତି ଗାଡ଼ି ଚାଳନା ପାଇଁ ୧୯ଜଣଙ୍କୁ, ବିନା ହେଲମେଟ ପାଇଁ ୧୫ଜଣଙ୍କୁ, ମୋବାଇଲ ବ୍ୟବହାର ପାଇଁ ଜଣଙ୍କୁ, ଓଭର ଲୋଡ଼ିଂ ପାଇଁ , ପର୍ମିଟ ନଥିବାରୁ , ମାଲ ବାହି ଗାଡ଼ିରେ ପାସେଞ୍ଜର ପାଇଁ, ଓ ଟ୍ରିପଲ୍ ରାଇଣ୍ଡିଙ୍ଗ ପାଇଁ ଜଣେ ଲେଖାଏଁ, ଡିଏଲ୍ ଅନ୍ ଭ୍ୟାଲିଡ ପାଇଁ ୧୩ଜଣଙ୍କୁ ଓ ଆନ୍ୟାନ୍ୟ କାରଣରୁ ୧୨ଜଣଙ୍କୁ ସମୁଦାୟ ୮୨ଜଣଙ୍କ ଠାରୁ ୫ ଲକ୍ଷ ୮୨ ହଜାର ୭୦୬ ଟଙ୍କା ଫାଇନ୍ ଆଦାୟ କରାଯାଇ ୨ଲକ୍ଷ ୧୧,୮୧୧ଟଙ୍କା ଫାଇନ ନଗଦ ଅସୁଲି କରାଯାଇଥିଲା । ଏମଭିଆଇ, ଅତିରିକ୍ତ ଏମଭିଆଇ ଓ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିବା ବେଳେ ଆଗକୁ ଏ ଅଭିଯାନ ଜିଲ୍ଲାର ପ୍ରତ୍ୟେକ ଅଂଚଳରେ ଆହୁରି କଡ଼ା କଡି କରାଯିବ ବୋଲି ଆରଟିଓ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ପାନୀୟ ଜଳ ପ୍ରକଳ୍ପ ଯୋଜନାରେ ଅନିୟମିତତା

ସାଲେପୁର, ୨୬/୧୧ (ନି.ପ୍ର): ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ଓଡିଶା ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଗ୍ରାମାଂଚଳରେ ସାଧାରଣ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବସୁଧା ଯୋଜନା ଆରମ୍ଭ କରିଥିଲେ । ସମସ୍ତଙ୍କ ପାଇଁ ସ୍ୱଚ୍ଛ ପିଇବା ପାଣି ହର ଘର ଜଳ ଜୀବନ ମିଶନ ଦ୍ୱାରା ପ୍ରତି ପରିବାରକୁ ପିଇବା ପାଣି ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଦୃଢ ନିଷ୍ପତି ନେଇଥିଲେ । ଏହି ନିଷ୍ପତିକୁ ପ୍ରତି ଜିଲ୍ଲା ଓ ବ୍ଲକରେ କାର୍ଯ୍ୟକାରୀ କରିବା ପାଇଁ ବିପୁଳ ପରିମାଣରେ ଅର୍ଥ ଯୋଗାଇ ଦିଆଯାଇଥିଲା । ଯେଉଁଥିରେ କି ବୋର ୱେଲ୍ ଖୋଳା ଯାଇ ପାଣିର ମାନ ପରୀକ୍ଷାଗାରରେ ପରୀକ୍ଷା କରାଯାଇ ଲୋକମାନଙ୍କୁ ଦିଆଯିବା କଥା । କିନ୍ତୁ ବଡ ଦୁଃଖ ଏବଂ ପରିତାପର ବିଷୟ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଦେଖିବାକୁ ମିଳିଛି । ରାଜ୍ୟ ସରକାର ଯୋଜନା ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଦିଗ ହରା ହୋଇଯାଇଥିବା ଦେଖିବାକୁ ମିଳିଛି । ଖବର ମୁତାବକ ଜିଗ୍ନିପୁର ଗ୍ରାମ ପଂଚାୟତରେ ତା. ୧୧.୦୨.୨୦୧୪ ତାରିଖ ମଙ୍ଗଳବାର ଦିନ ସ୍ଥାନୀୟ ମାନ୍ୟବର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜିଗ୍ନିପୁର ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପକୁ ଶୁଭ ଉଦ୍ଘାଟନ କରିଥିଲେ । ତାଙ୍କ ସହ ସମ୍ମାନୀତ ଅତିଥି ଭାବେ ସେତେବେଳର ନିଶ୍ଚିନ୍ତକୋଇଲି ପଂଚାୟତ ସମିତିର ଅଧ୍ୟକ୍ଷ ଗିରିଶ ରଂଜନ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲ, ସରପଂଚ ମାନସ କୁମାର ମଲ୍ଲିକ, ସମିତିସଭ୍ୟ ମଳୟ ଘଡାଇ ଓ ବଳଦେବଜୀଉ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟୀ ଧୀରେନ୍ଦ୍ରନାଥ ବେହେରା ପ୍ରମୁଖ ଉଦ୍ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ । ଉଦ୍ଘାଟନ ପରଠାରୁ କିଛି ଦିନ ନଯାଉଣୁ ଏହି ପାନୀୟ ଜଳ ପ୍ରକଳ୍ପଟି ୯ ବର୍ଷ ହୋଇଗଲା ଅଚଳ ହୋଇ ପଡିଛି । ବେଳେ ବେଳେ ଏହି ପ୍ରକଳ୍ପରୁ ପାଣି ବାହାରୁଥିଲେ ମଧ ବିଭିନ୍ନ ଅଂଚଳକୁ ବିଛା ଯାଉଥିବା ପାଇପ ଲାଇନ ନଷ୍ଟ ହୋଇଯାଇଛି । କିଛି ଜାଗାରେ ଏମ୍.ଏସ୍. ପାଇପ ଗୁଡିକୁ ଦୁର୍ବୁତମାନେ ଚୋରୀ କରି ନେଇଯାଇଥିବାର ଶୁଣିବାକୁ ମିଳିଛି । ଏହି ପ୍ରକଳ୍ପର ଦାୟିତ୍ୱରେ ଥିବା ଅଧିକାରୀମାନେ ସବୁ ଦେଖି ନଜାଣିଲା ପରି ଅଭିନୟ କରି ଚାଲିଛନ୍ତି । ଏହାର ପଛପଟରେ ବିଭାଗୀୟ ଅଧିକାରୀଙ୍କର ହାତ ଥିବା ଆଲୋଚନା ହେଉଛି । ଅଧିକାରୀଙ୍କ ଜ୍ଞାତ ସାରରେ ବିଭିନ୍ନ ପାଇପ ଲାଇନ ନଷ୍ଟ ହୋଇଯାଇଥିଲେ ମଧ ଏହାକୁ ମରାମତି କରାଯାଇ ଲକ୍ଷାଧିକ ଟଙ୍କା ଲୁଟ ହେଉଥିବାର ଅଭିଯୋଗ ହୋଇଛି । ଏହି ପାନୀୟ ଜଳ ପ୍ରକଳ୍ପରୁ ଲୋକମାନଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହେଉନଥିବାରୁ ଏତେ ଟଙ୍କା ମରାମତିରେ ବିଲ୍ କରାଯାଇ ଲୁଟ୍ କରାଯାଇଛି । ଅପରପକ୍ଷରେ ଏହି ପାନୀୟ ଜଳ ପ୍ରକଳ୍ପକୁ ଜଣେ ଏ.ସି.ଏମ୍. ନିଯୁକ୍ତି ପାଇଛନ୍ତି ଏବଂ ପଂଚାୟତରୁ ପ୍ରତିମାସରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିବାର ଶୁଣିବାକୁ ମିଳୁଛି । ଜିଗ୍ନିପୁରରେ ଏହି ପାନୀୟଜଳ ପ୍ରକଳ୍ପ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଆର.ଡବ୍ଲୁ ଏସ୍ ଏସ୍ ତରଫରୁ ସୋଲାର ୱାଟର ପମ୍ପ ସିଷ୍ଟମ୍ କରାଯାଇଛି । ଏହି ସୋଲାର ସିଷ୍ଟମର ମୂଲ୍ୟ ୫.୪୪ ଲକ୍ଷ ହୋଇଥିଲା ବେଳେ ପାଣି ଟାଙ୍କି ଏବଂ ଗୃହ ନିର୍ମାଣରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି । ପ୍ରତି ମାସରେ ଗ୍ରାମ ପଂଚାୟତ ତରଫରୁ ବିଦ୍ୟୁତ ବିଲ୍ ମଧ ପ୍ରଦାନ କରାଯାଉଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ମିଳିପାରୁନାହିଁ ବୁନ୍ଦାଏ ହେଲେ ବିଶୁଦ୍ଧ ପାନୀୟ ଜଳ । ଯାହାଫଳରେ ସରକାର କା ମାଲ୍ ଦରିଆ ମେ ଡାଲ୍ ପରି ହୋଇଛି । ରାଜ୍ୟ ସରକାର ଲୋକମାନଙ୍କର ବିକାଶ କଥା ଚିନ୍ତା କରୁଥିଲା ବେଳେ ଏଠାରେ କିନ୍ତୁ ଭିନ୍ନ କଥା ଦେଖିବାକୁ ମିଳିଛି । ସେହିଭଳି ଭାବରେ ବରାଦୋ ଗ୍ରାମ ପଂଚାୟତରେ ବରାଦୋଠାରେ ଲକ୍ଷାଧିକ ଟଙ୍କାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି ।

# ଉତ୍କଳ ନୌବାଣିଜ୍ୟ ପରମ୍ପରାର ବାର୍ତ୍ତାବହ : କାର୍ତ୍ତିକ ପୂର୍ଣ୍ଣିମା



ରାଜସ୍ମିତା ବାରିକ



ସନାତନ ଧର୍ମରେ କାର୍ତ୍ତିକ ମାସ ହେଉଛି ଏକ ପବିତ୍ର ମାସ, ଯାହାକି ଆମ ଧର୍ମ, ସଂସ୍କୃତି ଓ ପରମ୍ପରାର ଏକ ପ୍ରତୀକ । ଏହି ମାସ ଭଗବାନଙ୍କର ପ୍ରିୟ ଅଟେ। ଭକ୍ତ ମାନେ ମୋକ୍ଷ ପାଇବା ପାଇଁ ସ୍ନାନ, ଦାନ, ଧର୍ମ, ତପ ଏବଂ ଜପ କରିଥାନ୍ତି। ଶାସ୍ତ୍ର ରେ ଅଛି ଏହି କାର୍ତ୍ତିକ ବ୍ରତକୁ ନିଷ୍ଠା ର ସହ କଲେ ଅନେକ ପାପ ନାଶ ହୋଇ ପୁଣ୍ୟ ଫଳ ପ୍ରାପ୍ତି ହୁଏ।

କିମ୍ବଦନ୍ତୀ କହେ ଶିବଙ୍କ ପୁତ୍ର କାର୍ତ୍ତିକେୟ ଙ୍କ ନାମ ଅନୁସାରେ କାର୍ତ୍ତିକ ମାସ ପ୍ରଚଳନ ହୋଇଛି। କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନ ରାସପଞ୍ଚକ ରୂପେ ପ୍ରସିଦ୍ଧ। ଏହା ମହା ପଞ୍ଚକ, ବକପଞ୍ଚକ ,ଭୀଷ୍ମପଞ୍ଚକ ଏବଂ ବିଷ୍ଣୁ ପଞ୍ଚକ ଭାବେ ମଧ୍ୟ ଜଣାଶୁଣା। ଭକ୍ତ ମାନେ ଶ୍ରଦ୍ଧାର ସହ ଶିବ ଓ ବିଷ୍ଣୁଙ୍କର ଉପାସନା କରିବା ସହ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରିଥାନ୍ତି । ଏହି ପାଞ୍ଚ ଦିନ ଭକ୍ତ ମନେ ତୁଳସୀଚଉରା ମୂଳରେ ପୂଜା କରି ବିଭିନ୍ନ ରଙ୍ଗର ମୁରୁଜ ପକାଇ ରାଇ ଦାମୋଦର ଙ୍କୁ ଆରାଧନା କରନ୍ତି। ଯାହାକି ବାର୍ତ୍ତା ଦିଏ ପ୍ରତିଟି ଓଡ଼ିଆ ହେଉଛି ସୁକ୍ଷ୍ମ କାରୁକାର୍ଯ୍ୟରେ ନିପୁଣ ଶିଳ୍ପୀ । ପୂଜା ସମୟରେ ଗଜା ମୁଗ, ଗଜା ବୁଟ ଏବଂ ତାଳ ଗଜା ଦାମୋଦରଙ୍କ ପାଖରେ ଭୋଗ ଲାଗି ହୋଇଥାଏ । ଯେଉଁ ଭକ୍ତମାନେ କାର୍ତ୍ତିକ ମାସ ସାରା ହବିଷ୍ୟ କରିପାରନ୍ତି ନାହିଁ, ସେମାନେ ଏହି ପାଞ୍ଚଦିନ ହବିଷ୍ୟ ପାଳନ କରନ୍ତି। ଏହି ପାଞ୍ଚ ଦିନ ସାତ୍ତ୍ୱିକ ଭୋଜନ କରନ୍ତି। କିମ୍ବଦନ୍ତୀ ଅନୁଯାୟୀ ବଗ ଏକ ପକ୍ଷୀ ଯିଏ କି ମାଛ, କଙ୍କଡା ଆଦି ଖାଇଥାଏ, ସେ ମଧ୍ୟ ଏହି ପାଞ୍ଚ ଦିନ ଆମିଷ ଭୋଜନ କରେ ନାହିଁ । ସେଥି ପାଇଁ ଏହାକୁ 'ବକ ପଞ୍ଚକ' କୁହାଯାଇ ଥାଏ । ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ଅନେକ ଲୋକ ଏହି 'ଭୀଷ୍ମ ପଞ୍ଚକ ବ୍ରତ' ପାଳନ କରନ୍ତି । ପଞ୍ଚୁକ ରେ ପ୍ରଭୁ ଶ୍ରୀ ଜଗନ୍ନାଥ ଅନେକ ଆକର୍ଷଣୀୟ ବେଶରେ ସଜ୍ଜିତ କରାଯାଏ । ଏହି ବ୍ରତ କେବଳ ହିନ୍ଦୁ ଧର୍ମ ରେ ସୀମିତ ହୋଇ ନାହିଁ। ଜୈନ ଏବଂ ଶିଖ ଧର୍ମର ଲୋକ ମାନେ ମଧ୍ୟ ଏହାକୁ ଏକ ପବିତ୍ର ମାସ ରୂପେ ମାନିଥାନ୍ତି। ପଞ୍ଚକର ଶେଷ ଦିନ ପୂର୍ଣ୍ଣମୀ ରେ ବୋଇତ ବନ୍ଦାଣ ଉତ୍ସବ ହୁଏ, ଯାହାକି ଆମ ନୌବାଣିଜ୍ୟ ପରମ୍ପରାକୁ ମନେପକାଇ ଦିଏ। କଦଳୀ ବାହୁଙ୍ଗା ଏବଂ ସୋଲରେ ଡଙ୍ଗା ତିଆରି କରି ପୂର୍ବ ସ୍ମୃତିକୁ ପ୍ରତିଟି ଓଡ଼ିଆ ମନେ ପକାଏ । ବୋଇତ ବନ୍ଦାଣ ସମୟରେ ପ୍ରତିଟି ଓଡ଼ିଆ ଗାଏ

'ଆ କା ମା ବୈ
ପାନ ଗୁଆ ଥୋଇ
ମାସକ ଧରମ ତୋର
ଦିନକ ଧରମ ମୋର ।'

ପୂର୍ବରୁ ଉତ୍କଳ ପ୍ରଦେଶରେ ଥିବା ବନ୍ଦର ଗୁଡ଼ିକ ମୁଖ୍ୟତଃ ନୌବାଣିଜ୍ୟର ପେଣ୍ଠ ସ୍ଥଳ ଥିଲା । ସେ ସମୟରେ ସାଧବ ପୁଅ ମାନେ ବେପାର ବଣିଜ କରିବାକୁ ଦୂର ଦେଶ ବାଲି, ସୁମାତ୍ରା, ଜାଭା, ବର୍ଣିଓ, ଇଣ୍ଡୋନେସିଆ ପରି ଦ୍ୱୀପକୁ ଯାଉଥିଲେ। ତନୟବନ୍ତ୍ ନାମକ ଜଣେ ସାଧବଙ୍କର ସାତ ଖଣ୍ଡ ବୋଇତ ଥିଲା। ତାଙ୍କର ସାତ ପୁଅ, ସାତ ବୋହୁ ଓ କନ୍ୟା ତଅପୋଇ ଥିଲେ । ତଅପୋଇର ଭାଇ ମାନେ ବଣିଜ କରିବାକୁ ଯାଇଥିବାବେଳେ ଭାଉଜ ମାନେ ତାଙ୍କୁ ବହୁତ କଷ୍ଟ ଦେଉଥିଲେ । ରାଜକୁମାରୀ ଭଉଣୀଟି ଘର ଛାଡି ଜଙ୍ଗଲରେ ଛେଳି ଚରାଇବା ସହ ଅନେକ ଦିନ ନ ଖାଇ ନ ପିଇ ରହିଥିଲେ । ଏହି ସମୟରେ ସେ ମାଆ ଖୁଦୁରିକୁଣିଙ୍କୁ ପୂଜା କରିଥିଲେ ଏବଂ ମାଆ ତାଙ୍କୁ ସହାୟକ ହୋଇଥିଲେ । ଏହାପରେ ତଅପୋଇର ଭାଇ ମାନେ ବଣିଜରୁ ଫେରି ସବୁକିଛି ବୃତ୍ତାନ୍ତ ଜାଣିବାକୁ ପାଇଥିଲେ ଏବଂ ମାଆ ସେଇ ନିର୍ଯ୍ୟାତନା ଦେଉଥିବା ଭାଉଜ ମାନଙ୍କୁ ଦଣ୍ଡିତ କରିଥିଲେ । ସାଧବ ପୁଅ ମାନେ ବେପାର ବଣିଜ ପାଇଁ ଅକାତ କାତ ପାଣିକୁ ଯାଆନ୍ତି, ତେଣୁ ତାଙ୍କର ଆରାଧ୍ୟ ଦେବୀ ହେଉଛନ୍ତି ମାଆମଙ୍ଗଳା, ଯିଏକି ସଙ୍କଟହାରିଣୀ ରୂପେ ତାଙ୍କ ଭକ୍ତ ମାନଙ୍କୁ ସବୁ ବିପଦରୁ ଉଦ୍ଧାର କରନ୍ତି।

ବର୍ତ୍ତମାନର ଆଧୁନିକତାର ଛାପ ପଡ଼ିବା ଯୋଗୁଁ କାର୍ତ୍ତିକ ବ୍ରତ ଓ ପୂଜା ପାଠ ସବୁ ଲୋକ ଦେଖାଣିଆ ହୋଇଗଲାଣି। ମନୁଷ୍ୟ ମୋକ୍ଷ ପାଇବା ପାଇଁ ଯଜ୍ଞ ,ତପ ,ଦାନ ଏବଂ ଧର୍ମ କରୁଛି, କିନ୍ତୁ ତା ଭିତରେ ଭିତରେ ହଜିଯାଉଛି ମନୁଷ୍ୟତ୍ୱ । ତେଣୁ ଏହି କାର୍ତ୍ତିକ ମାସ ଆମକୁ ବାର୍ତ୍ତା ଦେଉ କେବଳ ଗୋଟିଏ ମାସ କାର୍ତ୍ତିକ ନୁହଁ ସବୁ ଦିନ ନିଜ ଭିତରେ ଶୁଦ୍ଧଚିନ୍ତାଧାରା, ସତ୍ ମାର୍ଗକୁ ଅନୁସରଣ କରିବା ଏବଂ ଉତ୍କଳର ପ୍ରାଚୀନ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ସମସ୍ତେ ତତ୍ପର ହେବା । ଉତ୍କଳର ପରମ୍ପରା ବିଲୁପ୍ତ ନ ହେଉ, ପିଢି ପରେ ପିଢି ଏହାକୁ ସୁରକ୍ଷିତ ଭାବେ ହସ୍ତାନ୍ତର କରୁ, ଫଳରେ ଏହା ଚିର ସ୍ମରଣୀୟ ହୋଇ ରହିବ ।

+ନୀଳଗିରି, ବାଲେଶ୍ୱର

# ଆମ ସଂସ୍କୃତି ଆମ ପରମ୍ପରା



କାଳି ଦାସ

ପ୍ରତ୍ୟେକ ବର୍ଷ କାର୍ତ୍ତିକ ମାସ ଆସିଗଲେ ସାଧାରଣ ଲୋକ ମାନଙ୍କ ଭିତରେ ଏକ ସଂଯମ ଜୀବନ ଯାପନ ପାଇଁ ଉତ୍ସାହ ବଢି ଥାଏ ।

ଧର୍ମ ପାଳନ ମୁଖ୍ୟ ଉଦ୍ଦେଶ୍ୟ ହେଲା ନିଜର ଇନ୍ଦ୍ରିୟ ଓ ମନ କୁ ଯେତେ ସମ୍ଭବ ସଂଯମ କରିବା । ଜଣେ ସଂଯମି ମଣିଷ ଅନ୍ୟମାନଙ୍କ ପାଇଁ ଆଦର୍ଶ ରନମୁନା ହୋଇ ଠିଆ ହୁଏ ।

ସମସ୍ତ ଇନ୍ଦ୍ରିୟ ସହିତ ମନକୁ ସଂଯମ କରିବା ଏକ କଠିନ କାର୍ଯ୍ୟ । କାରଣ ଆମେ ଆମର ମନର ଗୋଲାମ । ମନକୁ ମଧ୍ୟ ନିଜର ଅଧିନ କରିହେବ । ଏ ବିଶ୍ୱାସ ମଧ୍ୟ ଆମ ପାଖରେ ନଥାଏ । କିନ୍ତୁ ଆମ ପୂର୍ବ ପୁରୁଷ ମାନେ ଏମିତି ଏକ ମହତ ଜୀବନ ଯାପନର ଦୃଷ୍ଟାନ୍ତ ଆମ ଆଗରେ ରଖି ଦେଇଛନ୍ତି ଯାହା ଯୁଗ ଯୁଗ ଧରି ଆମକୁ ଭଲ ମଣିଷ ହେବାପାଇଁ ମାର୍ଗ ଖୋଲା ରଖିଛି ।

ଭାରତ ରେ ବିଭିର୍ନ୍ନ ଧର୍ମର ଲୋକ ବସ ବାସ କରନ୍ତି ଏବଂ ନିଜ ନିଜର ପର୍ବ ପର୍ବାଣିକୁ ହର୍ଷ ଓ ଉଲ୍ଲାସରେ ପାଳନ କରନ୍ତି । କାର୍ତ୍ତିକ ପୂର୍ଣ୍ଣିମା ହେଲା ହିନ୍ଦୁ ଶିଖ ଏବଂ ଜୈନ ଧର୍ମ ଅବଲମ୍ବନ କରିଥିବା ଲୋକଙ୍କ ଉତ୍ସବ । କାର୍ତ୍ତିକ ପୂର୍ଣ୍ଣିମା ନଭେମ୍ବର କିମ୍ବା ଡ଼ିସେମ୍ବର ମାସ ରେ ପଡ଼ିଥାଏ। ଦୀପାବଳିର ୧୫ ଦିନ ପରେ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯାଇଥାଏ । କାର୍ତ୍ତିକ ପୂର୍ଣ୍ଣିମାକୁ ତ୍ରିପୁରାରି ପୂର୍ଣ୍ଣିମା ଏବଂ ଦେବ ଦୀପାବଳୀ ମଧ୍ୟ କୁହାଯାଏ । କାର୍ତ୍ତିକ ପୂର୍ଣ୍ଣିମା ଦକ୍ଷିଣ ଭାରତ ଏବଂ ଶ୍ରୀଲଙ୍କରେ ମଧ୍ୟ ପାଳନ କରାଯାଇଥାଏ । କାର୍ତ୍ତିକ ମାସ ରେ ମୁଖ୍ୟତଃ ବିଷ୍ଣୁଙ୍କ ଆରାଧାନା କରାଯାଇଥାଏ । ହିନ୍ଦୁ ମାନଙ୍କର ଚତୁର୍ମାସ୍ୟା ଏକ ଧାର୍ମିକ ସମୟ । ଶ୍ରାବଣ , ଭାଦ୍ରବ , ଅଶ୍ୱିନ ଓ କାର୍ତ୍ତିକ ଚାରି ମାସକୁ ଧରି ଚତୁର୍ମାସ୍ୟା ହୁଏ। ଚତୁର୍ମାସ୍ୟା ର ଶେଷ ମାସ ହେଲା କାର୍ତ୍ତିକ ମାସ । ଚତୁର୍ମାସ୍ୟା ରେ ହିନ୍ଦୁମାନେ ଆଧାତ୍ମିକ ସାଧନା ରେ ନିଜକୁ ନିୟୋଜିତ କରିଥାନ୍ତି । ମଣ୍ଡୁକ ଉପନିଷଦ ରେ କୁହାଯାଇଛି ଯେ ଏହି ଚତୁର୍ମାସ୍ୟାରେ ଦ୍ରଷ୍ଟା ବା ସନ୍ଥ ମାନେ ନିଜ ରହୁଥିବା ସ୍ଥାନ କୁ ଛାଡି ସାଧାରଣ ଗୃହସ୍ଥଙ୍କୁ ଜ୍ଞାନ ଦେବାପାଇଁ ଆଗେଇ ଆସିଥାନ୍ତି ।

ବୈଷ୍ଣବ ମାନଙ୍କ ପାଇଁ କାର୍ତ୍ତିକ ମାସ ଏବଂ କାର୍ତ୍ତିକ ପୂର୍ଣ୍ଣିମାର ମହତ୍ୱ ରହିଛି । କୁହାଯାଏ ଏହି ସମୟ ରେ ରାଧା କୃଷ୍ଣ ଗୋପୀମାନଙ୍କୁ ନେଇ ରାସ ଲୀଳା କରିଥିଲେ । ରାଧା କୃଷ୍ଣମନ୍ଦିର ରେ ରାସଲୀଳା ଆଜି ମଧ୍ୟ ଭକ୍ତଙ୍କ ଦ୍ୱାରା ଦେଖିବା କୁ ମିଳିଥାଏ । ତୁଳସୀ ଚଉରା ଚାରି ପଟେ ବୁଲି ମହିଳା ମାନେ ନୃତ୍ୟ କରିଥାନ୍ତି ।

ତୁଳସୀ ଗଛର ମାହାତ୍ମ୍ୟ କାର୍ତ୍ତିକ ମାସରେ ବେଶ ଦେଖାଯାଇଥାଏ । ସକାଳୁ ମହିଳାମାନେ ଉଠି ତୁଳସି ଗଛର ଚାରି ପଟେ ସଫାକାରିଥାନ୍ତି , ସେଥିରେ ପଞ୍ଚମୁରୁଜରେ ବିଭିର୍ନ୍ନ ପ୍ରକାର ଚିତା ପକାଇଥାନ୍ତି । ମୁଖ୍ୟତଃ ଜଗନ୍ନାଥ , ବଳଭଦ୍ର ଓ ସୁଭଦ୍ରାଙ୍କ ଛବି ଆଙ୍କିଥାନ୍ତି। କାର୍ତ୍ତିକ ମାସ ଏକ ଧର୍ମ ମାସ ସେଥିପାଇଁ ସକାଳୁ ଉଠି ଲୋକମାନେ ସ୍ନାନ କରିଥାନ୍ତି , ଦାନ କରିଥାନ୍ତି ଓ ମାସ ମାସ ସାରା ସାତ୍ୱିକ ଭୋଜନ କରିଥାନ୍ତି।

କାର୍ତ୍ତିକ ମାସ ରେ ବିଷ୍ଣୁଙ୍କର ଓ ଶିବଙ୍କର ଆରାଧନା କରାଯାଇଥାଏ । କାର୍ତ୍ତିକ ମାସ ରେ ଯେତେବେଳେ ରୋହିଣି ନକ୍ଷେତ୍ର ପଡ଼ିଥାଏ ସେତେବେଳେ ଭଗବାନ କୃଷ୍ଣଙ୍କୁ ପୂଜା କରାଯାଏ। ଲୋକଙ୍କ ବିଶ୍ୱାସ ଅଛି ଯେ ଏହା ଦ୍ୱାରା ପ୍ରାଚୁର୍ଯ୍ୟ ମିଳିଥାଏ । ଓଡିଶାର ଇଷ୍ଟ ଦେବତା ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶହ ଶହ ଭକ୍ତ ପୁରୀ ଯାଇଥାନ୍ତି । ଚାରିଧାମ ଭିତରେ ଶ୍ରେଷ୍ଟ ଧାମ ହେଲା ପୁରୀ । କାର୍ତ୍ତିକ ମାସ ରେ ଭକ୍ତମାନେ ଜଗନ୍ନାଥଙ୍କୁ ଦର୍ଶନ କରି ଜଗନ୍ନାଥଙ୍କ ଅଭଡା ଖାଇ ନିଜକୁ ଧନ୍ୟ ମନେ କରନ୍ତି । ଅଁଳା ନବମୀରେ ରାଧାପାଦ ଦର୍ଶନର ସ୍ୱତନ୍ତ୍ର ମହତ୍ୱ ରହିଛି । ମାଳତି ଫୁଲକୁ ରାଧାଙ୍କ ପାଦରେ ରଖି ଶ୍ରଦ୍ଧାଳୁମାନେ ରାଧା କୃଷ୍ଣଙ୍କର ଆଶୀର୍ବାଦ ନେଇଥାନ୍ତି ।

କାର୍ତ୍ତିକ ପୂର୍ଣ୍ଣିମାକୁ ତ୍ରିପୁରାରି ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ଦିନ ଭଗବାନ ଶିବ ତ୍ରିପୁରାସୁରକୁ ବଧ କରିଥିଲେ । ଏକମାତ୍ର ଶର ରେ ତ୍ରିପୁରାସୁରର ଅନ୍ତ ହୋଇଥିଲା ଏବଂ ଦେବତା ମାନେ ଖୁସି ହୋଇ ଦୀପାବଳି ପାଳନ କରିଥିଲେ ତେଣୁ କାର୍ତ୍ତିକ ପୂର୍ଣ୍ଣିମାକୁ ଦେବଦୀପାବଳି ମଧ୍ୟ କୁହାଯାଏ । ଶିଖ ମାନଙ୍କ ଗୁରୁ, ଗୁରୁ ନାନକଙ୍କ ଜନ୍ମ କାର୍ତ୍ତିକ ପୂର୍ଣ୍ଣିମା ଦିନ ହୋଇଥିଲା ତେଣୁ ଶିଖ ମାନଙ୍କ ଦ୍ୱାରା କାର୍ତ୍ତିକ ପୂର୍ଣ୍ଣିମାକୁ "ଗୁରୁପରବ" ରୂପେ ପାଳନ କରାଯାଇଥାଏ । ଜୈନଙ୍କ ପାଇଁ କାର୍ତ୍ତିକ ପୂର୍ଣ୍ଣିମାର ବହୁତ ମହତ୍ୱ ରହିଛି । ଏହି ଦିନ ସେମାନେ ତୀର୍ଥ ଯାତ୍ରା କରିଥାନ୍ତି । ୨୧୬ କିମି ପାହାଡୀ ରାସ୍ତାରେ ଯାଇ ଭଗବାନ ଆଦିନାଥଙ୍କ ଦର୍ଶନ କରିଥାନ୍ତି ।

ଭଗବାନଙ୍କ ବିଭିର୍ନ୍ନ ଅବତାର ମଧ୍ୟରୁ ମତ୍ସ୍ୟ ଅବତାର ହେଲା ପ୍ରଥମ ଅବତାର ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଗ୍ରହଣ କରିଥିଲେ ।

ଓଡିଶାରେ ଓ ଓଡିଆ ଲୋକମାନଙ୍କପାଇଁ କାର୍ତ୍ତିକ ପୂର୍ଣ୍ଣିମାର ମହତ୍ୱ ସବୁଠାରୁ ନିଆରା । ଓଡିଆ ସାଧବ ପୁଅ ମାନେ ଏହି ଦିନ ବୋଇତ ନେଇ ବିଭିର୍ନ୍ନ ଦେଶ କୁ ଯାଉଥିଲେ ଏବଂ ସେଇଠୁ ଧନ ରତ୍ନ ନେଇଆସୁଥିଲେ। ସେମାନେ ମୁଖ୍ୟତଃ ବାଲି, ଜାଭା, ସୁମିତ୍ରା, ଶ୍ରୀଲଙ୍କା, ଥାଇଲେଣ୍ଡ ଓ କୋମ୍ବୋଡିଆ ରାଜ୍ୟ କୁ ଯାଇ ବ୍ୟେବସାୟ କରୁଥିଲେ। ମୋର୍ଯ୍ୟ ଶାସକଙ୍କ ସମୟ ରେ ଓଡିଶା ର ସାଧବ ପୁଅ ମାନେ ବାଣିଜ୍ୟ ବେପାର କରୁଥିଲେ ଏବଂ ଓଡିଶା ଗୋଟିଏ ସମୃଦ୍ଧ ରାଜ୍ୟ ଥିଲା । ଓଡିଶା ରେ ଏହି ସମୟ ରେ ମୌସମୀ ବିଦାୟ ନେଇ ଥାଏ । ସମୁଦ୍ର ରେ ଯାତ୍ରା କରୁଥିବା ସାଧବ ପୁଅଙ୍କୁ ଝଡବତାସ ର ଭୟ ନଥାଏ । ସେଥିପାଇଁ ଏହି ସମୟ କୁ ସେମାନେ ବାଛିଥାନ୍ତି । ସେହି ସୃତିକୁ ବଞ୍ଚାଇ ରଖିବା ପାଇଁ ଆଜି ମଧ୍ୟ ବୋଇତ ବନ୍ଦାଣ ଉତ୍ସବ ହେଉଛି । ଲୋକମାନେ ନିକଟସ୍ଥ ନଦୀ ପୋଖରୀ ପାଖକୁ ଯାଇ ବୋଇତ ଭସାଇଥାନ୍ତି । ନଡିଆ, ଫଳ, ମିଠା ପୂଜା କରୁଛନ୍ତି । ପ୍ରାଚୀନ କାଳରେ ସାଧବ ଝିଅ ବହୁ ନଦୀକୂଳ ରେ ଏହି ପୂଜା କରୁଥିଲେ । ବୋଇତକୁ ବନ୍ଦାପନା କରୁଥିଲେ । ଘରର ପୁରୁଷମାନେ ନିଜ ଯାତ୍ରାରେ ସଫଳ ହୋଇ ସୁରକ୍ଷିତ ଫେରିଆସିବେ ସେଥିପାଇଁ ଜଳ ଦେବତାଙ୍କୁ ପୂଜା କରୁଥିଲେ ।



ଆଜି ବୋଇତ ବନ୍ଦାଣ ଆମପାଇଁ ଉତ୍ସବ ହୋଇଯାଇଛି । ଏହା ଓଡିଶାର ଏକ ଗୌରବମୟ ଇତିହାସ । ବିଭିର୍ନ୍ନ ସ୍ଥାନ ରେ ବୋଇତ ବନ୍ଦାଣର ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳୁଛି । ସାଧବ ପୁଅଙ୍କ ବଣିଜ ବେପାରକୁ ନେଇ ଅନେକ କାହାଣୀ ଗଳ୍ପ ଉପନ୍ୟାସ ଓ କବିତା ଆମ ସାହିତ୍ୟରେ ଦେଖିବା ମିଳିଛି ।

+ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର ,
ମୋ: ୭୨୦୫୧୦୦୮୩୯



## କାର୍ତ୍ତିକ ପୂର୍ଣ୍ଣିମା

ସତ୍ୟ ସିଂ ବାଗ

କାର୍ତ୍ତିକ ଶୁକ୍ଳ ଏକାଦସୀରେ
ପଞ୍ଚୁକ ଯେ ଆରମ୍ଭ ହୋଇଥାଏ
ଏହି ମହା କାର୍ତ୍ତିକ ପୂର୍ଣ୍ଣିମା ତିଥିରେ
ଶୁଭ ପଞ୍ଚୁକ ବ୍ରତର ସମାପ୍ତ ହୁଏ ।

ଆଜିର କାର୍ତ୍ତିକ ପୂର୍ଣ୍ଣିମାକୁ
ଆମେ କହୁ ବି ରାସ ପୂର୍ଣ୍ଣିମା
ରାତ୍ରି ଉଜ୍ଜ୍ୱଳେ ପରିପୂର୍ଣ୍ଣତାର
ଆମ ଖୁସି ମନର ନାହିଁ ସୀମା ।

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସେହି
ବୋଇତ ବନ୍ଧାଣର ମହାନ ସୃତି
ଆଜି ଆମ ସାରା ଓଡିଶା ପାଳେ
ଅତୀତର ସେହି ଅଭୁଲା ମୂଲ୍ୟାନ୍ତି ।

ମନେ ପଡେ ଆମ ଛୋଟଦିନ କଥା
ରାତିରେନିଦ କୁଆଡେ ଯାଏଉଭେଇ
ଉଲଟା ପାଲଟା କର ଦେଉଥାଉ
କେତେବେଳେ ବୋଇତ ଭସାଯାଇ ।

କଦଳୀ ପୋଟଳୀର ଡ଼ଙ୍ଗା ତିଆର
ଘିଅ ବୋଳା ସଳିତା ଜଳା ଦୀପ
ଅରୁଆ ଚାଉଳେ ବନ୍ଧା ପନା ଆମ
ଖୁସୀ ମନ ଭକତି ଭରାର ଜପ ।

ଛୋଟ ପିଲା ଦିନେ ଉଲ୍ଲାସ ମନରେ
ବଡଙ୍କ ସାଥିରେ ନଦୀକୁ ଜାଇ
ଥୁରୁ ଥୁରୁ ଶୀତେ ଜଳେ ବୁଡ଼ ସାରି
କଦଳୀ ଡ଼ଙ୍ଗାକୁଜଳେ ଦେଉଭସାଇ ।

ଆ କା ମା ବୈ ପାନ ଗୁଆ ଥୋଇ
ମାଗି ଥାଉ କାର୍ତ୍ତିକ ମାସର ଫଳ
ଦୁଃଖ କଷ୍ଟ ଆମ ହୋଇଯାଉ ଦୂର
ପୂଣ୍ୟପ୍ରବେଶେ ଆମ ହେଉ ମଙ୍ଗଳ ।

+ତେରେସିଂହା, ରିଷିଡା
କଳାହାଣ୍ଡି- ୭୬୬୦୩୧
ମୋ - ୬୩୫୩୩୭୪୫୦୯

## କାର୍ତ୍ତିକ ପୂର୍ଣ୍ଣମୀର ଡଙ୍ଗି

ସତ୍ୟଜିତ୍ ମହାପାତ୍ର

କାର୍ତ୍ତିକ ମାସରେ ପୂର୍ଣମା ଦିନରେ
ଭକ୍ତି ଭରିଦେଇ ମନେ
ସାରା ପରିବେଶ ଆନନ୍ଦ ଉଚ୍ଛ୍ୱାସ
ଭଜନର ଗୀତ ତାନେ।

କଦଳୀ ପଟୁଆ ଥୋଇ ଗୋଟାଗୁଆ
ତା ମଧ୍ୟେ ଉଜ୍ଜ୍ୱଳ ଦୀପ
ପାହାନ୍ତି ରାତିରେ ନଦୀର ବୁଡ଼ରେ
ଧୋଇଥାନ୍ତି କେତେ ପାପ।

ରଙ୍ଗ ବେରଙ୍ଗର ଡଙ୍ଗା ମେଳଙ୍କର
ବର୍ଷେ ପରେ କୋଳାକୋଳି
ହାତେ ଝରି ଧରି ଡଙ୍ଗି କହେ ଥିରି
ଆସିଲାକି ଦୀପାବଳି ।

ପୂର୍ଣ୍ଣିମାର ଡଙ୍ଗା ପାଣିକାଟି ଚାଲେ
ଆ କା ମା ବୈ ଗୀତ ଶୁଣି
ଚିତ୍ର ବିଚିତ୍ରର ରଙ୍ଗୀନ ଶାଢ଼ୀଟି
ପିନ୍ଧିଥାଏ ପୁଷ୍କରିଣୀ।

ବାଣିଜ୍ୟ ପାଇଁଟି ସାଧବ ପୁଅଟି
ନାଆ ନେଉଥିଲା ମେଲି
ଡଙ୍ଗିର ମହତ୍ୱ ବଢ଼ିଯାଏ ଆଜି
କାର୍ତ୍ତିକ ପୂର୍ଣ୍ଣମୀ ବୋଲି।

+ମାଣିକଡିହା,ଖୋସାଲପୁର,
ଦଶରଥପୁର,ଯାଜପୁର
ମୋ:୯୮୬୧୪୦୦୦୨୯

## ବୋଇତ ବନ୍ଦାଣ କରିବା

ନିରଞ୍ଜନ ସାହୁ

ଆସରେ ଆସରେ କଳିଙ୍ଗ ସନ୍ତାନ
ବୋଇତ ବନ୍ଦାଣ କରିବା
କାର୍ତ୍ତିକ ମାସର ଶେଷ ଲଗନରେ
ସେଦିନ କଥାକୁ ସ୍ମରିବା ।

ଇତିହାସ ପୃଷ୍ଠା ଉନ୍ମୋଚନ କରି
ସମସ୍ତ ଘଟଣା ଦେଖିବା
ନୂଆ ଇତିହାସ ରଚନା କରିକି
ନୂତନ କାହାଣୀ ଲେଖିବା
ସାଗର ବକ୍ଷରେ ତରୀ ମେଲିବାକୁ
କୁହ କାହିଁପାଇଁ ଡ଼ରିବା ?

ସାଗର ବକ୍ଷରେ ସାଧବ ସନ୍ତାନେ
ବିଦେଶେ ବେପାର କରିଲେ
ଏଦେଶ ଦରବ ବିଦେଶେ ବିକିଲେ
ବିଦେଶ ଦରବ ଭରିଲେ
ଅନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟର
ବାଟ ଆସ ଆମେ ଧରିବା ।

ସମୃଦ୍ଧଶାଳୀ ସେ କରିଲେ ଦେଶକୁ
ଦେଶର ଗୌରବ ବଢ଼ିଲା
ଆଜିର ବୋଇତ ବନ୍ଦାଣ ସମୟେ
ସେ ସ୍ମୃତି ମାନସେ ଗଢ଼ିଲା
ଆସନ୍ତୁ କରିକି ସେପରି ବାଣିଜ୍ୟ
ଦେଶେ ଧନରତ୍ନ ଭରିବା ।

ବୋଇତ ବନ୍ଦାଣ ଉତ୍ସବ କରିକି
ପ୍ରତିଜ୍ଞା କରିବା ମନରେ
ବିଦେଶେ ବାଣିଜ୍ୟ ବେପାର କରିବା
ଦେଶକୁ ଭରିବା ଧନରେ
କହିବା କରିବା କାମେ ଦେଖାଇବା
ଦେଶରୁ ଦାରିଦ୍ର୍ୟ ହରିବା ।

+ନିହଲ ପ୍ରସାଦ , ଗଁଦିଆପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ବୋଇତ ବନ୍ଦାଣ ପର୍ବ...

ରାମଚନ୍ଦ୍ର ବେହେରା

ସକାଳ ସୂରୁଜ ଉଇଁବା ପୂର୍ବରୁ
କାର୍ତ୍ତିକ ପୁନେଇଁ ଦିନ
ଆମ ରାଇଜରେ ସଭିଏଁ ପାଳନ୍ତି
ପୁଣ୍ୟ ବୋଇତ ବନ୍ଦାଣ।

କଦଳୀ ପଟୁଆ ବୋଇତ ସାଜଇ
ରୁହେ ତହିଁ ପାନ ଗୁଆ
ମାଟିରେ ତିଆରି ଶିଳ ଚକି ଆଦି
ବୋଇତରେ ହୁଏ ଥୁଆ।

ଦୀପ ଆଲୋକରେ ବୋଇତର ଶୋଭା
ସଭିଂକ ମନକୁ ହରେ
ବନ୍ଦାପନା ସାରି ବୋଇତକୁ ଜନେ
ଭସାନ୍ତି ନଦୀ ଜଳରେ।

ସୂକ୍ଷ୍ମ ପଟ୍ଟବସ୍ତ୍ର ଅନ୍ୟ ପଣ୍ୟ ଦ୍ରବ୍ୟ
ପଡୋସୀ ଦେଶକୁ ନେଇ
ଉତ୍କଳର ନାମ ଉଚ୍ଚ କରିଥିଲେ
ଆମରି ସାଧବ ଭାଇ।

ବୀର ସାଧବଂକ ହୃତ ନୌବାଣିଜ୍ୟ
ଅମର ରଖିବା ପାଇଁ
ଉତ୍କଳ ନିବାସୀ ଏହି ଉତ୍ସବକୁ
ମନାନ୍ତି ଶ୍ରଦ୍ଧା ଦେଖାଇ।

ଆସ ମିଳିମିସି ପବିତ୍ର ପର୍ବକୁ
ହର୍ଷ ଉଲ୍ଲାସେ ପାଳିବା
ସୁଖ ସମୃଦ୍ଧିର କାମନାର ସାଥେ
ବୋଇତ ମେଲାଣି ଦେବା।

ଆମ ପରମ୍ପରା ନୀତି ଓ ସଂସ୍କୃତି
ଭରିଦିଏ ଶ୍ରଦ୍ଧାଭାବ
ସତ୍ୟ ନ୍ୟାୟ ଧର୍ମ ହୃଦୟେ ଆଦରି
ପୂଜିବା ରାଧାମାଧବ।

ଏ ପବିତ୍ର ପର୍ବ ଉତ୍କଳର ଗର୍ବ
ଶ୍ରଦ୍ଧାରେ ପାଳିବା ମିତ
ଆ କା ମା ବୈ ଗୁଆ ପାନ ଥୋଇ
ହରଷେ ଗାଇବା ଗୀତ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୭ ନଭେମ୍ବର ୨୦୨୩, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଇସ୍ରାଏଲ ଓ ହାମାସ୍ ଶାନ୍ତି...

ଇସ୍ରାଏଲ-ହାମାସ୍ ଯୁଦ୍ଧରେ ଚାରିଦିନ ପାଇଁ ସର୍ତ୍ତମୂଳକ ବିରତିକୁ ସ୍ଥାୟୀ ଯୁଦ୍ଧ ବିରତିରେ ପରିଣତ କରିବା ଓ ମଧ୍ୟପ୍ରାଚ୍ୟରେ ସବୁଦିନ ପାଇଁ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ଭାରତର ଉଦ୍ୟମ ସଫଳ ହେବା ଭଳି ଦେଖାଯାଇ ନାହିଁ । ଇସ୍ରାଏଲୀ-ପାଲେଷ୍ଟାଇନ୍ ସଂଘର୍ଷର ଚିରକାଳ ପାଇଁ ଅନ୍ତ ଘଟାଇବାକୁ ବିଶ୍ୱର ବୃହତ୍ତମ ଗୋଷ୍ଠୀ ଭାବରେ ପରିଚିତ ଜି-୨୦ ରାଷ୍ଟ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ଆଭାସୀ ବା ଭର୍ଚୁଆଲ ବୈଠକରେ ଦୁଇ-ରାଷ୍ଟ୍ର ତତ୍ତ୍ୱର ସମର୍ଥନକୁ ନେଇ ବସ୍ତୁତଃ ଆନ୍ତର୍ଜାତିକ ସମୁଦାୟ ମଧ୍ୟରେ ରହିଥିବା ଫାଟ ପଦାକୁ ଆସିଛି, ଯଦିଓ ସବୁ ରାଷ୍ଟ୍ର ଏହି ଧାରଣା ପ୍ରତି ଅନୁକୂଳ ମନୋଭାବ ପୋଷଣ କରୁଥିବା ଦର୍ଶାଇଛନ୍ତି। ସେମାନଙ୍କର ଏପରି ମନୋଭାବ ନୂଆଦିଲ୍ଲୀଠାରେ ସେପ୍ଟେମ୍ବରରେ ଅନୁଷ୍ଠିତ ଜି-୨୦ ନେତୃବୃନ୍ଦଙ୍କ ସମ୍ମିଳନୀ ପରେ ଜାରି ହୋଇଥିବା ମିଳିତ ବିବୃତି ଯାହାକୁ ରୁଷ୍-ୟୁକ୍ରେନ୍ ଯୁଦ୍ଧକୁ ନେଇ ରାଷ୍ଟ୍ରମାନଙ୍କ ମଧ୍ୟରେ ଗଭୀର ବିଭାଜନ ସତ୍ତ୍ୱେ ଭାରତ ସମ୍ଭବପର କରାଇ ପାରିଥିଲା, ତା'ର ସମ୍ପୂର୍ଣ୍ଣ ବିପରୀତ ହୋଇଥିବା ପ୍ରତୀୟମାନ ହୋଇଛି, କାରଣ ସମାନ ଗୋଷ୍ଠୀ ସେତେବେଳେ ସବୁ ମତ ପାର୍ଥକ୍ୟ ସତ୍ତ୍ୱେ ପରସ୍ପର ସହିତ ହାତ ମିଳାଇ ଥିବା ବେଳେ ବର୍ତ୍ତମାନ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷର ଅନ୍ତ ଘଟାଇବାକୁ ଏକ ଶାନ୍ତି ପ୍ରତିଷ୍ଠାର ପ୍ରସ୍ତାବ ଆଗେଇ ନେବାରେ ଅସମର୍ଥ ହୋଇଛନ୍ତି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଯେପରି କହିଛନ୍ତି- ଏହି ପ୍ରସ୍ତାବ ପାଇଁ ସବୁ ରାଷ୍ଟ୍ରଙ୍କର ଉଚ୍ଛସିତ ସମର୍ଥନ ରହିଛି, କିନ୍ତୁ ଏହାକୁ ବାସ୍ତବତାରେ ପରିଣତ କରିବା କଥା ଆସିବା ବେଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏକ ଯଥାର୍ଥ ସମାଧାନ ପ୍ରତି ଆବେଗପୂର୍ଣ୍ଣ ଉପସ୍ଥାପନ ସତ୍ତ୍ୱେ ସେଥିରେ କ୍ୱଚିତ୍ କିଛି ଆନନ୍ଦିତ ହେବାର ଅଛି । ଦୁଇ-ରାଷ୍ଟ୍ର ତତ୍ତ୍ୱର ଇତିହାସ ହେଉଛି ୧୯୪୮ ମସିହାର, ଯେତେବେଳେ କି ପାଲେଷ୍ଟିନୀୟ ଭୂମି ଉପରେ ଜାତିସଂଘର ଏକ ନିଷ୍ପତ୍ତି (ରିଜୋଲ୍ୟୁସନ) ବଳରେ ଇସ୍ରାଏଲ ଏକ ସ୍ୱତନ୍ତ୍ର ଦେଶ ଭାବରେ ପ୍ରତିଷ୍ଠିତ ହେଲା। ଏହି କଥା ପୁଣିଥରେ ୧୯୬୭ରେ ଜାତିସଂଘର ଏକ ରିଜୋଲ୍ୟୁସନ୍ ରୂପରେ ଉଠିଲା, ଯାହା ଅନୁଷ୍ଠିତ ହୋଇଥିଲା ଏକ ସାତ-ଦିବସ ବ୍ୟାପି ଯୁଦ୍ଧ ପରେ ପରେ । ସେହି ରିଜୋଲ୍ୟୁସନ୍ 'ସାମ୍ପ୍ରତିକ ଯୁଦ୍ଧରେ ଇସ୍ରାଏଲର ସଶସ୍ତ୍ର ସେନାବାହିନୀ ଦ୍ୱାରା ଦଖଲ ହୋଇଥିବା ଅଞ୍ଚଳଗୁଡ଼ିକରୁ ଓହରି ଆସିବା' ସହିତ 'ସମସ୍ତ ଦାବି ଓ ଔଦ୍ଧତ୍ୟକୁ ପରିହାର କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ରାଷ୍ଟ୍ରଙ୍କର ସେମାନଙ୍କ ନିଜ ନିଜ ଅଞ୍ଚଳରେ ରହିଥିବା ସାର୍ବଭୌମତ୍ୱ, ସୀମାଗତ ଅଖଣ୍ଡତା ଏବଂ ରାଜନୀତିକ ସ୍ୱାଧୀନତା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ତଥା ବିପଦ ବା ବଳ ପ୍ରୟୋଗରୁ ମୁକ୍ତ ହୋଇ ସେମାନଙ୍କର ସୁରକ୍ଷିତ ଏବଂ ପରିଚିହ୍ନିତ ସୀମାଗୁଡ଼ିକ ଭିତରେ ଶାନ୍ତିରେ ବାସ କରିବାର ଅଧିକାରକୁ ସ୍ୱୀକାର କରିବା' ସମ୍ପର୍କରେ ଘୋଷଣା ହୋଇଥିଲା। ସେହିପରି ୧୯୭୩ର ଜାତିସଂଘ ରିଜୋଲ୍ୟୁସନ୍ 'ପାଲେଷ୍ଟିନୀୟ ଲୋକମାନଙ୍କର ଅବିଚ୍ଛେଦ୍ୟ ଅଧିକାରଗୁଡ଼ିକ, ମୁଖ୍ୟତଃ ସ୍ୱ-ନିର୍ଦ୍ଧାରଣ ଅଧିକାରର ଉପଭୋଗ' ଉପରେ ଗୁରୁତ୍ୱ ଆରୋପ କରିଥିଲା ଏବଂ ୧୯୬୭ଠାରୁ ଇସ୍ରାଏଲ ଅଧିକାର କରିଥିବା ପାଲେଷ୍ଟିନୀୟ ସୀମାରୁ ଓହରି ଆସିବା' ପାଇଁ ଆହ୍ୱାନ ଦେଇଥିଲା, ଯାହା ବସ୍ତୁତଃ ସମାନ ସମାଧାନକୁ ପ୍ରତିଫଳିତ କରିଥିଲା। ଓସ୍ ଚୁକ୍ତି, ଯେଉଁଥିରେ ଉଭୟ ଇସ୍ରାଏଲ ଓ ପାଲେଷ୍ଟାଇନ୍ ମୁକ୍ତି ସଂଗଠନ ରାଜି ହୋଇଥିଲେ, ତାହା ମଧ୍ୟ ସେମାନଙ୍କ ଭିତରେ ରହିଥିବା ଐତିହାସିକ ସମସ୍ୟାର ସମାନ ଧରଣର ସମାଧାନର ପନ୍ଥାକୁ ପ୍ରତିଫଳିତ କରିଥିଲା । ଏ ସବୁଥିରୁ ତେଣୁ ମନେହୁଏ ଯେ ଉଭୟ ଇସ୍ରାଏଲ ଓ ପାଲେଷ୍ଟାଇନ୍ ପକ୍ଷର କିଛି ଅଭିନେତା ଏବଂ ଅନ୍ୟତ୍ର ବାସ କରୁଥିବା ସେମାନଙ୍କର ପ୍ରାୟୋଜକମାନେ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରାଇ ଦେବାକୁ ଚାହୁଁ ନାହାନ୍ତି । ସେମାନେ ବରଂ ଇଚ୍ଛା କରୁଛନ୍ତି ଯେ ଏଇ ଦୁଇ ରାଷ୍ଟ୍ର ଭିତରେ ସବୁ ବେଳ ପାଇଁ ଅଶାନ୍ତି ଓ ଯୁଦ୍ଧର ବାତାବରଣ ଲାଗି ରହୁ ଏବଂ ସେମାନେ ଚିରକାଳ ପାଇଁ ଲୋପ ପାଇ ଯାଆନ୍ତୁ। ସବୁ କ୍ଷେତ୍ରରେ ଯେପରି ହୋଇଥାଏ, ସେହିପରି ଏ କ୍ଷେତ୍ରରେ ମଧ କଠୋରପନ୍ଥୀମାନେ ସେମାନଙ୍କ ନିଜ ନିଜ ଜିଦ୍‌ରେ ଅଟଳ ରହି ସମାଧାନ ପାଇଁ କୌଣସି ପ୍ରକାରର ବୁଝାମଣା କରିବାକୁ ଚାହୁଁ ନଥିବା ପ୍ରତୀତ ହୁଏ । ବରଂ ପ୍ରତୀୟମାନ ହେଉଛି, ସତେ ଯେପରି ଏହା ଏକ ନାଟକର ମଞ୍ଚ, ଯାହାକୁ ସାମୟିକ ବା ପାର୍ଟ୍-ଟାଇମ୍ ଅଭିନେତାମାନେ ଅକ୍ତିଆର କରି ନେଇଛନ୍ତି, ଯେଉଁମାନେ କି ନିଜ ସ୍ୱାର୍ଥ ପାଇଁ ମଞ୍ଚକୁ ଆସିବେ, ଶାନ୍ତି ପ୍ରତିଷ୍ଠାକାରୀର ଭୂମିକା ତୁଲାଇବେ ଏବଂ ପୁଣିଥରେ ଗ୍ରୀନ୍‌ରୁମକୁ ଫେରିଯିବେ। ଜି-୨୦ ହେଉଛି ଏକ ମଞ୍ଚ ଯାହା ସେହିସବୁ ଶକ୍ତିଶାଳୀ ରାଷ୍ଟ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ, ଯେଉଁମାନଙ୍କର ରହିଛି କୂଟନୀତିକ, ଅର୍ଥନୀତିକ ଏବଂ ରାଜନୀତିକ ଶକ୍ତି ତଥା ଏହି ସମସ୍ୟାକୁ ସମାଧାନ କରିବାର ସାମର୍ଥ୍ୟ । ଯେଉଁମାନେ ପଶ୍ଚିମ ଏସିଆରେ ଚିରସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଚାହାନ୍ତି, ସେମାନଙ୍କ ପାଇଁ ଏହି ଗୋଷ୍ଠୀର ଏକ ସହମତି ପ୍ରତିଷ୍ଠା ନିମନ୍ତେ ଉଦ୍ୟମ କରିବାର ଅନିଚ୍ଛା ଭାବ ଅବଶ୍ୟ ଏକ ହତାଶ କରିଦେବା ଭଳି ପ୍ରସଙ୍ଗ । ଗୋଟିଏ ବାକ୍ୟରେ କହିଲେ, ଯେ ପର୍ଯ୍ୟନ୍ତ ଦୁଇ-ରାଷ୍ଟ୍ର ତତ୍ତ୍ୱ ବାସ୍ତବତାରେ ପରିଣତ ହୋଇପାରି ନାହିଁ, ସେଯାଏଁ ଇସ୍ରାଏଲ ଓ ପାଲେଷ୍ଟାଇନ୍ ମଧ୍ୟରେ ବିବାଦର ସ୍ଥାୟୀ ସମାଧାନ ହେବାର ସମ୍ଭାବନା କ୍ଷୀଣ ।



(୨ୟବାର୍ଷିକ ଶ୍ରାଦ୍ଧ ଦିବସ ଉପଲକ୍ଷେ)

## କର୍ମଯୋଗୀ କୃତ୍ତିବାସ ପାଣିଗ୍ରାହୀ

### ଡ.ଅରବିନ୍ଦ ଗିରି

ସ୍ୱର୍ଗତ କୃତ୍ତିବାସ ପାଣିଗ୍ରାହୀ ଥିଲେ ପ୍ରକୃତରେ ଜଣେ କର୍ମଯୋଗୀ । ମୃତ୍ୟୁ ବେଳକୁ ତାଙ୍କୁ ୯୮ବର୍ଷ ୭ମାସ ୧୪ଦିନ ହୋଇଥିଲା । ଜାୟ ଶତାୟୁ ଜୀବନକାଳ ମଧ୍ୟରେ ସାମାଜିକ ଜୀବନରେ ବିକାଶ କ୍ଷେତ୍ରରେ ତାଙ୍କର ନିଷ୍ଠାପର ତ୍ୟାଗ ତାଙ୍କୁ ଚିର ଅମର କରି ରଖିବ । ସୋଣ ନଦୀର ଅବବାହିକାରେ ଅବସ୍ଥିତ ବୋଇତବାଙ୍କ ଗ୍ରାମରେ ଭୋଳାନାଥ ପାଣିଗ୍ରାହୀ ଓ ଚାନ୍ଦମଣିଙ୍କ କୋଳମଣ୍ଡନ କରି ଏପ୍ରିଲ ୪ ତାରିଖ ୧୯୨୫ ମସିହାରେ ଜନ୍ମଗ୍ରହଣ କରିଥିଲେ ।

୮ବର୍ଷ ବୟସରେ ତାଙ୍କର ପିତୃବିୟୋଗ ଘଟିବା ଫଳରେ ତାଙ୍କର ସଂଘର୍ଷ ସ୍ୱୟ ଅଧ୍ୟବସାୟ, ଆତ୍ମବିଶ୍ୱାସ ବଳରେ ମେଟ୍ରିକ୍, ଗ୍ରାଜୁଏସନ୍ (ସ୍ନାତକ) ଏବଂ ଇତିହାସ ଓ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ପରେ ଶିକ୍ଷକତା ପାଇଁ ବି.ଇଡି, ଏମ୍.ଇଡି ପାସ୍ କରିଥିଲେ । ଗ୍ରାମୀଣ ସାଧାରଣ ଲୋକଙ୍କୁ ଆଇନ ସହାୟତା ପାଇଁ 'ଲ' ବି ପାସ୍ କରିଥିଲେ ।

ସେଥିରେ ବହୁମୁଖୀ ପ୍ରତିଭାର ଅଧିକାରୀ । ଜଣେ କର୍ମନିଷ୍ଠ, ଜ୍ଞାନୀ, ଗୁଣୀ, ଛାତ୍ର ବତ୍ସଳ ଆଦର୍ଶ ଶିକ୍ଷକ । ବହୁ ଏମ୍.ଇ ସ୍କୁଲ, ହାଇସ୍କୁଲ, ସଂସ୍କୃତ ସ୍କୁଲ ଏବଂ ଏକାଧିକ କଲେଜ ପ୍ରତିଷ୍ଠାରେ ଜଣେ ସଫଳ ସଂଗଠକ । ଉପରୋକ୍ତ ଶିକ୍ଷାନୁଷ୍ଠାନ ମାନଙ୍କର ପ୍ରାଥମିକ ଭିତ୍ତି ଗଢ଼ିବା ପାଇଁ ସେ ଅବୈତନିକ ଶିକ୍ଷାଦାନ ଦେଉଥିଲେ । ଇଂରାଜୀ, ଓଡ଼ିଆ, ସଂସ୍କୃତ, ବଙ୍ଗଳା, ଇତିହାସ, ଭୂଗୋଳ ଓ ବିଜ୍ଞାନ ବିଷୟରେ ତାଙ୍କର ଗଭୀର ଜ୍ଞାନ ଥିଲା । ଛାତ୍ରଛାତ୍ରୀଙ୍କ ପାଠ ବୁଝିବାର ସନ୍ଦେହ ମୋଚନ ପାଇଁ ସେ ଅକୁଣ୍ଠିତ ଭାବରେ ସହଯୋଗ କରୁଥିଲେ । ଜଣେ ଦକ୍ଷକୃଷି ଜୀବୀ ଭାବରେ ନଦୀପଠା ଉର୍ବର ମାଟିରେ ବିବିଧ ପନିପରିବା, ବାଦାମ ଓ ଶସ୍ୟ ଉତ୍ପାଦନ କରି ରେମୁଣା, ନୀଳଗିରି ବଜାରରେ ବିକ୍ରି କରୁଥିଲେ । ଅଭିଜ୍ଞ ସ୍ୱାଭଲମ୍ବନଶୀଳ ଚାଷୀ ଭାବରେ ବିଭିନ୍ନ ଚାଷପାଇଁ ଲୋକମାନଙ୍କୁ ସତ୍ ପରାମର୍ଶ ଦେଉଥିଲେ । ଗୋପାଳନ କରିବା ଏବଂ ଗୋବର ଖତପକାଇ କୃଷି ଉତ୍ପାଦନ କରିବାକୁ ସେ ସର୍ବଦା ପ୍ରାଧାନ୍ୟ ଦେଉଥିଲେ । ଜଣେ ସୁ ହୋମିଓପ୍ୟାଥି ଚିକିତ୍ସକ ଥିଲେ । ସମାଜର ବିବିଧ ଗଠନମୂଳକ କାର୍ଯ୍ୟରେ ତାଙ୍କର ପ୍ରତ୍ୟକ୍ଷ ସହଯୋଗ ଥିଲା । ନିଜେ ଆଇନ ସେବା କାର୍ଯ୍ୟରେ ଦୀର୍ଘ ବର୍ଷରେ ଅଭିଜ୍ଞତା ହାସଲ କରି ସାଧାରଣ ଲୋକଙ୍କୁ ସଠିକ୍ ନ୍ୟାୟ ଦେବାକୁ ପରିବାର ପ୍ରୟାସ କରୁଥିଲେ । କେବଳ ଏତିକି ନୁହେଁ ଜଣେ ଅଭିଜ୍ଞ ଖେଳାଳୀ, ଗାନ୍ଧିବାଦୀ ସମାଜସେବୀ, ସରଳ ଈଶ୍ୱରାନୁରାଗୀ, ମାତୃଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରେମୀ, ସୁବକ୍ତା ତଥା ରାଜନୀତିଜ୍ଞ ଭାବରେ ପରିଚିତ ଥିଲେ । ଯେକୌଣସି କାର୍ଯ୍ୟରେ ସେ ମନନିବେଶ କରୁଥିଲେ, ତାକୁ ନିଷ୍ଠାର ସହିତ ତୁଲାଇବାକୁ ସଂକଳ୍ପବଦ୍ଧ ହେଉଥିଲେ । ସ୍ଥିର ବିଚାର ଶକ୍ତି ସ୍ୱଳ୍ପ କଥାବାର୍ତ୍ତା ଓ ଠିକ୍ କର୍ମ ପାଇଁ ରୋକଠୋକ୍ କଥାବାର୍ତ୍ତା କରୁଥିଲେ । ରେମୁଣା ଉନ୍ନୟନ ପରିଷଦ, ଚନ୍ଦ୍ରମୋହନ ସାହିତ୍ୟ ପରିଷଦ'ର ସେ ସକ୍ରିୟ ସଦସ୍ୟ ଥିଲେ । 'ବାଲେଶ୍ୱର ବ୍ରାହ୍ମଣ ସମିତି', ନୀଳଗିରି ବାରଏସୋସିଏସନ୍'ର ସେ ଥିଲେ ସଭାପତି । ଅନୁଗୁଳ ଚମ୍ପତିମୁଣ୍ଡା ହାୟାର ସେକେଣ୍ଡାରରୀ ସ୍କୁଲର ଅଧ୍ୟକ୍ଷ ଦାୟିତ୍ୱରେ ଥାଇ ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟ୍ ମେୟର ହୋଇଥିଲେ । ଜଣେ ଧୌର୍ଯ୍ୟଶୀଳ, ସ୍ୱାଭିମାନୀ ତଥା ହୃଦୟବାନ ବ୍ୟକ୍ତି ଭାବରେ ତାଙ୍କୁ ସମସ୍ତେ ଜାଣିଥିଲେ । ତାଙ୍କରି ଭାଷାରେ-

'ଝରି ପଡ଼ିବିନି ଝଡ଼ର ବତାସେ,  
ଝରାଫୁଲ ପରି ଏଭୂମି ତଳେ  
ନିଦାଘ ସନ୍ତାପେ ସିଝିବିନି ମୁହିଁ,  
ଭିଜିବିନି କେବେ ଶ୍ରାବଣ ଜଳେ ।'

ତାଙ୍କର ଅମର ଆତ୍ମା ସଦ୍‌ଗତି ଲାଭ କରୁ, ଏହାହିଁ ଜଗତର ନାଥ ଜଗନ୍ନାଥଙ୍କ ଠାରେ ହୃଦୟର ପ୍ରାର୍ଥନା

+ସୁଏଲପୁର, ବାଲେଶ୍ୱର



## ବିଶ୍ୱକପ୍ ୨୦୨୩: ଏକ ଅଧୁରା ସ୍ୱପ୍ନ

### ଶ୍ରୀବତ୍ସ ନାୟକ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଭାରତ ୨୦୧୪ ମସିହାରେ ଟି-୨୦ ବିଶ୍ୱକପ୍ ରେ ଶ୍ରୀଲଙ୍କାଠାରୁ ୬ ୱିକେଟରେ ଫାଇନାଲରେ ପରାସ୍ତ, ୨୦୧୫ ମସିହାରେ ଦିନିକିଆ ବିଶ୍ୱକପର ସେମିଫାଇନାଲରେ ଅଷ୍ଟ୍ରେଲିଆ ଠାରୁ ୯୫ ରନ୍‌ରେ ପରାସ୍ତ, ୨୦୧୬ ମସିହାରେ ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲରେ ୱେଷ୍ଟଇଣ୍ଡିଜ୍‌ଠାରୁ ପରାସ୍ତ, ୨୦୧୭ରେ ମିନି ବିଶ୍ୱକପ( ଚାମ୍ପିଅନଟ୍ରଫି)ରେ ପାରମ୍ପରିକ ପ୍ରତିଦ୍ୱନ୍ଦୀ ପାକିସ୍ଥାନଠାରୁ ବୃହତ ରନ୍ ( ୧୮୦ ରନ୍) ବ୍ୟବଧାନରେ ପରାସ୍ତ, ୨୦୧୯ ଦିନିକିଆ ବିଶ୍ୱକପ୍‌ର ସେମିଫାଇନାଲରେ ନିଉଜିଲ୍ୟାଣ୍ଡ ଠାରୁ ୧୮ ରନ୍‌ରେ ପରାସ୍ତ,୨୦୨୧ ମସିହାରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନ ଟ୍ରଫିରେ ନିଉଜିଲ୍ୟାଣ୍ଡଠାରୁ ୮ ୱିକେଟରେ ପରାସ୍ତ, ୨୦୨୨ ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲ ମ୍ୟାଚରେ ଇଂଲଣ୍ଡଠାରୁ ୧୦ ୱିକେଟରେ ପରାସ୍ତ, ୨୦୨୩ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନ ଟ୍ରଫିରେ ଅଷ୍ଟ୍ରେଲିଆଠାରୁ ୨୦୯ ରନ୍‌ରେ ପରାସ୍ତ ଏବଂ ସଦ୍ୟସଦ୍ୟ ୨୦୨୩ ଦିନିକିଆ ବିଶ୍ୱକପ୍‌ର ଫାଇନାଲ ରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହେବା ଦର୍ଶାଉଛି ଯେ ଭାରତୀୟ ଦଳର ନିଶ୍ଚିତ ଭାବେ ବଡ଼ ମ୍ୟାଚ୍‌ରେ ଚାପରେ ରହିଛି । ଏହି ମ୍ୟାଚ୍ ଗୁଡ଼ିକରେ ପ୍ରତିପକ୍ଷ ଦଳର ରଣକୌଶଳକୁ ସାମ୍ନା କରିବାରେ ବିଫଳ ହୋଇ ପରାଜୟ ବରଣ କରୁଛି ।କୁହାଯାଏ ଆତ୍ମବିଶ୍ୱାସ କୌଣସି ଗୋଟେ ଦଳ ପାଇଁ ସବୁଠାରୁ ବଡ଼ ଅସ୍ତ୍ର । କିନ୍ତୁ ବେଳେ ବେଳେ ଅତ୍ୟଧିକ ଆତ୍ମବିଶ୍ୱାସ ଓ ଭାବପ୍ରବଣତାର ବଶବର୍ତ୍ତୀ ହୋଇ ପରାଜୟ ବରଣ କରିବାକୁ ପଡେ । ଯାହା ଘଟିଲା ଠିକ୍ ଭାରତୀୟ କ୍ରିକେଟ ଦଳ ଉପରେ । ଲିଗ୍ ପର୍ଯ୍ୟାୟରେ ଅପରାଜୟ ରହିବା ସହ ଗ୍ରୁପ୍‌ର ଶୀର୍ଷରେ ରହିବାର ବଡ଼ପଣ ଭାରତ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ଅପରାଜୟ ଥିଲେ ମଧ୍ୟ ଦଳ ଭିତରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଥିଲା ଯାହାକୁ ଭାରତୀୟ ଦଳ ସୁଧାରିବା ଦରକାର ଥିଲା କିନ୍ତୁ ୧୦ଟି ମ୍ୟାଚ୍ ଖେଳି ସାରିବା ପରେ ମଧ୍ୟ ତ୍ରୁଟିରେ କୌଣସି ସୁଧାର ଆସିନଥିଲା । କ୍ରିକେଟ ହେଉଛି ୧୧ ଜଣ ଙ୍କୁ ନେଇ ଖେଳା ଯାଉଥିବା ଖେଳ । ଜଣେ ଖେଳାଳୀ ଚାହିଁଲେ ଗୋଟିଏ ଦଳକୁ କେବେ ବିଜୟ ଆଡ଼କୁ ଅଗ୍ରସର କରାଇ ପାରିବ ନାହିଁ । ଭାରତ ଲିଗ୍ ପର୍ଯ୍ୟାୟରେ ଖେଳିଥିବା ମ୍ୟାଚ୍ ଗୁଡ଼ିକରେ ହାତଗଣତି କେତେକ ଖେଳାଳୀଙ୍କ ପ୍ରଦର୍ଶନ ଯୋଗୁଁ ବିଜୟୀ ହୋଇଥିଲା । ବାକି ଅନ୍ୟ ଖେଳାଳୀମାନେ ପ୍ରଭାବହୀନ ଭଳି ଲାଗୁଥିଲେ । ବିଶେଷ କରି ବିଶ୍ୱକପ୍ ଭଳି ବଡ଼ ଟୁର୍ଣ୍ଣାମେଣ୍ଟରେ ଦଳକୁ ବିଜୟୀ ହେବାକୁ ହେଲେ ଦଳକୁ ତିନି ପ୍ରମୁଖ ବିଭାଗ ବ୍ୟାଟିଂ, ବୋଲିଙ୍ଗ ସହ ଫିଲ୍ଡିଙ୍ଗ କ୍ଷେତ୍ରରେ ଆଖିଦୃଶିଆ ପ୍ରଦର୍ଶନ କରିବାକୁ ପଡ଼ିବ । ଦୁର୍ବଳ ଫିଲ୍ଡିଂ ପାଇଁ ସର୍ବଦା ନିନ୍ଦିତ ହୋଇଆସୁଥିବା ଭାରତ ଚଳିତ ବିଶ୍ୱକପ୍ ରେ ଉନ୍ନତ କ୍ଷେତ୍ରରକ୍ଷଣ କରିଥିଲେ ମଧ୍ୟ ବିଶ୍ୱଚମ୍ପିଅନ ଦଳ ଭାବରେ ପ୍ରଦର୍ଶନ ଆଶାନୁରୂପ ନଥିଲା । ନିମ୍ନ ମଧ୍ୟ କ୍ରମରେ ଉଚ୍ଚ ହାରରେ ରନ୍ ସଂଗ୍ରହ କରିବାରେ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଥିଲା ଭାରତ । ବୋଲିଂରେ ପେସ ବାହିନୀ ଠାରୁ ଭାରତର ସ୍ପିନ ବିଭାଗ ଶକ୍ତିଶାଳୀ ମନେ ହେଉଥିବା ବେଳେ କେତେକ ମ୍ୟାଚରେ ସ୍ପିନରମାନେ ୱିକେଟ ନେବାର ଅସମର୍ଥ ହୋଇଥିଲେ ଯାହାକି ପରାଜୟର କେତେଗୁଡ଼ିଏ କାରଣ ହୋଇଥାଇପାରେ ।କାରଣ ଯାହାବି ହେଉଥାଉ ନା କାହିଁକି ଯୋ ଜିତା ଓହି ସିକନ୍ଦର । ଯିଏ ଭଲ ଖେଳ ପ୍ରଦର୍ଶନ କଲା ସିଏ ବିଜୟୀ ହେଲା । ୧୩ ବିଶ୍ୱକପ ମଧ୍ୟରୁ ୬ଟି ବିଜୟୀ ହୋଇ ଅଷ୍ଟ୍ରେଲିଆ ସର୍ବାଧିକ ଥର ବିଶ୍ୱ ଚାମ୍ପିଅନ ହେବାର ଗୌରବ ଲାଭ କରିଛି । ସମୟ ଆସିଛି ନିଜ ଭୁଲ୍ ରୁ କିଛି ଶିକ୍ଷା ଲାଭ କରିବା ସହ ଆଗାମୀ ବିଶ୍ୱକପ୍ ପାଇଁ ନିଜକୁ ପ୍ରସ୍ତୁତ ରଖିବା ।

କ୍ରିକେଟ ଖେଳ ଇଂଲଣ୍ଡର ଜାତୀୟ ଖେଳ ହୋଇଥିଲେ ମଧ୍ୟ ଭାରତରେ ଏହା ସର୍ବଜନାଦୃତ କ୍ରୀଡା ଏଥିରେ ସନ୍ଦେହ ନାହିଁ । ଏହା ଏକ ରଙ୍ଗୀନ ଖେଳ,ଏଠି ଅଛି ଷ୍ଟାଇଲ,ଷ୍ଟାଟସ୍,ଟଙ୍କା, ସେଲିବ୍ରିଟ, ସେଲିବ୍ରେଶନ,ରୋମାଞ୍ଚ, ରେକର୍ଡ ସବୁକିଛି । ଖେଳାଳୀ ଦର୍ଶକ ସଭିଏଁ ପାଗଳ ତାରି ପ୍ରେମରେ । କି ପିଲା ! କି ବୁଢ଼ା ! କି ପୁରୁଷ ! କି ନାରୀ ! ସଭିଏଁ ପାଗଳ ତାରି ଲାଗି । ଏଇତ କ୍ରିକେଟ ଖେଳ ! ଭାରତ ଏକ କ୍ରିକେଟ ପାଗଳ ଦେଶ । ଭିନ୍ନ ଭିନ୍ନ ରାଜ୍ୟରୁ ଖେଳାଳୀ ମାନଙ୍କୁ ନେଇ ଗଠନ କରାଯାଇଛି ଗୋଟିଏ ଦଳ ଭାରତୀୟ କ୍ରିକେଟ ଦଳ । ବିଭିନ୍ନତା ମଧ୍ୟରେ ଏକତା । ସବୁ ପରେବି ଆମେ ଭାରତୀୟ । ଆମ ଭିତରେ କ୍ରିକେଟକୁ ନେଇ ଅଦ୍ଭୁତ ପାଗଳପଣ । ଏଠି ଜିତିଲେ ପ୍ରଶଂସା ହାରିଲେ ସମାଲୋଚନା । ବିଶ୍ୱକପ୍ ଜିତିବା କେବଳ ରୋହିତଙ୍କ ସ୍ୱପ୍ନ କିମ୍ବା କୋହଲି ଙ୍କ ଆଶା ଥିଲା ତା ନୁହେଁ ବରଂ ଆମ ସମସ୍ତଙ୍କର ସ୍ୱପ୍ନ ଥିଲା । ଗୋଟିଏ ମ୍ୟାଚରେ ଖରାପ ବ୍ୟାଟିଂ ସାଙ୍ଗକୁ ପ୍ରଭାବହୀନ ବୋଲିଙ୍ଗ୍ ଯୋଗୁଁ ଭାରତ ପରାଜିତ ହେଲା ଫଳରେ ଦେଶବାସୀ ବିଶ୍ୱକପ୍ ବିଜେତା ହେବା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ସେଥିରେ ନିରାଶ ଓ ମର୍ମାହତ ହେଲେ । ବାସ୍ତବିକ ସ୍ୱପ୍ନ ପୂରଣ ନହୋଇ ପାରିବା ଅଗଣିତ ପ୍ରଶଂସକଙ୍କ ଆଖିରେ ଲୁହ ଓ ଛାତିରେ କୋହ ଆଣିଛି । ଆମେ ମନେ ରଖିବା ଉଚିତ୍ ଜିତିବା ହାରିବା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ । ଖେଳରେ ହାର୍ ଜିତ୍ ଲାଗି ରହିଛି । ଦେଶ ପାଇଁ ଏଗାର ଜଣ ଖେଳାଳୀ ଯେଉଁଭଳି ପରିଶ୍ରମ କରିଥିଲେ ତାହା ନିଶ୍ଚିତ ଆମ ପାଇଁ ଗର୍ବ ଓ ଗୌରବର କଥା । ଆମେ ଆମର ସବୁ ପ୍ରଚେଷ୍ଟା ସତ୍ତ୍ୱେ ବିଫଳ ହେଲୁ ତାର ମାନେ ନୁହେଁ ଖେଳାଳୀଙ୍କୁ ସମାଲୋଚନା କରିବା କିମ୍ବା ତାଙ୍କ ଖେଳକୁ ନେଇ କୌଣସି ଅଶାଳୀନ ମନ୍ତବ୍ୟ ଦେବା ବରଂ ସର୍ବଦା ଖେଳାଳୀ ମାନଙ୍କ ମନୋବଳ କୁ ବଢ଼ାଇବା ପାଇଁ ଚେଷ୍ଟା କରିବା ଦରକାର । ଆମେ ବିଜୟରେ ବି ଭାରତୀୟ ଖେଳାଳୀ ମାନଙ୍କ ସହିତ ଥିଲୁ, ପରାଜୟରେ ମଧ୍ୟ ରହିବୁ । ତାଙ୍କୁ ପୂର୍ଣ୍ଣ ସମର୍ଥନ କରିବୁ । ଆଶା କରିବୁ ଆଗାମୀ ଦିନରେ ଅର୍ଥାତ୍ ୨୦୨୭ ଦିନିକିଆ ବିଶ୍ୱକପ୍ ବିଜୟୀ ହୋଇ ଭାରତର ଅଧୂରା ସ୍ୱପ୍ନକୁ ପୂରଣ କରି ସେମାନେ ଦେଶ ପାଇଁ ଅନେକ ଗୌରବ ଆଣିବେ । (ସମାପ୍ତ)

+ଅଧ୍ୟାପକ,  
ବାଣିଜ୍ୟ ବିଭାଗ, କଟକ



## ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁକୁ କେମିତି କମେଇ ପାରିବା ?

### ସୁବ୍ରତ କର

ଦିନକୁ ଦିନ ଦୁର୍ଘଟଣା ଜନିତ ମୃତ୍ୟୁର ହାର ବଢ଼ିବାରେ ଲାଗିଛି ଏବଂ ସେହିପରି ପରିମାଣରେ ଆହତଙ୍କ ସଂଖ୍ୟା । ଗତ ପାଞ୍ଚ ବର୍ଷରେ ପ୍ରାୟ ୫୪୭୯୦ଟି ଦୁର୍ଘଟଣା ଘଟିଛି ଏବଂ ଏଥିରେ ପ୍ରାୟ ୨୫୯୩୪ ଜଣଙ୍କର ପ୍ରାଣହାନି ଘଟିଛି । ଏହି ହିସାବକୁ ନେଲେ ପ୍ରତିଦିନ ୩୦ଟି ଦୁର୍ଘଟଣା ଘଟୁଛି ଏବଂ ପ୍ରତି ଦେଢ଼ ଘଣ୍ଟାରେ ଜଣେ ଲୋକ ମୃତ୍ୟୁ ବରଣ କରୁଛନ୍ତି । ସେହିପରି ୫ବର୍ଷରେ ୫୧୮୭୩ଜଣ ଆହତ ହୋଇଛନ୍ତି । ମରିଗଲେ ତ ସରିଗଲା କିନ୍ତୁ ଯେଉଁମାନେ ଆହତ ହେଉଛନ୍ତି ସେମାନଙ୍କ କଥାକୁ ବିଚାରକୁ ନେଲେ ସରକାର ହେଉ ବା ଆହତଙ୍କ ନିଜ ଲୋକମାନେ ହୁଅନ୍ତୁ ସେମାନେ କରିବେ କଣ ? ସାରା ଜୀବନ ପଙ୍ଗୁ ହୋଇ ବଞ୍ଚିବେ ବା ଅନ୍ୟର ଉପରେ ନିର୍ଭର ହୋଇ ବଞ୍ଚିବାର କୌଣସି ମାନେ ନାହିଁ । ଏମାନେ ସରକାରର ହୁଅନ୍ତୁ ବା ନିଜ ଲୋକଙ୍କ ଠାରେ ବୋଝ ହୋଇ ରହିଛନ୍ତି। ଏମାନଙ୍କୁ ଅନୁକମ୍ପା ରାଶି ହସାବରେ ଏହି ବାକି ବର୍ଷରେ ୧୬କୋଟି ଟଙ୍କା ସରକାରଙ୍କ ତରଫରୁ ମିଳିଛି ଏବଂ ସଚେତନତା ପାଇଁ ପ୍ରାୟ ୮୦ କୋଟି ଟଙ୍କା କରା ହୋଇସାରିଛି । ଏହି ସବୁ କଲା ପରେ ମଧ ଦୁର୍ଘଟଣା ଜନିତ ମୃତ୍ୟୁହାର କମିବା ଜାଗାରେ ଦିନକୁ ଦିନ ବଢ଼ି ଚାଲିଛି। ଏବେ ପ୍ରଶ୍ନ ଉଠୁଛି କଣ କରିଲେ ମୃତ୍ୟୁ ହାର ଏବଂ ଆହତ ହେଉଥିବା ବ୍ୟକ୍ତିଙ୍କ ସଂଖ୍ୟା ଉପରେ ଅଙ୍କୁଶ ଲଗେଇ ହେବ । ଏବେ ପ୍ରାୟ ସବୁ ଜାତୀୟ ସଡ଼କରେ ସରକାରଙ୍କ ତରଫରୁ ଗାଡ଼ିର ଗତି ଉପରେ ଅଙ୍କୁଶ ଲଗାଇବା ପାଇଁ ପୋଲିସର ଗାଡ଼ି ଜଗିଛନ୍ତି, ସି.ସି କ୍ୟାମେରା ମଧ ଲଗା ହୋଇଛି, ଅନ୍‌ଲାଇନ୍ ମାଧ୍ୟମରେ ଫାଇନ୍‌ର ବ୍ୟବସ୍ଥା ହୋଇଛି ଏବଂ ଶେଷରେ ଡିଜିଟାଲାଇଜେସନ୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହାଛଡ଼ା କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ ତରଫରୁ ସମସ୍ତ ରାଜପଥରେ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ ଲାଗୁ କରିବା ପାଇଁ ଚେଷ୍ଟା ଚାଲିଛି । ଏହାଛଡ଼ା ମୋବାଇଲ ରେଡିଓ କମ୍ୟୁନିକେସନ୍ ଆଜି ଅତ୍ୟାଧୁନିକ ବ୍ୟବସ୍ଥା ଲାଗୁ କରିବା ପାଇଁ ଠିକଣା କରା ହୋଇଛି । ଏହାର ଠିକ୍ ଭାବେ ପରିଚାଳନା କରିବା ପାଇଁ ରାଜମାର୍ଗରେ ବିଭିନ୍ନ ସ୍ଥାନରେ କମାଣ୍ଡ ଏଣ୍ଡ କଣ୍ଟ୍ରୋଲ ରୁମର ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆ ହେଉଛି । ଏହି ସବୁ ଜାଣିଲା ପରେ ଆମେ ଭାବିବୁ ଗାଡ଼ିରେ ଗଲାବେଳକୁ ଆମେ ଏବଂ ଆମର ଜୀବନକୁ ବଞ୍ଚେଇ ପାରିବା । ମୋର କିନ୍ତୁ ମତ ଅଲଗା । ଏହି ସବୁ କରିବା ସହିତ ସରକାର ଯଦି ସବୁ ପ୍ରକାରର ଗାଡ଼ିରେ ଗତି ଉପରେ ଅଙ୍କୁଶ ଲଗାଇ ପାରନ୍ତେ ଭଲ ହୁଅନ୍ତା । ଏହା ହେଉଛି ସବୁ ଗାଡ଼ିର ଇଞ୍ଜିନକୁ ୬୦ରୁ ୮୦ କିଲୋମିଟରରେ ଗତିକୁ ସ୍ପିଡ୍‌କୁ କରାହୋଇପାରିଲେ ଭଲ ହୁଅନ୍ତା । ଏହି ଗତିରେ ଗାଡ଼ି ଅଧିକ ଜୋର ଯାଇ ପାରିବ ନାହିଁ ।




### ପଂଚୁକ ଶିବ ଚତୁର୍ଦ୍ଦଶୀ

#### ପିଣ୍ଟୁ ମେହେର



ଆମର୍ ପରମ୍ପରା ପଂଚୁକ ତିହାର୍  
ଦେଉଚେ କେତେ ଖୁସି ।  
ପାହାନ୍ତିଆନୁ ଗାଧେଇ କରି ସଭେ  
ଯାଉଛନ୍ ମନ୍ଦିର୍ ମିଶି ।

ଫୁଲ୍ ଦୁବ୍ ସାଙ୍ଗେ ବେଲ୍ ପତର୍ ଆଉ  
କେତେ କଦଳୀ ନଡ଼ିଆ ।  
ମନ୍ଦିର୍ ଯାଇକରି ଭୋଗ୍ ଲଗାଇକରି  
ମାରୁଛନ୍ ସଭେ ମୁଡ଼ିଆ ।

ସବୁ କାର୍ତ୍ତିକ୍ ମାସର୍ ଦଶମୀ ଦିନୁ  
ପଂଚୁକ ଆରମ୍ଭ ହେଇସି ।  
ଏକାଦଶୀ ଯାଇ ଚତୁର୍ଦ୍ଦଶୀ ଦିନ  
ଶିବ ଚତୁର୍ଦ୍ଦଶୀ ପଡସି ।

ରାତି ଉଜାଗର୍ ରହି ପାହାନ୍ତିଆନୁ  
ଯିଏ ଡ଼ଙ୍ଗା ଭସାଇ ଦେସି।  
ପୂର୍ଣ୍ଣିମା ଦିନରେ ମନ୍ଦିର୍ ଯାଇକରି  
ପୂଣ୍ୟ ଅର୍ଜନ୍ କରି ପାରସି ।

ମନ୍ଦିର୍ ଯାଇ ଠାକୁର୍ ଦର୍ଶନ୍ କରି  
କେତେ ମନ୍ ଖୁସି ଲାଗସି ।  
ଆମର୍ ପରମ୍ପରା ପଂଚୁକ ତିହାର୍  
ପ୍ରତେକ୍ ବରଷ ଆଇସି ।

ବାଘପାଲି (ଫାଉପାଲି)  
ବୌଦ୍ଧ  
ମୋ -୭୬୮୨୯୧୧୧୬୬

### ଆ କା ମା ବୈ

#### ନୂତନ କୁମାର ବେହେରା

ସମୟର ଗର୍ଭେ ଅତୀତ ହୋଇଛି ବିଲୀନ  
ଅଛି ତାର ଅଭୁଲା ଅପାଶୋରା ସ୍ମୃତି ଯେତେ ସବୁ  
ହୁଏ ଆଜି ଖାଲି ଜନ ମାନସରେ ରୋମନ୍ଥନ  
ସେ ଅକ୍ଷୟ କୀର୍ତ୍ତି ଐତିହ୍ୟ ପରମ୍ପରା ସଂସ୍କୃତି  
ଜାତିର ଆଦର୍ଶ ନୀତି ଗତି ପ୍ରଗତି ସମୃଦ୍ଧି ସ୍ଥିତି  
ଗୌରବମୟ ସୁଖ୍ୟାତି ବିଜୟର ଗୀତି  
ସାରା ବିଶ୍ୱେ ଆଣି ଦେଇଥିଲା ସ୍ୱତନ୍ତ୍ର ପରିଚୟ  
ପୁଣ୍ୟ ପବିତ୍ର ମାତୃଭୂମି ଉତ୍କଳର ଟେକ ଲାଗି  
ଶ୍ରମ ସାଧନାରେ ରଖି ଏକାଗ୍ରତାର ଲକ୍ଷ୍ୟ  
ଓଡ଼ିଆ ପୁଅ କର୍ମ କରୁଥିଲା ଦେଇ ମନ ହୃଦୟ  
କରି ନିଜ ପ୍ରତିଭାର ବିକାଶ ବିଭିନ୍ନ କ୍ଷେତ୍ରେ  
ପ୍ରଚାର ପ୍ରସାର ନିମନ୍ତେ ଯାଉଥିଲା ବିଦେଶେ  
ନ ଥାଇ ବି ସେ ସମୟରେ ଗମନାଗମନ  
ଅବା ଯୋଗାଯୋଗର ବିଶେଷ ସୁବିଧା ସୁଯୋଗ  
ପ୍ରାଣପଣେ ଅକ୍ଳାନ୍ତ ଥିଲା... ତାର ଆତ୍ମପ୍ରକାଶେ  
ନୌବାଣିଜ୍ୟରେ ଥିଲା ସୁଦକ୍ଷ ବୀର ସାହସୀ  
ଆମଦାନୀ ରପ୍ତାନି କରି ବଢାଉଥିଲା ଜାତର ମାନ  
ସାଧବ ପୁଅ ନାମେ ଥିଲା ସେ ସୁବିଖ୍ୟାତ  
କାହିଁ କେତେ ଦୂରେ ଜାଭା ସୁମିତ୍ରା ବୋର୍ନିଓ  
ସିଂହଳ ଲାକ୍ଷା ଦ୍ୱୀପ... ସାତ ଦରିଆ ସେପାରି  
ନିଜର ଉତ୍ପାଦନ ଦ୍ରବ୍ୟ ଦୂର ଦେଶେ ବିକି  
ଧନ ରତ୍ନ କେତେ ଆଣୁଥିଲା ଉପାର୍ଜନ କରି  
ମେଘ ମୁକ୍ତ ହେଲେ ନୀଳ ଆକାଶ ଶରତ ଋତୁରେ  
ବାଣିଜ୍ୟ ନିମନ୍ତେ ଶୁଭ ତିଥି କରିଥିଲା ସ୍ଥିର  
ଆସିଲେ କାର୍ତ୍ତିକ ପୂର୍ଣ୍ଣିମାରେ ସେ ମହେନ୍ଦ୍ର ବେଳା  
ଶୁଭ ମନାସୀ ପବିତ୍ର ମନେ ପ୍ରାଣେ ସାଧବାଣୀ  
ପୂଜୁଥିଲା ମାଆ ମଙ୍ଗଳାଙ୍କୁ କରି ଇଷ୍ଟ ଠାକୁରାଣୀ  
ନିରାପଦେ ଆସୁଥିଲେ ସାଧବେ ବେପାର ସାରି  
ମାନବ ସମାଜେ ଶିକ୍ଷା ସଭ୍ୟତାର କ୍ରମ ବିକାଶେ  
ଆଜି ବି ଉତ୍କଳ ଅଛି ପ୍ରତିଦ୍ୱନ୍ଦିତାର ପଥେ  
ମାତ୍ର ହଜିଛି ଜାତୀୟତା ବୋଧ ଭୁଲିଛି ଜାତିକୁ  
ଆତ୍ମ ସ୍ୱାର୍ଥରେ ବ୍ୟସ୍ତ...ନାହିଁ ସ୍ୱରାଜ୍ୟ ପ୍ରୀତି  
କରୁନାହିଁ ବାଣିଜ୍ୟ ବେପାର ନିଷ୍ଠାର ସାଥେ  
ଭେଜାଲ ଦ୍ରବ୍ୟ ଚାଲେ କଳାବଜାରୀ  
ନାହିଁ ନ୍ୟାୟ ନୀତି ଆଦର୍ଶର ବଳିଷ୍ଠ ଚେତନା  
ପୂର୍ବ ଗୌରବମୟ ସଂସ୍କୃତି... ଆ କା ମା ବୈ  
ବିକାଶର ମୁଖ୍ୟ ଚାରି ମାସ ଆଷାଢ଼ କାର୍ତ୍ତିକ  
ମାଘ ବୈଶାଖ...ଅଛି କେବଳ ତାର ସ୍ମରଣ  
ହୃଦୟେ ଆଣେ ନାହିଁ ଉତ୍ସାହର ନବ ଜାଗରଣ  
ପର୍ବର ଅନୁକରଣରେ ତା ପାଳିତ ହୁଏ ସତ  
ଯେ ପର୍ଯ୍ୟନ୍ତ ବାସ୍ତବରେ ପୂର୍ବଜଙ୍କ ପଦାଙ୍କ  
ଏ ଜାତି ନ କରିଛି ଅନୁସରଣ କି ଅନୁକରଣ  
କରି ପାରିବନି ପ୍ରକୃତ ବିକାଶରେ ତାହା ପ୍ରମାଣ।

କୋହି,ବାରିପଦା,ମୟୂରଭଞ୍ଜ  
ମୋ: ୮୦୧୮୩୫୩୩୨୨

### ବୋଇତ ବନ୍ଦାଣ

#### ନଳିନୀ ଦାଶ

ସାତ ସାଧବାଣୀ ମଥାରେ ଓଢଣୀ  
ପାଦରେ ଅଳତା ନାଇ  
ନାଲି ସିନ୍ଦୂରରେ ମଥା ଭରିଥିଲେ  
ବନ୍ଦାଣ ଥାଳି ସଜେଇ ।  
ସାଧବଙ୍କପୁଅ ସଜ ହୋଇଥିଲେ  
ମୁଣ୍ଡରେ ବାନ୍ଧିକି ଠେକା  
ଠାକୁରଙ୍କ ପାଶେ ଶୁଭ ଦୀପ ଜାଳି  
ମଥାରେ ବିଜୟ ଟୀକା ।  
ଶଙ୍ଖ ଭେରି ତୂରୀ ବାଜି ଉଠୁଥିଲା  
ଢୋଲ ଗିନି ଶବଦରେ  
ଗାଆଁ ଗାଆଁ ଲୋକ ଜମା ହେଉଥିଲେ  
ଯିବା ବେଳେ ବଣିଜରେ ।  
ଗାଆଁ ଚଉପାଶ କମ୍ପି ଉଠୁଥିଲା  
ହରିବୋଲ ହୁଳହୁଳି  
ସାଧବଙ୍କ ଗାଆଁ ଦରିଆ କୂଳଟି  
ଶବଦେ ଯାଏ ଉଛୁଳି ।  
ବୋଇତ ବନ୍ଦାଣ ପାଇଁ ସାଧବାଣୀ  
ବନ୍ଦାଣ ଥାଳି ସଜେଇ  
ବିଦାୟ ଦିଅନ୍ତି ସାଧବ ପୁଅଙ୍କୁ  
ଫୁଲ ଚାଉଳ ପକେଇ ।  
ସାଗର କୂଳରୁ ବୋଇତଟି ଯାଏ  
ନୀଳ ଢେଉ ଚିରିଚିରି  
ସାତ ସାଧବଯେ ଯାଆନ୍ତି ବଣିଜେ  
ସାତ ଦରିଆ ସେପାରି ।  
ସାଥେ ନେଉଥିଲେ ଦେଶରୁ ଶସ୍ୟକୁ  
ଚାଉଳ ଧାନ ଓ ବିରି  
ମାଣ୍ଡିଆ ସୋରିଷ ମୁଗ ଚଣା ଯଅ  
ଓଳିଆରେ ବାନ୍ଧିକରି ।  
ଚାରିମାସ ପାଇଁ ବଣିଜେ ଯାଆନ୍ତି  
ଜାଭା ସୁମାତ୍ରା ଓ ବାର୍ଲି  
ଜନମଭୂମିକୁ ଛାଡ଼ି ଯାଉଥିଲେ  
ବୋଇତକୁ ଦେଇ ମେଲି ।  
ବିଦେଶୁ ଆଣିଲେ ଧନରତନକୁ  
ଭଣ୍ଡାରକୁ ଦେଲେ ଭରି  
ସାଧବ ପୁଅଙ୍କ ପାଇଁ ଆମଦେଶେ  
ବଢ଼ିଗଲା ଶୋଭା ଶିରୀ ।  
କାର୍ତ୍ତିକ ପୂର୍ଣ୍ଣମୀ ସାଧବ ପୁଅଙ୍କ  
କାହାଣୀ ଦେଉଛି କହି  
କୀରତି ବାନାକୁ ଉଡେଇ ଗାଉଛି  
ଅତୀତର ଗାଥା ଏହି ।

ଭିକାରିପଡା, ଶରଣକୁଳ, ନୟାଗଡ଼  
ମୋ:୬୩୭୦୦୯୫୨୪୧

# ଲେଉଟା ପାର୍ବଣ



ଅମରନାଥ ବାରିକ୍

ଜାନକୀ... ଜାନକୀ... ଏ ଜାନକୀ, କୁଆଡ଼େ ଗଲ ମ !! ସକାଳୁ ସକାଳୁ ଏମିତି କେଉଁ କାମରେ ବ୍ୟସ୍ତ ରହିଗଲ ଯେ ଶୁଣୁ ନାହଁ ? ଆରେ ଏଣେ ପରା ମୋର ବିଳମ୍ବ ହୋଇ ଗଲାଣି । ଆଜି ଟିକେ ସଅଳ ଯିବାର ଥିଲା ସ୍କୁଲକୁ କାରଣ ପାର୍ବଣ ଛୁଟି ପାଇଁ ସବୁ ଖାତାପତ୍ର କାମ ସାରିବାକୁ ହେବ । ସରକାର ଏଥର କଡ଼ା ନିୟମ କରିଛନ୍ତି । କୌଣସି ଛୁଟି ପରେ ଯେମିତି କିଛି ବିଷୟବସ୍ତୁ ବଳି ନପଡୁ । ସିଲାବସ୍ ଅନୁଯାୟୀ ସବୁ ଶେଷ କରିବାକୁ ହେବ । ହଉ ଛାଡ଼ ତୁମକୁ ଏ ସବୁ କହିଲେ ତୁମେ ବା କଣ କରିପାରିବ। ଦେଖ ତ ମୋ ପାକେଟ ପାନିଆଟା କେଉଁଠି ରହିଲା ମୁଁ ପାଉନାହିଁ। ଶୀଘ୍ର ଖୋଜିଦେଲେ ମୁଁ ଯିବି। ବାସୁ ମାଷ୍ଟ୍ରେଙ୍କ ମୁହଁରୁ ଏତିକି କଥା ସରୁ ସରୁ ତାଙ୍କ ଘରଣୀ ହାତରେ ଟିଫିନ୍ ବାକ୍ସ ଧରି ପହଞ୍ଚି ଗଲେ ।

ଆରେ ବାବା..! ତୁମର ସବୁ କାମ ଗୁଡା ଏକାବେଳେ ଦରକାର ମୁଁ ତ ପୁଣି ଜଣେ ମଣିଷ, ଏତେ ଶୀଘ୍ର କେମିତି ଏସବୁ କାମ କରିବି ଯେ ? ଏପଟରେ ପିଲାମାନଙ୍କୁ ସମ୍ଭାଳିବା, ବାରିରୁ ପନିପରିବା ଆଣିବା, ରୋଷେଇ କରିବା, ଟିଫିନ୍ ବାକ୍ସ ସଜାଡ଼ିବା, ଘର ଓଳେଇବା, କୂଅରୁ ପାଣି କାଢ଼ିବା, ଗାଧୁଆ ପାଧୁଆ କରିବା, ବଗିଚାରୁ ଫୁଲ ତୋଳିବା, ଠାକୁର ପୂଜା କରିବା, ସମସ୍ତଙ୍କର କପଡ଼ାଲତା ଧୋଇବା, ଆହୁରି ଅନେକ କାମ । ନିଜର ତ ପୁଣି କିଛି ପେଟ ପାଟି ଅଛି କି ନାହିଁ ? ହଁ ତୁମେ ବା କ'ଣ କରିବ ? ଯେହେତୁ ମୁଁ ଜଣେ ନାରୀ ଏ ସବୁତକ ମୋତେ ହିଁ କରିବାକୁ ପଡ଼ିବ। ଏଇ ନିଅ ତୁମ ପାନିଆ, ବହୁତ ମଇଳା ହୋଇଯାଇଥିଲା ତ, ମୁଁ ସଫା କରିବା ପାଇଁ ନେଇଥିଲି । ଜାନକୀ ଆଖିରୁ ଦୁଇ ଟୋପା ଲୁହ ନିଗାଡ଼ି ଦେଲା।

ବାସୁ ମାଷ୍ଟ୍ରେ ସ୍କୁଲକୁ ଯାଇଥିଲେ ସତ କିନ୍ତୁ ସେ ଅନ୍ୟମନସ୍କ ରହୁଥିଲେ । ଯେମିତି ଗୀତ ଗାଇ ଗାଇ ସାହିତ୍ୟ ପଦ୍ୟ ପଢାନ୍ତି । ସୁନ୍ଦର ସରଳ ଭାଷାରେ ଗପ କହିଲା ଭଳି ଗୋଟି ଗୋଟି କରି ପଦ୍ୟକୁ ବୁଝାନ୍ତି । ସେମିତି ନପଢ଼ାଇ ଖାଲି ସିଧାସଳଖ ଭାବରେ ପଢ଼ାଉଥିଲେ । ଦୁର୍ଗାପୂଜା ପାଇଁ ବିଦ୍ୟାଳୟ ଏକ ସପ୍ତାହ ଛୁଟି ରହିବାକୁ, ଏପଟେ ସମସ୍ତ ଅସମ୍ପୂର୍ଣ୍ଣ ସ୍ଥଗିତ କାର୍ଯ୍ୟ ଶେଷ କରିବାକୁ, ପୁଣି ପ୍ରଧାନ ଶିକ୍ଷକ ଭାବରେ ସମସ୍ତ ଗୁରୁ ଦାୟିତ୍ୱ ତୁଲାଇବାକୁ ତଥା ମାନସିକ ଭାରସାମ୍ୟ ଓ ଶାରୀରିକ ପରିଶ୍ରମ । କର୍ମମୟ ଜୀବନରେ ସର୍ବଦା ରେଳଗାଡ଼ି ପରି ଦ୍ରୁତଗତିରେ କଠିନ ପରିଶ୍ରମ ସହିତ ଶରୀରକୁ ନିୟୋଜିତ ରଖିଥାନ୍ତି। ଫୁର୍ତ୍ତି ଓ ତତ୍ପର ରୁହନ୍ତି କିନ୍ତୁ ହଠାତ୍ ଆଜି ସମୁଦ୍ରର ଢେଉ ସ୍ଥିର ହୋଇ ଯାଇଛି । ବାଘର ଗର୍ଜନ ଶୁଭୁନାହିଁ । ବୈଶାଖ ଆକାଶରେ ଘୂର୍ଣ୍ଣିଝଡ ସୃଷ୍ଟି ହୋଇଛି । ପୁନେଇ ଜହ୍ନକୁ କଳା ବାଦଲ ଢାଙ୍କି ଦେଇଛି । ସୁବାସିତ ଫୁଲର ଉଦ୍ୟାନ ଆଜି ମରୁଭୂମି ପାଲଟି ଯାଇ, ଶରତରେ ପତ୍ରଝଡ଼ା ଦେଇଛି । ହେଲେ ଆଜି ଏମିତି ସବୁ ଓଲଟ ପାଲଟ କାହିଁକି ହୋଇଯାଇଛି । ନା ଜମା ନୁହେଁ, ବାସୁ ମାଷ୍ଟ୍ରେଙ୍କ ମନଟା ଜମା ବୁଝୁନଥାଏ। ତାଙ୍କ ପତ୍ନୀଙ୍କର ଏଭଳି ବ୍ୟାକୁଳତା, ଆଖିରୁ ଲୁହ ଝରିବା ଦୃଶ୍ୟ ତାଙ୍କୁ ପାଗଳ କରିପକାଉଛି, ସେ ସ୍ଥାଣୁ ପାଲଟି ଯାଇଛନ୍ତି।

ବୋଧହୁଏ ତାଙ୍କ ଝିଅ କଲ୍ୟାଣୀ ପାଇଁ ଏସବୁ ହୋଇଛି । ଝିଅ ତ ନୁହେଁ ସତେ ଯେମିତି ମା ଦୁର୍ଗାଙ୍କ ପ୍ରତିମାଟିଏ ତାଙ୍କ ଘରେ ଆବିର୍ଭାବ ହୋଇଥିଲା । ସେଥିପାଇଁ ବାସୁ ମାଷ୍ଟରଙ୍କ ପତ୍ନୀ ଜାନକୀ ଝିଅର ନାଁ କଲ୍ୟାଣୀ ରଖିଥିଲେ । ତା'ର ଜନ୍ମ ବି ମଧ ଏଇ ଦୁର୍ଗା ଅଷ୍ଟମୀରେ ହୋଇଥିଲା। ଯେଉଁ ସ୍ତ୍ରୀ କାଲି ମଧୁର ମଧୁର କଥାରେ ସମସ୍ତଙ୍କ ମନ କିଣିନେଉଥିଲା, ଯାହାର ହସରେ ଏ ସଂସାର ହସି ଉଠୁଥିଲା, ଆଜି ସେ କ'ଣ କେତେବେଳେ କରୁଛି କେହି କିଛି ବୁଝି ପାରନ୍ତି ନାହିଁ । ଶହେ ପଦରେ ପଦେ କହି ରହିଯାଏ । କେବଳ ସେ ଅପେକ୍ଷା କରିଥାଏ ଦଶହରା ମେଳାକୁ । ମେଳା ଦେଖି ଯିବା କଥା କହିଲେ ସେ ସବୁକିଛି ଭୁଲି ଦଶହରା ମେଳା ଯିବା ପାଇଁ ବ୍ୟାକୁଳ ହୋଇ ଉଠେ, ଏମିତିକି ବାସୁ ମାଷ୍ଟ୍ରେଙ୍କ ପାଦ ଧରି ମୁଣ୍ଡ ପିଟେ । ପାଗଳି ପରି ଗଡ଼ିଯାଏ, ଆଉ କୁହେ 'ଏ ମୋତେ ଏଥର ମେଳାକୁ ନେବ ନା !' ବାସୁ ମାଷ୍ଟ୍ରେ ହଁ କହି ତାଙ୍କ ଛାତିରେ ଚାପି ଧରନ୍ତି । ଆଖିର ଲୁହ ଓଠରେ ପିଇ ଯାଆନ୍ତି । ମେଳାରୁ ନିରାଶ ହୋଇ ଫେରି ଆସନ୍ତି ପ୍ରତିବର୍ଷ। ବହୁତ ଆଶା ନେଇ ଜାନକୀ ମେଳାକୁ ଯାଏ ସତ, କିନ୍ତୁ ତା ଆଶା ପୂରଣ ହୁଏ ନାହିଁ । ତା' ଭଙ୍ଗା ମନ କେବେ ଯୋଡ଼ି ହୁଏ ନାହିଁ । ସତରେ କ'ଣ ଜାନକୀ ଏମିତି ଦଶହରା ମେଳାକୁ ଯାଉଥିବ, ଆଉ ନିରାଶ ହୋଇ ଫେରୁଥିବ ! ତା' ଆଶା କ'ଣ ଆଶାରେ ରହିଯିବ ଏମିତି ? ତା' ମୁହଁରେ କ'ଣ ଆଉ ହସ ଫୁଟିବ ନାହିଁ ? କିଏ ଛଡ଼େଇ ନେଇଛି ତା' ଖୁସି ? କେଉଁ ରାଇଜରେ ତା' ସ୍ୱପ୍ନର ତାଜମହଲ ହଜିଗଲା ?

ଆଜିକୁ ପ୍ରାୟ ପାଞ୍ଚ ବର୍ଷ ତଳର କଥା:- ପାର୍ବଣ ମେଳା ଦେଖିବାକୁ ବାହାରିଥିଲେ ବାସୁ ମାଷ୍ଟ୍ରେ ଓ ତାଙ୍କ ଘରଣୀ ଜାନକୀ । ସାଥିରେ ତାଙ୍କର ଏକ ମାତ୍ର ଅଲିଅଳି ଜ୍ୟେଷ୍ଠ କନ୍ୟା କଲ୍ୟାଣୀ ଏବଂ ମଧ୍ୟମ, କନିଷ୍ଠ ଦୁଇ ପୁତ୍ର ମଧ ଥିଲେ । ସେତେବେଳେ କଲ୍ୟାଣୀର ବୟସ ମାତ୍ର ସାତ ପୂରି ଆଠ ବର୍ଷ ଚାଲିଥାଏ । ପିଲାଟି ବଡ ବୁଦ୍ଧିମତୀ, ଡଉଲ ଡାଉଲ ପୁଣି କୌତୁକିଆ ଥିଲା। ମେଳାରେ ଜାନକୀ ଗୋଟାଏ ଛୁଆକୁ କାଖେଇ ଥାଏ ତ ବାସୁ ମାଷ୍ଟ୍ରେ ଗୋଟାଏ ଛୁଆକୁ କାଖେଇ ଥାଆନ୍ତି । ଆଉ କଲ୍ୟାଣୀ ପିତା ମାତାଙ୍କ ହାତ ଧରି ଚାଲିଚାଲି ଯାଉଥାଏ । ସେଠାରେ ବିଭିନ୍ନ ପ୍ରକାର ଦୋକାନ ବଜାର ପଡ଼ିଥାଏ । କେଉଁଠି କେଉଁଠି ଖାଇବା ପିଇବା ଜିନିଷ ତ କେଉଁଠି କେଉଁଠି ହାତୀ ଘୋଡ଼ା ଭଳି ବିଭିନ୍ନ ଖେଳନା ପଡ଼ିଥାଏ । ଜାଗା ଜାଗାରେ ମଧ କଣ୍ଢେଇ ନାଚ ହେଉଥାଏ ତ ଅନ୍ୟ ପଟେ ଆକାଶ ଦୋଳି ଲାଗିଥାଏ । ମା ଦୁର୍ଗାଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସମାଗମ ବହୁତ ହୋଇଥାଏ । ପେଁକାଳୀ , ଖୋଳ, ମର୍ଦ୍ଦଳ, ଢୋଲ, ହରିବୋଲ, ହୁଳହୁଳି, ଶଙ୍ଖନାଦର ଧ୍ୱନି ଗର୍ଜନ କରୁଛି କାରଣ ଜଗତ ଜନନୀ ଧରାବତରଣ ହୋଇଛନ୍ତି । ଏଭଳି କୋଳାହଳ ଭିଡ଼ ଭିତରେ କଲ୍ୟାଣୀ ପିତା ମାତାଙ୍କ ହାତ ଛଡା ହୋଇଗଲା । ବାସୁ ମାଷ୍ଟ୍ରେ ଜାନକୀ ପଛକୁ ବୁଲି ଦେଖନ୍ତି କଲ୍ୟାଣୀ ନାହିଁ । ସତେ ଯେମିତି ସମୁଦ୍ରର ଢେଉ ଭଳି ଭକ୍ତଙ୍କ ଭିଡ଼ ଆଗକୁ ପଛକୁ ଲହଡ଼ି ଭାଙ୍ଗୁଛି । କେଉଁଠୁ ବା ଝିଅକୁ ପାଇବେ ? ପିତାମାତାଙ୍କ ପାଦ ତଳୁ ମାଟି ଖସିଗଲା। ଖୋଜି ଖୋଜି ନୟାନ୍ତ ହୋଇପଡିଲେ କିନ୍ତୁ କଲ୍ୟାଣୀକୁ ପାଇଲେ ନାହିଁ । ସେହି ଦିନ ଠାରୁ ଜାନକୀ ଝିଅର ଫେରିବା ବାଟକୁ ଚାହିଁ ରହିଛି ଯେ ଆଜିକୁ ପାଞ୍ଚ ବର୍ଷ ବିତି ଗଲାଣି ।

ବିଦ୍ୟାଳୟର ଘଣ୍ଟା ଟିଙ୍ଗଟିଙ୍ଗ ହୋଇ ବାଜିବାରୁ ବାସୁ ମାଷ୍ଟ୍ରେଙ୍କ ମୁହଁରୁ ବାହାରିଲା 'ଓଃ ଏତେ ସମୟ ହୋଇଗଲାଣି।' ହାତରୁ ଟିକେ ସାର୍ଟ ଉଠେଇ ଘଡି ଦେଖନ୍ତି ତ ଚାରିଟା ବାଜିଥିଲା। ପିଲାମାନେ ବହି ବସ୍ତାନି ଧରି ଖୁସିରେ ହୋହାଲ୍ଲା କରି ଘରକୁ ଧାଇଁ ଯାଉଥାନ୍ତି। କାରଣ ଦୁର୍ଗାପୂଜା ପାଇଁ ଆଜିଠାରୁ ବିଦ୍ୟାଳୟ ଗୋଟିଏ ସପ୍ତାହ ଛୁଟି ରହିବ । ଏତିକିବେଳେ ବିଦ୍ୟାଳୟର ଚପରାସି ରଘୁଭାଇ ଆସି କହିଲେ ' ସାର୍ ମୁଁ ସବୁ ଠିକ ଠାକ୍ ରେ ବନ୍ଦ କରିଦେଇ ଚାବି ପକେଇ ଦେଇଛି।' ବାସୁ ମାଷ୍ଟ୍ରେ କହିଲେ ହଁ ତମେ ଏବେ ଚାଲ, ମୁଁ ଟିକେ ପରେ ଆସୁଛି।

ବାସୁ ମାଷ୍ଟ୍ରେ ଫେରିବା ବାଟରେ କିଛି ଫଳମୂଳ ଆଦି ଧରି ପହଞ୍ଚି ଗଲେ । ଜାନକୀ ତାଙ୍କ ହାତରୁ ଏ ସବୁ ଦେଖି ବହୁତ ଖୁସି ହୋଇଗଲା । ତା'ର ମନେ ପଡ଼ିଲା ଯେ କାଲି ଦଶହରା ମେଳା ଦେଖିବାକୁ ଯିବ । ସବୁ ବର୍ଷ ପରି ଏ ବର୍ଷ ମଧ ବହୁତ ଆଶା ନେଇ ଜାନକୀ ଝିଅର ଶୁଭ ମନାସିଛି । ବୋଧ ହୁଏ ମା ମଙ୍ଗଳା ତା' ଡ଼ାକ ଶୁଣିବେ ଆଉ କଲ୍ୟାଣୀ ମିଳିଯିବ । ପାର୍ବଣ ଋତୁର ମଳୟ ପବନରେ ଶୁଭ୍ର କାଶତଣ୍ଡୀର ଚାମର ଦୋହଲି ଯାଉଛି । ସବୁଜ ସୁଷମାରେ ବିମଣ୍ଡିତ ହୋଇଛି ଧରଣୀ । ଜହ୍ନର ଜୋଛନା ଦେଖି ସରସୀ କୋଳରେ କୁମୁଦିନୀ ଦୋଳି ଖେଳୁଛି। ସନ୍ଧ୍ୟାର ସୁନେଲି କିରଣରେ ସତେ ଯେମିତି ରଜନୀରାଣୀ ରୋଷଣୀ କରି ଆସୁଛି । ଏହି ସୁରମ୍ୟ ଶୁଭ ଲଗନରେ ସମସ୍ତେ ବାହାରି ପଡ଼ିଲେ ବିଶ୍ୱରୂପାଙ୍କ ଦିବ୍ୟ ଦର୍ଶନ ପାଇଁ। ସବୁ ଥର ଅପେକ୍ଷା ଏଥର ଟିକେ ନିଆରା ପଦ୍ଧତିରେ ସାଜସଜ୍ଜା ହୋଇଥାଏ କଟକ ସହର। ଦୁର୍ଗା ମଣ୍ଡପକୁ ଲାଗି ଆଉ ଏକ ନୃତ୍ୟ ମଣ୍ଡପ ପ୍ରସ୍ତୁତ କରାଯାଇଛି ଏଥର । ବାସୁ ମାଷ୍ଟ୍ରେ ମନେ ମନେ ଭାବିଲେ ଯଦି ଜାନକୀ ନୃତ୍ୟ ପରିବେଷଣ ଦେଖେ ନିଶ୍ଚୟ ତା' ମନ ଭିତରେ ଥିବା ଦୁଃଖ ଦୂର ହେବ । ବାସୁ ମାଷ୍ଟ୍ରେ ତାହା ହିଁ କଲେ, ନୃତ୍ୟ ପରିବେଷଣ ଦେଖିବା ପାଇଁ ସେଠାକୁ ଗଲେ। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ପ୍ରଥମେ ମଞ୍ଚକୁ ଏକ ବାର ବର୍ଷର ବାଳିକାଟିଏ ଆସି ସୁଲଳିତ କଣ୍ଠରେ ପ୍ରାରମ୍ଭିକ ସଙ୍ଗୀତ ଗାନ କଲା । ତାହାର କଣ୍ଠ ସ୍ୱରରେ ଅନେକ କିଛି ପରିଭାଷା ବାହାରୁଥିଲା । ଆଉ ତାହା ହିଁ କେବଳ ଜାନକୀର କର୍ଣ୍ଣଧାରରେ ପ୍ରତିଧ୍ୱନିତ ହେଉଥିଲା । ସତେ ଯେମିତି ସେ ବାଳିକା ସହିତ ଜାନକୀର କିଛି ସମ୍ବନ୍ଧ ରହିଛି। ଲୁଚି ରହିଥିବା ମେକପ ଚେହେରା ତଳେ ସେ କଲ୍ୟାଣୀକୁ ଦେଖିପାରୁଥିଲା । ଗାନ ଶେଷରେ ଯେତେବଳେ ବାଳିକାଟିକୁ ପରିଚୟ ପ୍ରଦାନ କରିବା ପାଇଁ ଦର୍ଶକ ମଣ୍ଡଳୀ ଅନୁରୋଧ କଲେ ଏବଂ ନିଜ ବିଷୟରେ କିଛି ତଥ୍ୟ ପ୍ରଦାନ କରିବା ପାଇଁ ଅନୁରୋଧ କଲେ ସେତେବେଳେ ସେ ଜଣେ ପୂଜାରୀଙ୍କୁ ମଞ୍ଚକୁ ଆସିବା ପାଇଁ ଆହ୍ୱାନ କଲା । ସେହି ପୂଜାରୀ ଜଣକ ଯିଏକି ମା ଦୁର୍ଗାଙ୍କ ପୂଜକ । ସେ ମଞ୍ଚକୁ ଆସି ନିଜର ପରିଚୟ ସହିତ ବାଳିକାଟିକୁ କେମିତି ପାଇଥିଲେ ସେ କଥା ସେ ଶୁଣାଇଲେ । କଥା ଶେଷ ହୋଇ ନଥିଲା ପୂଜାରୀଙ୍କର, ଜାନକୀ ଚିତ୍କାର କରି ଡ଼ାକିଡ଼ାକି ମଞ୍ଚ ଉପରକୁ ଚଢ଼ିଗଲା । ସତେ ଯେପରି ଆଖିରୁ ତା'ର ଗଙ୍ଗା ଯମୁନା ଧାରଧାର ହୋଇ ବୋହି ଯାଉଥାଏ । ପୂଜାରୀଙ୍କ ପାଦ ଧରି, ମୋ ଜୀବନ ଧନ କହି ସେହି ବାଳିକାଟିକୁ କୋଳେଇ ଧରି ଚୁମ୍ବନରେ ଦେହ ଭରିଦେଲା। ସମସ୍ତେ ଅପଲକ ନେତ୍ରରେ ଚାହିଁ ରହିଛନ୍ତି । ଘୋର ଗର୍ଜନ ଘଡଘଡି ବିଜୁଳି ସହିତ ମୂଷଳ ଧାରାରେ ବର୍ଷା ପବନ ପ୍ରବଳ ମାତ୍ରାରେ ବହିବାକୁ ଲାଗିଲା । ଏହି ଭୟଙ୍କର ଦୃଶ୍ୟ ଭିତରେ ସେତେ ଯେମିତି ମା ଦୁର୍ଗା ଧରାବତରଣ କରିଛନ୍ତି, ଆଉଥରେ ରାବଣ ରୂପି ପାପୀ ମାନଙ୍କୁ ସଂହାର କରିବା ପାଇଁ । ଯୋଗୀଜନ ମାନଙ୍କୁ ଉଦ୍ଧାର କରିବା ପାଇଁ । ନାରୀ ନିର୍ଯାତନା, କନ୍ୟା ଭୃଣ ହତ୍ୟା, ନାରୀ ଧର୍ଷଣକୁ ରୋକିବା ପାଇଁ, ଅନ୍ୟାୟ ଅଧର୍ମ ଦୁର୍ନୀତି ଅନ୍ଧ ରାଜନୀତିକୁ କ୍ଷୟ କରିବା ପାଇଁ, ସତ୍ୟର ଜୟ ଘୋଷଣା ପାଇଁ ।



+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ମୋ:୯୫୪୦୩୦୮୦୯୫
(ନୂଆଦିଲ୍ଲୀ)

# ସୀତା ବୁଢୀର ହବିଷ ଯାତ୍ରା



ଧ୍ରୁବ ଚରଣ ବେହେରା

ଆଗକୁ କାର୍ତ୍ତିକ ମାସର ପଞ୍ଚୁକ ଆସୁଅଛି । ଗାଆଁ ଗଣ୍ଡା ପୂଜା ସ୍ତୁତିରେ ଉଚ୍ଛୁଳି ପଡିବ । ଲୋକମାନେ ଆମିଷ ଭୋଜନ ଛାଡି କାର୍ତ୍ତିକ ହବିଷ ପାଳନ କରିବେ। ମାଛ ଓ ମାଂସ ବଜାରରେ ମଣିଷ ତ ଦୂରର କଥା କାଉ, ବିଲେଇ ଓ କୁକୁର କାହାର ଦେଖା ମିଳିବ ନାହିଁ । ସତେ ଯେମିତି ଜନଶୂନ୍ୟ ମାଛ ଓ ମାଂସ ବଜାର । ଆମ ଗାଆଁର ସୀତା ବୁଢୀର ଖୁସି କହିଲେ ନସରେ । ମାସକ ଯାକ ଧରମ ମାସ ବୋଲି ବୁଢୀ ଆଖିରେ ନିଦ ନାହିଁ । ତା'ର ନିତି ଦିନର ବେଉସା କହିଲେ ପାଟରା ଜିନିଷ ବିକିବାକୁ ଅନ୍ୟ ଗାଆଁକୁ ଯାଏ। ସାଙ୍ଗରେ ପଖାଳ କଂସାଏ ସହିତ କଣ ଟିକେ ଭଜା ଭଜି ସହିତ ଲୁଣ ଓ ଲଙ୍କା ଯତ୍ନର ସହିତ ଯୋଗାଡି ଦିଏ । ଗୋଟିଏ କନାରେ ଭାତ କଂସା ଘୋଡଣି ବା ଥାଳିଆରେ ଢାଙ୍କି ଦେଇ କଷିକରି ବାନ୍ଧି ଦେଇ ପାଟରା ବୋଝ ଉପରେ ରଖି ମନୋହରି ଜିନିଷ ବିକିବା ପାଇଁ ଆଖ ପାଖ ଗାଆଁକୁ ବାହାରିଯାଏ । ଯାହା ସେଥିରୁ ଦୁଇ ପଇସା ଲାଭ କରେ ନିଜେ ଖାଏ ଓ ଅଳପ କିଛି ସଞ୍ଚୟ କରେ । କାରଣ ବୁଢି ମାଇପ ତ, ସେ ସବୁ ବର୍ଷ ଆମିଷ ଛାଡି ଧରମ ମାସ ବା କାର୍ତ୍ତିକ ମାସ ହବିଷ ପାଳନ କରେ । ଧରମ ମାସ ପଡିବା ଯୋଗୁଁ ବେପାର ଛାଡି ହବିଷ ପାଳିଛି । ବୁଢୀ ଏ ମାସରେ ଆମିଷ ଖାଇବା ତ ଦୂରର କଥା ଜମାବି ତାକୁ ଆଡ ଆଖିରେ ଅନାଏ ନାହିଁ । ଏପରିକି ଘରେ ଜଦି ପିମ୍ପୁଡି ଚାଲିଯାଏ ତାକୁ ଗୋଡରେ ଦଳେ ନାହିଁ କି ମାରେ ନାହିଁ ବୁଢୀ ତା'ର ପୂର୍ବ ପରମ୍ପରାକୁ ମାନି ଏହି ମାସରେ କାହାକୁ କେବେ ଆଘାତ ଦିଏ ନାହିଁ । ସୀତା ବୁଢୀ କୁହେ ଯେ ଯାହା କରୁଛ ପଛେ ଧରମ ମାସରେ ଜୀବ ଜନ୍ତୁଙ୍କ ପ୍ରତି ଟିକେ ଦୟା ରଖିଲେ ମରିଲା ପରେ ବୈକୁଣ୍ଠରେ ବାସ ମିଳେ । ଆଉ ତା' ସାଙ୍ଗ ବୁଢୀ ମାନଙ୍କୁ ଓ ନାତି ନାତୁଣୀ ମାନଙ୍କୁ ବୁଝାଇ କୁହେ ଜାଣିଛ ଧରମ ମାସରେ କେବେ ହେଲେ ଆମିଷ ଖାଇବ ନାହିଁ କାରଣ ଏହି ମାସରେ ବଗ ବି ମାସେ ପର୍ଯ୍ୟନ୍ତ ଆମିଷ ଭୋଜନ ଛାଡି ଦେଇଥାଏ ଆଉ ବିଲେଇ ଚାନ୍ଦ୍ରାୟଣ ବ୍ରତକୁ ପାଳନ କରେ । ଆମେ ମଣିଷ ହୋଇ କାହିଁକି ପଶୁ ପକ୍ଷୀ ମାନଙ୍କଠାରୁ ଏତେ ହୀନ ହୋଇଯିବା ? ମାସେ ଆମିଷ ଛାଡି ପାରିବା ନାହିଁ କାହିଁକି ? ଗୋଟିଏ ମାସ ଆମିଷ ଛାଡି ଦେଲେ ଆମର କିଛି କ୍ଷତି ହୁଏ ନାହିଁ । ବୁଢୀ ସବୁଦିନ ସକାଳୁ ଉଠି କାଉ ଓ ପାରା ଓ ଚଟିଆଙ୍କ ଲାଗି ଖୁଦ ମରୁକ ନିଜ ଘର ଦାଣ୍ଡରେ ବୁଣି ଦେଇ ପକ୍ଷୀ ମାନଙ୍କ ଓଦର ଭରିଲେ ତା' ପରେ ଯେଉଁ କଥା ।ପାଖ ପଡୋଶୀ ବୁଢୀ ରାଧା ମାଆ, କାଶିଆ ମାଆ, ଶାନ୍ତୁନୁ ମାଆ ସାଙ୍ଗରେ ସାଙ୍ଗ ହୋଇ କାର୍ତ୍ତିକ ମାସର ପହିଲା ରୁ ପାହାନ୍ତା ପହରୁ ଉଠି ଘର ଦ୍ୱାର ଓଳେଇ, ଗାଆଁ ପୋଖରୀରେ ଗାଧୋଇ ପାଧୋଇ, ନିଶା ମାଆ ବାଡିରୁ ଫୁଲ ତୋଳି ଘରକୁ ଫେରେ । ଘର ଆଗରେ ଚାଉଳ ଚୂନାର ସେଦୁଅରେ ଚିତ୍ତା କାଟି ଅଗୁର ବତୀ ଜଳାଇ ତା'ଘର ପାଖ ଚାରି ଆଡେ କର୍ପୂର ଚନ୍ଦନ ଝୁଣା ରେ ପୂରା ପରିବେଶକୁ ମହ ମହ ବାସ୍ନା ସହିତ ଘୃତ ଦୀପ ନୈବେଦ୍ୟରେ ଉଚ୍ଛୁଳାଇ ଦିଏ । ଫୁଲ ଚନ୍ଦନରେ ଚଉରା ପୂଜି ହୁଳ ହୁଳି ପକାଇ ବାହାରି ପଡେ ଗାଆଁ ମନ୍ଦିର ଶ୍ରୀ ବାଳମକୁନ୍ଦଦେବଃ ଙ୍କ ମନ୍ଦିର ବେଢା ବୁଲିବାକୁ। ମନ୍ଦିର ବେଢାରେ ଝାଡୁମାରି ଲେକ୍ଷେ ଦେବା ଦେବୀଙ୍କୁ ଡାକି ତୁଳସୀ ଚଉରା ପୂଜି । ଚିତା ଚନ୍ଦନ କାଟି ହୁଳ ହୁଳି ଦେଇ ମୁଣ୍ଡିଆ ମାରି ନିଜ ପୁଅ ଝିଅ ନାତି ନାତୁଣୀ ବନ୍ଧୁ ଆତ୍ମୀୟ ସ୍ୱଜନଙ୍କ ଲାଗି ଦେବା ଦେବୀଙ୍କ ନିକଟରେ ନିଜକୁ ଭକ୍ତିର ସହ ସମର୍ପଣ କରି ଦିଏ । ସୀତା ବୁଢୀ ମନରେ ଆଶା ବାନ୍ଧିଛି ଯେମିତି ହେଲେ ପଞ୍ଚୁକ ଆସିଲେ ପୁରୀ ଯାଇ ବର୍ଷକର ପାପ ଧୋଇ ଆସିବ । ପାପ ଆଉ କଣ ଯେ ପେଟ ପାଟଣା ପାଇଁ ବେପାର ବଣିଜ କରି ଯେଉଁ ଦି ପଇସା ଠକିଛି ଏଗାର ମାସରେ ସେଥିରୁ ମୁକ୍ତି ପାଇଁ ମନେ ମନେ ଭାବି ଏହି ଏକ ଧରମ ମାସ ପାଳନ କରେ। ନିତି ଦିନ ପୂଜା ପାଠ ସରିଲେ ଘରେ



ଅରୁଆ ଭାତ ସହିତ ନାନା ପନି ପରିବା ଯଥା ଖମ୍ବ ଆଳୁ, କୁଜି ସାରୁ, ବନ୍ତଳ କଦଳୀ, କନ୍ଦମୂଳ ପକାଇ ଭଲ ଘାଣ୍ଟକୁ ଡାଲମା ତିଆରି କରି କଦଳୀ ପତ୍ରରେ ଆନନ୍ଦରେ ସେବନ କରେ । ଖାଇଲା ବେଳେ ନାତି ନାତୁଣୀ ମାନେ ଆସିବେ ବୋଲି ଦୁଆର କିଳି ଦେଇ ନିଜେ ନିଜେ ଘର ଭିତରେ ଏକା ମଣୋହି ବା ଚଳୁ କରିଥାଏ । ଜଦି କାହାର ପାଟିରୁ କଥା ଶୁଣା ଯାଏ ସରିଲା କଥା । ସାଙ୍ଗେ ସାଙ୍ଗେ ଖାଇବା ପାଖରୁ ଉଠି ଯାଇ ବୋପା ଛପନ ପୁରୁଷ ବାହାର କରି ଗାଳି ଦିଏ । ଧରମ ମାସରେ ଧର୍ମ କରିବା ବଦଳରେ ଅଧର୍ମର କଥା ସବୁ ବାଢି ବସେ । ସେ ଯାହା ହେଉ ଆସନ୍ତା କାଲି ପଞ୍ଚୁକ ପାଇଁ ସୀତା ବୁଢୀ ପୁରୀ ଯିବା ପାଇଁ ଗାଆଁର ଅନ୍ୟ ବୁଢି ମାମଙ୍କ ସହିତ ସାଙ୍ଗ ହୋଇ ଯିବ ବୋଲି ନିଜର ଲୁଗା ଓ ଅନ୍ୟ ଶୀତ ଆସ ବାସ ପତ୍ର ସହିତ ସକାଳୁ ରେଡି ହୋଇ ଟ୍ରେନ ଯୋଗେ ବାଲୁଗାଁ ରେଳ ଷ୍ଟେସନରୁ ବାହାରି ପଡିଲା । ଗଲାବେଳେ ଅନ୍ୟ ବୁଢି ମାନଙ୍କ ସହ ନାନା ଗପ ସପ କେତେ କଣ ମୁଣ୍ଡିଆ ମରା, ଧର୍ମ ଓ ପାପର କଥା ସବୁ କୁହା କୁହି ହୋଇ ଯାଉଥାନ୍ତି । ଗାଡି ପୁରୀ ରେଳ ଷ୍ଟେସନରେ ପହଁଞ୍ଚିଲା । ସବୁ ବୁଢି ମାନଙ୍କ ସହ ଓହ୍ଲାଇ ବଡ ଦାଣ୍ଡରେ ପହଁଞ୍ଚି ଦେଖିଲେ ଦୂରୁ ଜଗା କାଳିଆର ନେତ ପତିତପାବନ ଫର ଫର ହୋଇ ଉଡୁଛି । ବୁଢି ବଡ ଦାଣ୍ଡରେ ମୁଣ୍ଡିଆ ମାରି ଦେଇ ହେ କାଳିଆ, ହେ କଳାକାହ୍ନୁ, ହେ ଜଗନ୍ନାଥ ଏମିତି ଭକ୍ତିରେ ଗଦ ଗଦ ହୋଇ ବାଟ ଯାକ ଯାଉ ଯାଉ ଦେଖିଲା ଲୋକମାନେ ସ୍ବ ନରେନ୍ଦ୍ର ପୋଖରୀ ମୁହାଁ ସେଠାରେ ଯାଇ ପହଁଞ୍ଚି ନରେନ୍ଦ୍ର ପୋଖରୀ ରେ ବୁଡ ମାରି ନୂଆ ଧୋବ ଫର ଫର ଲୁଗା ପିନ୍ଧି ଜଗା କାଳିଆ ଦର୍ଶନରେ ଆଗକୁ ଆଗକୁ ଚାଲିଥାନ୍ତି । ଭକ୍ତ ଓ ଭକ୍ତିର ଅପୂର୍ବ ମେଳଣ ତଥା ଭଗବାନଙ୍କ ପ୍ରେମରେ ବୁଢୀ ଏତେ ମଜ୍ଜି ଯାଇଥାଏ ଯେ ବୁଢିକୁ ଖାଲି ଚକାଆଖି ଦେଖା ଯାଉଥାଏ । ଶ୍ରୀମନ୍ଦିର ନିକଟରେ ପହଁଞ୍ଚି ଧୂପ ଦୀପ କିଣି ପୂଜା ନୈବେଦ୍ୟରେ ବାହାର ବେଢାରେ କାଳିଆର ବନ୍ଦାପନା କରି ଅତ୍ୟନ୍ତ ଖୁସି ଅନୁଭବ କଲା । ସତେ ଯେମିତି ଅପୂର୍ବ ଖୁସି ଯାହା କାଳିଆ ପାଖରେ ଅଛି ଆଉ କେଉଁ ଠାରେ ନାହିଁ । ପାଞ୍ଚ ଦିନ ବୁଢି ପୁରୀରେ ରହି ପଞ୍ଚୁକରେ ଭରପୁର ଆନନ୍ଦ ନେଲା । ପଞ୍ଚୁକ ପରେ କାର୍ତ୍ତିକ ମାସର ଶେଷ ଦିନ ଛାଡଖାଇ । ବୁଢି ମନରେ ଅଧିକ ଆନନ୍ଦ ହେଉଥାଏ ଛାଡ ଖାଇ ପଡିଲେ ଏଥର ଖାସି ମାଂସ ଆଣି ଭଲରେ ରୋଷେଇ କରି ଖାଇବି । ବୁଢି ଖାସି ମାଂସ ଖାଏ ହେଲେ କେବେ ନିଜେ ମାଂସ ଦୋକାନକୁ ଯାଇ ନିଜେ ମାଂସ କିଣି ଆଣେନି । ଏଥର କିନ୍ତୁ ନିଜେ ଛାଡ ଖାଇ ଦିନ ସକୁରୁ ମିଆଁ ମାଂସ ଦୋକାନକୁ ନିଜେ ସକାଳୁ ଉଠି ଗଲା ମାଂସ ଆଣିବା ପାଇଁ । ଦେଖିଲା ଛାଡଖାଇ ଯୋଗୁଁ ତା' ଦୋକାନ ଆଗରେ ନାହିଁ ନଥିବା ଭିଡ ଲୋକମାନେ ହାଉଯାଉ ହେଉଥାନ୍ତି ମାଂସ କିଣିବା ପାଇଁ । ଦୁଇଟି ବଡ ଟ୍ରକ ଲାଗିଛି ଗୋଟିଏ ଟ୍ରକରେ ଖାସି, ଛେଳି ଅନ୍ୟ ଏକ ଟ୍ରକରେ ଦେଶୀ କୁକାଡା ଓ ବ୍ରଏଲର କୁକୁଡା ଭର୍ତ୍ତି ଦୁଇଟି ଚାରିଚକିଆ ଯାନ ଠିଆ ହୋଇଛି ।ମାସଂ ଦୋକାନ ପାଖକୁ ଯାଇ ଦେଖିଲା ଚାରି ଜଣ ମାଂସ କଟାଳି ଛେଳି ଓ କୁକୁଡା ମାନଙ୍କୁ ସାଇଁ ସାଇଁ କାଟି ପକାଉଛନ୍ତି । କୁକୁଡା ଛେଳି ମାନଙ୍କର ବେକ କାଟି ଦେଲା ପରେ ସେମାନେ ଅନେକ ଛଟପଟ ହୋଇ କଳବଳ ହେଉଥାନ୍ତି । ଛେଳି ମାନଙ୍କର ମେଁ ମାଁ ରଡି ସହିତ କୁକୁଡା ମାନଙ୍କର କ୍ କ୍ ରଡି ଶୁଣି ବୁଢୀ କୁ ଭଲ ଲାଗିଲା ନାହିଁ । ଆଉ ସେ ମାସଂ କଟା ଜାଗାଟି ରକ୍ତ ପ୍ଲାବିତ ଦେଖା ଯାଉଥାଏ । ବୁଢି ସେ ଦୃଶ୍ୟ ଦେଖି ସେଠାରୁ ମାଂସ ଆଉ କିଣିଲା ନାହିଁ ମନ ଦୁଃଖରେ ଘରକୁ ଫେରୁଥାଏ । ଗାଆଁ ରାସ୍ତା ମୁଣ୍ଡରେ ଆସି ପହଁଞ୍ଚିଲା ବେଳକୁ ଭାଇ ଓ ଭଉଣୀ ଦୁଇଟି ପିଲା ସ୍କୁଲ ଯାଉଥାନ୍ତି ସେମାନଙ୍କୁ ଦେଖି ସୀତା ବୁଢି ସେମାନଙ୍କୁ ପଚାରିଲା ହରେ... କୁନା କୁନୀ କୁଆଡେ ବାହାରିଲ ? ସୀତା ବୁଢିକୁ ଦେଖି ସେମାନେ କହିଲେ ଆଇ ନମସ୍କାର ଆମେ ଟିଉସନ୍ ପଢିବା ପାଇଁ ଯାଉଛୁ । କହିଲୁ ତୁ...କୁଆଡେ ଯାଇଥିଲୁ । ଭାଇ ଭଉଣୀଙ୍କ କଥା ଶୁଣି ବୁଢୀ କହିଲା କଣ ଆଉ କହିବି ମାସ ସାରା ତ ହବିଷ କରିଥିଲି ଇଛା ଥିଲା ଆଜି ଟିକେ ଖାସି ମାଂସ ଖାଇବା ପାଇଁ । ଯାଇଥିଲି ଏଇ ସକୁରୁ ମିଆଁ ମାଂସ ଦୋକନକୁ । ଦେଖିଲି ହଜାର ହଜାର ଛେଳି କୁକୁଡା କଟା ଯାଉଛି ସେ ଜାଗା ଟା ଖାଲି ମେଁ....ମାଁ ....ରଡିରେ ଫାଟି ପଡୁଛି । ଲୋକ ମାନଙ୍କର ନାହିଁ ନଥିବା ଭିଡ ମାଂସ ଖାଇବାକୁ । ମାଂସ କିଣିବି କଣ ? ମୁଁ ସେ ଜୀବ ମାନଙ୍କର କଷ୍ଟ ଦେଖି ଆଉ ସହି ପାରିଲି ନାହିଁ ସେଠାରୁ ଫେରି ଆସିଲି । କୁନା ଓ କୁନି ବୁଢୀକୁ କହିଲେ ଆଇ ଗୋଟେ କଥା କହିବୁ ଟିକେ ଶୁଣିବୁ କି ? ବୁଢୀ କହିଲା ହଁ ...କହୁନ କାହିଁକି ଶୁଣିବି ନାହିଁ... । ଆମର କାଲି ସ୍କୁଲରେ ପଢା ହେଉଥିଲା ଆମ ଦେଶର ସ୍ୱାସ୍ଥ୍ୟ ସଂଗଠନର ଏକ ପରୀକ୍ଷାକାରୀ ଦଳ ଏବେ ଏବେ ନାନା ପରୀକ୍ଷା ନୀରିକ୍ଷା କରି ସଫଳ ହୋଇଛନ୍ତି ଓ କହିଛନ୍ତି ଆମିଷ ବଦଳରେ ଯେଉଁମାନେ ନିରାମିଷ ଖାଦ୍ୟ ଖାଆନ୍ତି ଆମିଷ ଖାଉଥିବା ବ୍ୟକ୍ତି ମାନଙ୍କ ଠାରୁ ଅଧିକ ଦିନ ବଞ୍ଚନ୍ତି । ତୁ ଆଇ କହିଲୁ ତୁ' ଯେଉଁ କାର୍ତ୍ତିକ ମାସ ପାଳନ କଲୁ ତୋର ଦେହ ପା କେମିତି ଥିଲା ତୋତେ ଭଲ ଲାଗୁଥିଲା ନାଁ ? ବୁଢୀ ମୁଣ୍ଡ ଟୁଙ୍ଗାରି କହିଲା ହଁ ରେ ନାତି ସତ କଥା । ମୁଁ ତ ଅଶିକ୍ଷିତ ମଣିଷଟେ ଏତେ କଥା ଜାଣିବି କୁଆଡୁ । ଯାହା ହେଉ ତମେ ମାନେ ପାଠ ପଢି ଆଜି ଏତେ ସୁନ୍ଦର କଥା ଜାଣିଛ ଓ ଆମ ମାନଙ୍କୁ ସେ ବିଷୟରେ ଶିଖେଇ ପାରୁଛ । ସେଥି ପାଇଁ ତମ ଭାଇ ଭଉଣୀ ଦୁଇ ଜଣଙ୍କୁ କୋଟି ଆଶୀର୍ବାଦ କରୁଛି ତମେ ଦୁଇ ଜଣ ପାଠ ପଢି ଆମ ସମଜ ପାଇଁ ଭଲ ମଣିଷ ହୁଅ । ବୁଢୀ କୁନା କୁନୀକୁ ଆଶୀର୍ବାଦ କଲା ପରେ ଆଉ ଆଜିଠୁ ଶପଥ କରୁଛି ଆଉ ସେ ମାଂସ ଖାଇବି ନାହିଁ । ତା' ପରେ ଭାଇ ଭଉଣୀ ଦୁହେଁ ବୁଢୀକୁ କହିଲେ ଶାକାହାରୀ ଭୋଜନ ଭଲ । ଶାକାହାରୀ ଭୋଜନ ଖାଇଲେ ଦେହ ସୁସ୍ଥ ରହେ ମନ ଭଲ ରହେ । ଆଉ ଭଗବାନଙ୍କ ପ୍ରତି ହୃଦୟରେ ଆସ୍ଥା ଆସେ । ଦୟା, କରୁଣା ଓ ଅନୁକମ୍ପା ମନରେ ଜନ୍ମ ହୁଏ । ଏହି କିଛି କ୍ଷଣର କଥୋପ ଓ କଥନ ଭିତରେ ବୁଢୀର ମନ ବଦଳି ଗଲା ଓ ସେ ଆଉ ଆମିଷ ଖାଇବ ନାହିଁ ବୋଲି ସେହିଠୁ ଶପଥ କଲା । ମାଛ, ମାଂସ ଓ ଅଣ୍ଡା ଏସବୁ ତାମସିକ ଭୋଜନ । ଯେତେ ଏହି ଭୋଜନ ଠାରୁ ଦୂରରେ ରହିବେ ସେତେ ଆପଣଙ୍କ ସ୍ୱାସ୍ଥ୍ୟର ଉନ୍ନତି ହେବ ଏଥିରେ ତିଳେ ମାତ୍ର ସଂଦେହ ନାହିଁ । ତେଣୁ କଥାରେ ଅଛି ସ୍ୱାସ୍ଥ୍ୟ ହିଁ ସଂପଦ । ପ୍ରତ୍ୟୋକ ପୂଜାର ଆମ ହିନ୍ଦୁ ଧର୍ମରେ ଅନେକ ମହତ୍ୱ ଅଛି । ଶାସ୍ତ୍ର ରେ କୁହା ଯାଇଛି ୫୨ କୋଟି ଭଣ୍ଡାରକୁ ୫୬ କୋଟି ଜୀବ । ପୂଜା ଓ ପର୍ବ ପର୍ବାଣୀ ଦ୍ୱାରା ଖାଦ୍ୟ ସଂରକ୍ଷଣ ପତ୍ୟେକ୍ଷ ଭାବରେ ନହେଲେ ବି ପରୋକ୍ଷ ଭାବରେ ହୋଇଥାଏ । ଏହା ଥିଲା ସୀତା ବୁଢୀର ହବିଷ ପର୍ବର କାହାଣୀ । ତେଣୁ ପୂଜା ବାର ବ୍ରତ ଆମ ଦୈନ ଦିନ ଜୀବନ ସହିତ ସଂପୃକ୍ତ । ପୂଜା ଓ ନୈବେଦ୍ୟ ଆମ ସଂସ୍କୃତିର ପରିଚାୟକ । ଏହାକୁ ପାଳନ କରିବା ଓ ସମ୍ମାନ ଦେବା ଆମ ଆର୍ଯ୍ୟ ପରମ୍ପରାକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କର ଏକ ମୌଳିକ କର୍ତ୍ତବ୍ୟ ।

+ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

# ସାତକୋଶିଆକୁ ମହାବଳ ଫେରିବ: ଅଭୟାରଣ୍ୟ ବିକାଶ କାର୍ଯ୍ୟ ଶେଷ ଓ ଏନ୍‌ଟିସିଏ ଖୁସ୍



ବନ୍ତଲା, ୨୬/୧୧ (ନି.ପ୍ର): ପଶୁପ୍ରେମୀ ଓ ସାତକୋଶିଆ ପାଇଁ ଶୁଭଙ୍କର ହେବାକୁ ଯାଉଛି ନୂଆବର୍ଷ। ୨୦୨୪ରେ ସାତକୋଶିଆରେ ଶୁଭିବ ମହାବଳର ଗର୍ଜନ। ଗୋଟିଏ ମହାବଳ ବାଘ ଓ ଗୋଟିଏ ବାଘୁଣୀ ସାତକୋଶିଆ ଆସିବା ନେଇ ଏନ୍‌ଟିସିଏ ରାଜି ହୋଇଥିବା ଜଣାପଡ଼ିଛି। ଏଥିପାଇଁ ଆନୁଷଙ୍ଗିକ କାମ ପ୍ରାୟତଃ ଶେଷ ହୋଇଥିବା ଡିଏଫ୍‌ଓ ସରୋଜ ପଣ୍ଡା 'ସମ୍ବାଦ'କୁ ସୂଚନା ଦେଇଛନ୍ତି। ଅନୁଗୁଳ ଜିଲ୍ଲାର ଗର୍ବଗୌରବ ହେଉଛି ସାତକୋଶିଆ ଅଭୟାରଣ୍ୟ। କିନ୍ତୁ ଜଳବାୟୁ ପରିବର୍ତ୍ତନ ଓ ଶିକାରୀଙ୍କ ଉପଦ୍ରବରେ ମହାବଳଶୂନ୍ୟ ହୋଇଯାଇଥିଲା ସାତକୋଶିଆ। ଏହାସତ୍ତ୍ୱେ ୨୦୧୮ରେ ମଧ୍ୟପ୍ରଦେଶର 'କାହ୍ନା' ଓ ବାନ୍ଧବଗଡ଼ରୁ 'ସୁନ୍ଦରୀ'କୁ ଅଣାଯାଇଥିଲା। ହେଲେ ଜଙ୍ଗଲ ଭିତରେ ଥିବା ଗାଁରେ ପଶି 'ସୁନ୍ଦରୀ' ମଣିଷ ମାରିଥିବା ବେଳେ ଶିକାରୀ ହାତରେ 'ମହାବୀର'ର ପ୍ରାଣ ଯାଇଥିଲା। ଫଳରେ ଯେଉଁ ଆଶା ନେଇ ସାତକୋଶିଆ କର୍ତ୍ତୃପକ୍ଷ ମହାବଳ ଆଣିଥିଲେ, ତାହା ଫେଲ୍ ମାରିଥିଲା। ଏହା ସେତେବେଳେ ପଶୁପ୍ରେମୀ ଓ ପରିବେଶବିତ୍‌ଙ୍କୁ ଗଭୀର ଆଘାତ ଦେଇଥିଲା। ଅଭୟାରଣ୍ୟ ଭିତରେ ଜନବସତି ପାଇଁ 'ପ୍ରୋଜେକ୍ଟ-ଟାଇଗର' ବିଫଳ ହୋଇଥିବାରୁ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇ ସେଠାରୁ ବିସ୍ଥାପନ କରିବା ସହିତ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ଏନ୍‌ଟିସିଏ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସାତକୋଶିଆରେ ଆରମ୍ଭ ହୋଇଥିଲା ରୂପାନ୍ତରୀକରଣ। ମହାବଳ ଉପଯୋଗୀ ପରିବେଶ ସୃଷ୍ଟିରେ ଅଭୟାରଣ୍ୟ କର୍ତ୍ତୃପକ୍ଷ ଲାଗିପଡ଼ିଥିଲେ। ଜଙ୍ଗଲ ଭିତରେ ଥିବା ରାଇଗୁଡ଼ା, କଟରଙ୍ଗ, ଅସନବାହାଳ ଓ ଟୁଲୁକା ଗାଁକୁ ଇତି ମଧ୍ୟରେ ସ୍ଥାନାନ୍ତର କରାଯାଇଛି। ସେହି ଗାଁଗୁଡ଼ିକ ଥିବା ସ୍ଥାନରେ ଏବେ ତୃଣଜୀବୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଚାରଣଭୂଇଁ ପ୍ରସ୍ତୁତ ହୋଇ ପରିବେଶ ସନ୍ତୁଳନ ରକ୍ଷା କରିବାକୁ ଅଭୟାରଣ୍ୟ ଭିତରେ ବ୍ୟବସ୍ଥା କରାଯାଇଛି। ସାତକୋଶିଆ ମଧ୍ୟରେ ଥିବା ଲୋକଙ୍କୁ ପ୍ରାଥମିକତା ଦେଇ ସେମାନଙ୍କ ଜୀବନଜୀବିକା ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ। ଲୋକଙ୍କ ସହ ସମନ୍ୱୟ ରକ୍ଷା କରି ୨୦୨୪ ମସିହା ଶେଷ ସୁଦ୍ଧା ସାତକୋଶିଆକୁ ଦୁଇଟି ମହାବଳ ଅଣାଯିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିବା ଡିଏଫ୍‌ଓ କହିଛନ୍ତି। ନୂଆ ପିସିସିଏଫ୍ ସୁଶାନ୍ତ ନନ୍ଦ ସାତକୋଶିଆର ପୂର୍ବତନ ଅଧିକାରୀ ହୋଇଥିବା କାରଣରୁ ସେ ମଧ୍ୟ ଏଥିପ୍ରତି ବିଶେଷ ଦୃଷ୍ଟି ଦେଉଛନ୍ତି। ତେବେ ସାତକୋଶିଆକୁ କେବେ ବାଘ ଆସିବ ନୂଆବର୍ଷରେ ତାହାର ସୂଚନା ମିଳିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଅନ୍ୟପଟେ ଏବେସୁଦ୍ଧା କୋର୍ ଏରିଆରେ ଲାଗିଥିବା କ୍ୟାମେରାରେ ୪୨ଟି କଲରାପତରିଆ ବାଘ ଦେଖାଦେଇଥିବା ଜଣାପଡ଼ିଛି। ବ୍ୟାଘ୍ର ଗଣନା ପାଇଁ ୪ଶହରୁ ଅଧିକ କ୍ୟାମେରା ଲଗାଯାଇଥିବା ବେଳେ ମହାବଳ ଏଯାଏ ଦିଶିନାହାଁନ୍ତି।

# ବିକଶିତ ଭାରତ ସଂକଳ୍ପ ଯାତ୍ରା ଉଦ୍‌ଘାଟିତ

ସୁବର୍ଣ୍ଣପୁର, ୨୬/୧୧ (ନି.ପ୍ର): ବିକଶିତ ଭାରତ ସଂକଳ୍ପ ଯାତ୍ରାର ଶୁଭାରମ୍ଭ ଆଜି ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମୁଂଡଘାଟ ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସଂକଳ୍ପ ଯାତ୍ରାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରାଯାଇଥିବା ବେଳେ ୧୨ ଜଣ ହିତାଧିକାରୀଙ୍କୁ ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ଶୌଚାଳୟ ନିର୍ମାଣର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି ଅବସରରେ ରାଷ୍ଟ୍ରର ବିକାଶ ଓ ସଂହତିକୁ ନେଇ ଏକ ସମୂହ ଶପଥପାଠ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ତରଫରୁ ଆସିଥିବା ସ୍ୱତନ୍ତ୍ର ଭ୍ୟାନରେ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଜନ କଲ୍ୟାଣକାରୀ ଯୋଜନା ଗୁଡିକର ସଫଳତାର ଚିତ୍ର - ଚରିତ୍ର ସବୁ ପ୍ରଦର୍ଶିତ କରାଯାଇଥିବାବେଳେ ବିଭିନ୍ନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ଉଦବୋଧନ ପ୍ରସାରିତ ହୋଇଛି। ସରପଂଚ କେଶନ ଜଗଦଲାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସମାରୋହରେ ଉଲୁଣ୍ଡା ବ୍ଲକ ଚେୟାରମ୍ୟାନ ଶାନ୍ତିଲତା ମିଶ୍ର ଓ ଗୋଷ୍ଠି ଉନ୍ନୟନ ଅଧିକାରୀ କରିସ୍ମା ଭେସ୍ରା ପ୍ରମୁଖ ଯୋଗଦେଇ ସରକାରଙ୍କ ଫ୍ଲାଗସିପ ଯୋଜନାର ଲାଭ ନେବାକୁ ଜନ ସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ହୋଇଥିବା ହିତାଧିକାରୀ ମିତା ଛନ୍ଦ,ସୀମାଞ୍ଜଳି ଜଗଦଲାଙ୍କ ପରି ଅନେକ ଗ୍ରାମୀଣ ମହିଳା ସରକାରଙ୍କ ଯୋଜନା ଉପରେ ମତ ରଖିଥିଲେ। ସଂକଳ୍ପ ଯାତ୍ରାର ସ୍ୱତନ୍ତ୍ର ସଚେତନତା ରଥକୁ ସମବେତ ମହିଳାମାନେ ସ୍ୱାଗତ କରିଥିବା ବେଳେ ଏହି ଜନସଚେତନତା କାର୍ଯ୍ୟକ୍ରମରେ ଶିଶୁ କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାରେ ଆଜିଠୁ ଆରମ୍ଭ ହୋଇଥିବା ଏହି ଜନ ସଚେତନତା ଅଭିଯାନ ପର୍ଯ୍ୟାୟ କ୍ରମେ ଜିଲ୍ଲାର ସମସ୍ତ ଗ୍ରାମପଂଚାୟତରେ ଆୟୋଜିତ ହେବା ସାଙ୍ଗକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ଉପରେ ଲୋକଙ୍କୁ ଜଣାଇବା ସହ ହିତାଧିକାରୀଙ୍କୁ ଯୋଡିବ।

# ଫୁଲବାଣୀ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଉପ ବାଚସ୍ପତି ସାଲୁଗା ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କନ୍ଧମାଳ, ୨୬/୧୧ (ନି.ପ୍ର): ପ୍ରଦକ୍ଷିଣ ଗୃହ ଠାରେ ଓକିଲ ସଂଘର ସମ୍ପାଦକ କମଳ କୁମାର ବେହେରାଙ୍କ ନେତୃତ୍ୱରେ ବାର ଆସୋସିଏସନର ସମସ୍ତ ସଦସ୍ୟ ନବ ନିର୍ବାଚିତ ମାନ୍ୟବର ଉପବାଚସ୍ପତି ଶ୍ରୀଯୁକ୍ତ ସାଲୁଗା ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ଏଥି ସହିତ ଉପସ୍ଥିତ ଥିବା ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବୀର ନରସିଂହପୁର ପୂର ବିଧାୟକ ପଦ୍ମନାଭ ବେହେରା ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ଆସନ୍ତା ଡିସେମ୍ବର ମାସରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଓକିଲ ସମ୍ମିଳନୀ ରେ ଅତିଥି ଭାବେ ନିମନ୍ତ୍ରୀତ କରିବା ସହିତ ପୂର୍ଣ୍ଣ ମାତ୍ରାରେ ସାହାଯ୍ୟ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି। ଓକିଲ ମାନଙ୍କ ଅନୁରୋଧ ରକ୍ଷା କରି ବିଭିନ୍ନ କ୍ଷେତ୍ରରେ ସହଯୋଗର ହାତ ବଢାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଓକିଲ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟ ଆଇନଜୀବୀ ମାନେ ଉପସ୍ଥିତ ରହି ନିଜ ଜିଲ୍ଲାର ଉପବାଚସ୍ପତି ଭାବେ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କୁ ପାଇଥିବାରୁ ଖୁସି ପ୍ରକଟ କରି ସ୍ୱାଗତ କରିଛନ୍ତି।

# ରୋଡ ରୋମିଓ କୋର୍ଟ ଚାଲାଣ

ଧର୍ମଶାଳା, ୨୬/୧୧ (ନି.ପ୍ର): ରୋଡ ରୋମିଓ କୋର୍ଟ ଚାଲାଣ। ଯାହାକୁ ନେଇ ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୁକ୍ତ ରୋଡ ରୋମିଓ ଜଣକ ଧର୍ମଶାଳା ଥାନା ଅନ୍ତର୍ଗତ ନାଳକୂଳ ଗ୍ରାମର ଫକିର ମଲ୍ଲିକଙ୍କ ପୁଅ ପ୍ରମୋଦ(୨୮) ବୋଲି ଜଣାପଡିଛି। ବ୍ରହ୍ମବରଦା ଥାନାରେ କେସ୍ ନଂ ୧୪୮/୨୩ରେ ଅଭିଯୁକ୍ତ ପ୍ରମୋଦକୁ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଏସ୍‌ଆଇ ବିଭୁତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ଶୁକ୍ରବାର ୪ଟା ସମୟରେ ଧର୍ମଶାଳା ବ୍ଲକ କଦମପାଳ,ଅରେଇକଣା ଓ ଅରାବଳ ଅଂଚଳର ୭ ଜଣ ଯୁକ୍ତ ତିନି ଛାତ୍ରୀ କମ୍ପୁଟର କ୍ଲାସ୍ କରିବା ପାଇଁ ବ୍ରହ୍ମବରଦାକୁ ଆସିଥିଲେ। କ୍ଲାସ୍ ସାରି ସେମାନେ ସାଇକେଲ ଯୋଗେ ଘରକୁ ଫେରୁଥିବା ସମୟରେ ନାଳକୂଳ ଛକ ନିକଟରେ ରୋଡ ରୋମିଓ ପ୍ରମୋଦ ଏକ ବାଇକ୍ ରେ ପିଛା କରି ସେମାନଙ୍କୁ ଅସଦାଚରଣ କରିଥିଲା। ଫଳରେ ସମସ୍ତ ଛାତ୍ରୀ ମିଶି ପ୍ରମୋଦକୁ କାବୁ କରିଥିଲେ। ବ୍ରହ୍ମବରଦା ପୋଲିସ ପାଟ୍ରୋଲିଂ କରି ଫେରୁଥିବା ସମୟରେ ଘଟଣାସ୍ଥଳରେ ପଂହଚି ଥିଲେ। ପ୍ରମୋଦକୁ ଥାନାକୁ ଆଣି ପଚରାଉଚୁରା କରିଥିଲା ପୋଲିସ। ଛାତ୍ରୀମାନଙ୍କ ଏତଲାକୁ ଭିତି କରି ଥାନାରେ କେସ୍ ନଂ ୧୪୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୂର୍ବରୁ ପ୍ରମୋଦ ସେହି ସ୍ଥାନରେ କଲେଜ ଆସୁଥିବା ଓ ଫେରୁଥିବା ସମୟରେ ଛାତ୍ରୀମାନଙ୍କୁ ହଇରାଣ ହରକତ କରିବା ସହ ସେମାନଙ୍କୁ ଅସଦାଚରଣ କରୁଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ତେବେ ଆଜି ପ୍ରମୋଦକୁ କୋର୍ଟଚାଲାଣ କରାଯାଇଥିବା ନେଇ ବ୍ରହ୍ମବରଦା ଥାନା ଏସ୍‌ଆଇ ବିଭୁତି ଭୂଷଣ ମହାପାତ୍ର ସୂଚନା ଦେଇଥିଲେ। ତେବେ ପ୍ରମୋଦ ଗିରଫ ହେବା ଫଳରେ ରାସ୍ତାରେ ଥିବା ଅନ୍ୟ ରୋଡ ରୋମିଓ ମହଲରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ଘୋଡ଼ାହାଡ଼ ଡ୍ୟାମ୍ ଏବେ ଖେଳପଡ଼ିଆ: ଜନବସତିମୁହାଁ ୬୪ କୁମ୍ଭୀର



ବ୍ରହ୍ମପୁର, ୨୬/୧୧ (ନି.ପ୍ର): ଜଳବାୟୁ ପରିବର୍ତ୍ତନର ଜ୍ୱଳନ୍ତ ନମୁନା। ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ୍ ଚାଷୀଙ୍କ ଜୀବନରେଖା ଘୋଡ଼ାହାଡ଼ ଡ୍ୟାମ୍ ଆଜି ଶ୍ରୀହୀନ ପାଲଟିଯାଇଛି। ଚଳିତବର୍ଷ ପର୍ଯ୍ୟାପ୍ତ ବର୍ଷାଭାବ କାରଣରୁ ଡ୍ୟାମ୍‌ର ସିଂହଭାଗ ଶୁଖିଯାଇଛି। ସ୍ଥିତି ଏମିତି ହୋଇଛି ଯେ, ଦିନେ ପାଣିରେ ଉଛୁଳୁଥିବା ଏହି ବିସ୍ତୀର୍ଣ୍ଣ ଜଳଭଣ୍ଡାର ଆଜି ଖେଳପଡ଼ିଆ ପାଲଟିଛି। ଯେଉଁଠି ପିଲାମାନେ ଦିନସାରା କ୍ରିକେଟ୍ ଓ ଅନ୍ୟ ଖେଳ ଖେଳୁଛନ୍ତି। କେବଳ ଏତିକି ନୁହେଁ, ପୂର୍ବରୁ ଏଠାରେ ପାଣି ଭର୍ତ୍ତି ହୋଇ ରହୁଥିବା ବେଳେ ଖେମୁଣ୍ଡି ରାଜାଙ୍କ ଦ୍ୱାରା ନିର୍ମିତ ପୁରାତନ ଜଗନ୍ନାଥ ମନ୍ଦିରର ଉପରଭାଗ କେବଳ ଦୃଶ୍ୟମାନ ହେଉଥିଲା। ଆଉ ପର୍ଯ୍ୟଟକମାନେ ଲଞ୍ଚ୍ ଓ ଡଙ୍ଗାରେ ଆସି ଏହାକୁ ଦର୍ଶନ କରିପାରୁ ନଥିଲେ। କିନ୍ତୁ ବର୍ତ୍ତମାନ ଚିତ୍ର ବଦଳିଯାଇଛି। ଲୋକେ ପାଦଚଲା ରାସ୍ତାରେ ଆସି ପୂରା ମନ୍ଦିରଟିକୁ ଦେଖୁଛନ୍ତି। ଡ୍ୟାମ୍‌ର ଏଭଳି ସ୍ଥିତିକୁ ନେଇ ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି। ୧୯୭୬ ମସିହାରେ ଡ୍ୟାମ୍ ନିର୍ମାଣ ହେବା ପରଠୁ କେବେବି ଏଭଳି ସ୍ଥିତି ଦେଖିବାକୁ ମିଳି ନଥିଲା ବୋଲି କିଛି ବରିଷ୍ଠ ନାଗରିକ ଓ ଚାଷୀ ଆଲୋଚନା ବେଳେ କହିଛନ୍ତି। ତେବେ ଡ୍ୟାମ୍ ଶୁଖିବା ପଛରେ ପ୍ରକୃତ କାରଣ ମନୁଷ୍ୟକୃତ ନା ପ୍ରାକୃତିକ ଏହାକୁ ନେଇ ଆତ୍ମଚିନ୍ତନ କରିବାର ସମୟ ଆସିଛି ବୋଲି ପରିବେଶବିତ୍ ମତ ରଖିଛନ୍ତି। ୧୯୭୬ ମସିହାରେ ତିଆରି ଏହି ଡ୍ୟାମ୍‌ରୁ କେନାଲ ଯୋଗେ ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ୍‌ର ବହୁ ପଞ୍ଚାୟତକୁ ଜଳସେଚନ ହୋଇପାରୁଥିଲା। ଜଳାଭାବ ସମୟରେ ଏହି ଡ୍ୟାମ୍ ଚାଷୀଙ୍କ ପାଇଁ ଏକମାତ୍ର ସାହାଭରସା ଥିଲା। କିନ୍ତୁ ଚଳିତବର୍ଷ ଡ୍ୟାମ୍ ସଂପୂର୍ଣ୍ଣ ଭାବେ ଶୁଖିଯିବା କାରଣରୁ ଜମିକୁ ବୁନ୍ଦାଏ ବି ପାଣି ମିଳୁନି। ସହସ୍ରାଧିକ ଏକର ଚାଷଜମି ଫାଟି ଆଁ କରିସାରିଛି। ଖରିଫ୍ ଚାଷ ଗୁରୁତର ଭ ?ାବେ ପ୍ରଭାବିତ ହୋଇଛି। ଆଉ ଧାରକରଜ କରିଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମରୁଡ଼ି ଘୋଷଣା ସହିତ କ୍ଷତିପୂରଣ ପ୍ରଦାନ ଛଡ଼ା ଆଉ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ତେବେ ଡ୍ୟାମ୍ ଶୁଖିବା ପଛରେ ବିଭାଗୀୟ ଅଧିକାରୀଙ୍କୁ ବିଭିନ୍ନ କୃଷକ ସଂଗଠନ ଦାୟୀ କରିଛନ୍ତି। ପାଣି ଜଳସେଚନ ପାଇଁ ଉଦ୍ଦିଷ୍ଟ ରହିଥିଲେ ହେଁ, ବେପରୁଆ ଭାବେ ଯାତ୍ରା ଓ ନାଟକ ସମୟରେ ଡ୍ୟାମ୍‌ରୁ ପାଣି ଛଡ଼ାଯାଉଥିଲା। ଏବେ ସେହି ପାଣି ବୁନ୍ଦାଏ ପାଇଁ ଜମି ଶୁଖିଲା ପଡ଼ିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଡ୍ୟାମ୍‌କଡ଼ରେ ପର୍ଯ୍ୟଟକଙ୍କ ପାଇଁ ଇକୋ ଟୁରିଷ୍ଟ୍ ସ୍ପଟ୍ ନିର୍ମାଣ ହୋଇଛି। ବୋଟିଂ ପାଇଁ ୧୦ଟି ଲଞ୍ଚ୍ ବ୍ୟବସ୍ଥା ହୋଇଥିବା ବେଳେ ଏକ କାଫେ ଓ ହୋଟେଲ୍ ଖୋଲାଯାଇଛି। ଏହାର ତଦାରଖ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଦୁଇଟି ମିସନ୍ ଶକ୍ତି ମହିଳା ଗ୍ରୁପ୍‌କୁ ନ୍ୟସ୍ତ କରାଯାଇଛି। ଫଳରେ ସେମାନେ ସ୍ୱାବଲମ୍ବୀ ହୋଇପାରୁଛନ୍ତି। କିନ୍ତୁ ବର୍ତ୍ତମାନ ପାଣି ଶୁଖିଯାଇଥିବାରୁ ଚଳିତବର୍ଷ ପର୍ଯ୍ୟଟକଙ୍କ ଦେଖା ମିଳୁନି। ସେହିପରି ଡ୍ୟାମ୍‌ରେ ରହୁଥିବା କୁମ୍ଭୀର ମଧ୍ୟ ନିକଟସ୍ଥ ଗାଁ ଗୁଡ଼ିକର ବିଭିନ୍ନ ଜଳାଶୟକୁ ଚାଲିଯାଇଛନ୍ତି। ଚଳିତବର୍ଷ ଜାନୁଆରି ମାସରେ ଗଣନା ବେଳେ ଏଠାରେ ୬୪ଟି କୁମ୍ଭୀର ରହିଥିଲେ। କିନ୍ତୁ ବର୍ତ୍ତମାନ ପାଣି ଶୁଖିଯାଇଥିବାରୁ କୁମ୍ଭୀର ଗୁଡ଼ିକ ଜଳାଶୟକୁ ପଳାଇ ବେଳେବେଳେ ଜନବସତିମୁହାଁ ହେଉଛନ୍ତି। ଫଳରେ ଲୋକଙ୍କ ଜୀବନ ଏବେ ବିପଦରେ ପଡ଼ିଛି। ବିଗତ କିଛିମାସ ମଧ୍ୟରେ ଏଭଳି ଅନେକ ଘଟଣା ସାମ୍ନାକୁ ଆସିଛି। ଗତ ଜୁଲାଇ ୨୦ ତାରିଖରେ ଗୌଡ଼ଗାଁ ପଞ୍ଚାୟତ ଦାଉଣି ଗ୍ରାମରେ ଟୁକୁନା ବେହେରା ନାମକ ଜଣେ ଯୁବକ କୁମ୍ଭୀର ଆକ୍ରମଣରେ ଗୁରୁତର ହୋଇଥିଲେ। ଜୁନ୍ ୨୬ ତାରିଖରେ ଟିକରପଡ଼ା ଗ୍ରାମରେ ଜଣେ ନାବାଳକ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିଲେ।

# କମୁଛି ଜଙ୍ଗଲଜାତ ଦ୍ରବ୍ୟ ଉତ୍ପାଦନ: କାଠ, ବାଉଁଶ ଓ କେନ୍ଦୁପତ୍ର ଉତ୍ପାଦନ ହ୍ରାସ



ଭୁବନେଶ୍ୱର, ୨୬/୧୧ (ନି.ପ୍ର): ଓଡ଼ିଶା ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ଯେମିତିକି କାଠ, ବାଉଁଶ ଓ କେନ୍ଦୁପତ୍ର ଉତ୍ପାଦନ ଓ ସଂଗ୍ରହ କମୁଛି। ୧୨ ବର୍ଷ ମଧ୍ୟରେ ଏକାଧିକ ବାତ୍ୟା ଓଡ଼ିଶା ଉପକୂଳରେ ମାଡ଼ର ସିଧାସଳଖ ପ୍ରଭାବ ଓଡ଼ିଶା ଜଙ୍ଗଲ ଉପରେ ପଡ଼ିଛି। ଏହାଦ୍ୱାରା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଚଳୁଥିବା ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହେଉଥିବା ଅଭିଯୋଗ ହୋଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ତଥ୍ୟ ଅନୁଯାୟୀ ୨୦୧୦-୧୧ ଆର୍ଥିକ ବର୍ଷରେ ୩୭,୬୩୪ ଘନ ଫୁଟ୍‌ର ଗୋଲେଇ କାଠ ଉତ୍ପାଦିତ ହୋଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ତାହା ୨୯,୬୯୬ ଘନ ଫୁଟ୍‌କୁ ଖସି ଆସିଛି। ଯଦି ଜାଳେଣି କାଠ କଥା ଦେଖିବା, ୨୦୧୦-୧୧ରେ ୨୮,୪୬୨ ଗଦା ଉତ୍ପାଦିତ ହୋଇଥିବା ବେଳେ ଏବେ ତାହା ୨୪,୭୬୦କୁ କମିଛି। ୨୦୧୦-୧୧ରେ ୯୨,୨୩୫ ସେଲ୍ ୟୁନିଟ୍ ବାଉଁଶ ଉତ୍ପାଦନ ହୋଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ୬,୮୫୯କୁ ଖସିଛି। ଉପକୂଳ ଓଡ଼ିଶାରେ ବାଉଁଶ ବଣ ଧୀରେ ଧୀରେ ଲୋପ ପାଉଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡ଼ିଛି। ବିଶେଷକରି ୨୦୧୬-୧୭ ଆର୍ଥିକ ବର୍ଷଠାରୁ ଏମିତି ହ୍ରାସ ପାଇ ଚାଲିଛି। କେନ୍ଦୁପତ୍ର ସଂଗ୍ରହ ୨୦୧୦-୧୧ରେ ୪.୪୩୬ ଲକ୍ଷ କୁଇଣ୍ଟାଲ୍ ରହିଥିଲା। ମାତ୍ର ୨୦୨୨-୨୩ ଆର୍ଥିକ ବର୍ଷରେ ତାହା ୨.୭୮୫ ଲକ୍ଷ କୁଇଣ୍ଟାଲ୍‌ରେ ପହଞ୍ଚିଛି। ପରିସ୍ଥିତି ଗମ୍ଭୀର ଆଡ଼କୁ ଯାଉଥିବା ଲକ୍ଷ୍ୟ କରି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଚଳୁଥିବା ପରିବାରଗୁଡ଼ିକର ଆର୍ଥିକ ସ୍ଥିତି ସୁଧାରିବା ନିମନ୍ତେ ରାଜ୍ୟ ସରକାର ଏକାଧିକ ପଦକ୍ଷେପ ହାତକୁ ନେଇଥିବା ଦାବି କରିଛନ୍ତି। ୬୯ଟି ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ଓ ବିକ୍ରି ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର କରାଯାଇଛି। ରାଜ୍ୟର ବନଖଣ୍ଡ ଅଞ୍ଚଳର ଶାଳପତ୍ର ତୋଳାଳିଙ୍କ ଜୀବିକା ନିର୍ବାହ ସହଜ ଓ ସୁଗମ କରିବା ଉଦ୍ଦେଶ୍ୟରେ ଶାଳପତ୍ର ସଂଗ୍ରହରେ ଧାର୍ଯ୍ୟ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ ହୋଇଛି। ଓଏଫ୍‌ଏସ୍‌ଡିପି ପ୍ରୋଜେକ୍ଟ, ଫେଜ୍-୨ରେ ରାଜ୍ୟର ୧୦ଟି ଜିଲ୍ଲାର ବନ ସୁରକ୍ଷା ସମିତିଗୁଡ଼ିକ ମାଧ୍ୟମରେ ବିଭିନ୍ନ ପ୍ରକାରର ବିକଳ୍ପ ଜୀବିକା ନିର୍ବାହ କାର୍ଯ୍ୟକ୍ରମରେ ପରିବାରଗୁଡ଼ିକର ଆୟ ବୃଦ୍ଧି କରାଯାଉଛି। କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ସମସ୍ତ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ଯଥାଶୀଘ୍ର ପ୍ରଦାନ କରିବା ସହ କେନ୍ଦୁପତ୍ର ଲାଭାଂଶରୁ ମିଳୁଥିବା ସମସ୍ତ ଅର୍ଥକୁ ହିତାଧିକାରୀଙ୍କ କଲ୍ୟାଣ ପାଇଁ ବିନିଯୋଗ କରାଯାଉଥିବା ବିଭାଗର ଜଣେ ଅଧିକାରୀ କହିଛନ୍ତି। ୨୦୨୨ ଶସ୍ୟବର୍ଷ ପାଇଁ ୨୫୦ କୋଟି ଟଙ୍କା ୮ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଆକାରରେ ଯୋଗାଇ ଦିଆଯାଇଛି। ଯେଉଁଥିରେ ବୋନସ, ପ୍ରୋତ୍ସାହନ ରାଶି, ପାଣି ବୋତଲ ଭତ୍ତା ଓ ଚପଲ ଭତ୍ତା ଭଳି ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ରହିଛି। ଅନୁଗୁଳ, ଢେଙ୍କାନାଳ, କଟକ, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, ଫୁଲବାଣୀ, ଗଞ୍ଜାମ, ନୟାଗଡ଼, ବରଗଡ଼, ସୁବର୍ଣ୍ଣପୁର, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁରରେ କେନ୍ଦୁପତ୍ର ଉତ୍ପାଦନ ଓ ସଂଗ୍ରହ କରାଯାଉଛି। ୨୦୧୯ରେ କେନ୍ଦୁପତ୍ରରୁ ୮୪.୮୨ କୋଟିର ଲାଭ ମିଳିଥିବା ବେଳେ ୨୦୨୦ରେ ୧୦୬.୬୦ କୋଟି, ୨୦୨୧ରେ ୧୬୯.୫୨ କୋଟି ଓ ୨୦୨୨ରେ ୧୧୫.୮୨ କୋଟି ଲାଭ ମିଳିଛି। ଏହାକୁ ଅଧିକ ବ୍ୟାପକ କରିବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଅଧିକାରୀ ଜଣକ କହିଛନ୍ତି।

# ହରିପୁର ଗ୍ରାମରେ ବୋମାମାଡ : ୨ ଗୁରୁତର, ଜଣେ ନିଖୋଜ

ଗଞ୍ଜାମ, ୨୬/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ହରିପୁର ଗ୍ରାମରେ ଆଜି ସକାଳେ ବୋମାମାଡ ହୋଇଛି। ଏଥିରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ପୂର୍ବ ଶତୃତାକୁ କେନ୍ଦ୍ର କରି ଏହି ବୋମା ମାଡ ଘଟିଥିବା ଜଣାପଡିଛି। ଅନ୍ୟପକ୍ଷରେ ଘଟଣା ପରଠାରୁ ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି। ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ପଚରା ଉଚୁରା ଚଳାଇଛି ଖଲ୍ଲିକୋଟ ପୋଲିସ। ଗାଁକୁ ଘେରି ଅଭିଯୁକ୍ତକୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

# ନୂଆ-ଓଡ଼ିଶା ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ମାଲକାନଗିରି, ୨୬/୧୧ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ନୂତନ ଉନ୍ନତ ଅଭିଳାଷ-ଓଡିଶା, ନୂଆ-ଓଡ଼ିଶା ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାଲକାନଗିରିର ପୂର୍ବତନ ବିଧାୟକ ମାନସ ମାଡ଼କାମୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିବା ବେଳେ ମାଲକାନଗିରି ମ୍ୟୁନିସପାଲଟିର ଉପାଧ୍ୟକ୍ଷ କବିତା ମାହନ୍ତ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ. ଧନେଶ୍ୱର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଅଧିକରୁ ଅଧିକ ରକ୍ତଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ତଥା ସମ୍ପାଦକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ସଂଯୋଜନା କରିଥିଲେ। ସାର ହେନେରୀ ଡୁନାଂଟ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ଏହି ରକ୍ତଦାନ ଶିବିର ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ତିରିଶ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀଙ୍କ ସମେତ ଅନ୍ୟାନ୍ୟ ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ। ଏନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂର୍ବତନ ଛାତ୍ର ବସନ୍ତ ନାୟକ, ଶିବ ଶଙ୍କର ପାଣିଗ୍ରାହୀ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରମୀୟ କୁମାର ମହାନ୍ତି, ସୁଶାନ୍ତ ମାଝୀ, ପ୍ରେମରେଖା ଭତ୍ରା ପରିଚାଳନା କରିଥିଲେ।

# ଆନ୍ଧ୍ରପ୍ରଦେଶକୁ ଚାଲାଣ କରାଯାଉଥିବା ୨୧ ଶିଶୁ ଶ୍ରମିକ ଉଦ୍ଧାର

ଜୟପୁର, ୨୬/୧୧ (ନି.ପ୍ର): ଧାନ କାଟିବା ପାଇଁ ଆନ୍ଧ୍ରପ୍ରଦେଶକୁ ଚାଲାଣ ବେଳେ ୨୧ ଶିଶୁ ଶ୍ରମିକଙ୍କୁ କୋରାପୁଟରୁ ଉଦ୍ଧାର କରାଯାଇଛି। ବସ୍ ଷ୍ଟାଣ୍ଡରୁ ୧୭ ନାବାଳିକା ଓ ୪ ନାବାଳକଙ୍କୁ ଉଦ୍ଧାର କରିଛି ପୁଲିସ। ଏହି ଘଟଣାରେ ପୁଲିସ ୩ ଜଣ ଦଲାଲଙ୍କୁ ଗିରଫ କରିଛି। ଉଦ୍ଧାର ଶିଶୁ ଶ୍ରମିକ ଘର ଦାମନଯୋଡ଼ି, କାକରିଗୁମ୍ମା ଓ ନାରାୟଣପାଟଣା ଅଂଚଳରେ ବୋଲି ଜଣାପଡ଼ିଛି। ଧାନ କାଟିବା କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଦଲାଲ ନାବାଳକ ଓ ନାବାଳିକାଙ୍କୁ ମିଶାଇ ୨୧ ଜଣଙ୍କୁ ଆନ୍ଧ୍ରକୁ ଚାଲାଣ କରୁଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଦାମନଯୋଡି ଛକରେ ସମସ୍ତେ ବସକୁ ଅପେକ୍ଷା କରିଥିଲେ। ପୁଲିସ ସୂଚନା ପାଇଁ ଘଟଣାସ୍ଥଳରେ ପହଂଚି ସମସ୍ତଙ୍କୁ ଉଦ୍ଧାର କରିଥିଲା। ପରେ ସେମାନଙ୍କୁ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରାଯାଇଥିଲା। ଧାନ କାଟିବା କାର୍ଯ୍ୟରେ ଦିନକୁ ୫୦୦ ଟଙ୍କା ମଜୁରୀ ମିଳିବ ବୋଲି ଦଲାଲ ସମସ୍ତଙ୍କୁ କହିଥିବା ଶିଶୁ ଶ୍ରମିକ ମାନେ କହିଥିବା ସୂଚନା ରହିଛି।

# ବିଭିନ୍ନ ସ୍ଥାନରେ ଚଢ଼ାଉ: ୧୧ ଗାଡି ଜବତ୍

ଖୋର୍ଦ୍ଧା, ୨୬/୧୧ (ନି.ପ୍ର): ପଥର ମାଫିଆ ମାନଙ୍କୁ ସାବାଡ଼ କରିବା ପାଇଁ ଟାଙ୍ଗୀ ପୋଲିସ ଓ ଖୋର୍ଦ୍ଧା ମାଇନିଂସ ଡିପାର୍ଟମେଣ୍ଟ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ଚଢାଉ ବେଳେ ୧୧ ଟି ପଥର ବୋଝେଇ ଗାଡିକୁ ଜବତ କରିଛି। ଚଢ଼ାଉ ବେଳେ ମାଫିଆ ମାନେ ଗାଡି ଛାଡି ଛତ୍ରଭଙ୍ଗ ଦେଇଛନ୍ତି।ସୂଚନା ମୁତାବକ ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡେଶ୍ୱର ଓ ଟାଙ୍ଗୀ ନିକଟରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୯ ଟି ମାଙ୍କଡା ପଥର ବୋଝେଇ ଗାଡି ସମେତ ଦୁଇଟି ମୂଲ୍ୟବାନ ମୂର୍ତ୍ତି ତିଆରି କୁଣ୍ଡା ପଥର ଜବତ କରାଯାଇଥିଲା। ତେବେ ନୟାଗଡ଼ ଜିଲାରୁ ମାଙ୍କଡା ପଥର ଚାଲାଣ ହେଉଥିବା ବେଳେ କୁଣ୍ଡା ପଥର ଖୋର୍ଦ୍ଧାରୁ ଚୋରା ଚାଲାଣ ହେଉଥିଲା। ତେବେ ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା କୁଶପଲାରୁ ମାଫିଆ ମାନେ ଚୋରା ପଥର ଚାଲାଣ କରି ମାଲାମାଲ ହେଉଥିଲେ। ଏ ନେଇ ଖବର ପହଞ୍ଚିବା ପରେ ଶନିବାର ଚଢ଼ାଉ କରାଯାଇଥିଲା।

# ସମ୍ବିଧାନ ଦିବସରେ ଡ. ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ



ବାଲେଶ୍ୱର, ୨୬/୧୧ (ନି.ପ୍ର): ଭାରତବର୍ଷର ସମ୍ବିଧାନ ପ୍ରଣେତା, ବିଶିଷ୍ଟ ସମାଜ ସଂସ୍କାରକ, ମହାନ୍ ଚିନ୍ତାନାୟକ ତଥା ଭାରତରତ୍ନ ଡ. ବାବାସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ବାଲେଶ୍ୱର ସହରର ପ୍ରବେଶପଥ ପୋଲିସ୍ ଲାଇନ୍ ଛକ ନିକଟରେ ରବିବାର ପୂର୍ବାହ୍ନରେ ଆମ୍ବେଦକର ବିକାଶ ପରିଷଦର ପ୍ରତିଷ୍ଠାତା ସଦସ୍ୟ ୯୧ବର୍ଷୀୟ ଅନନ୍ତ କୁମାର ମାଝୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଏଥିପାଇଁ ଆୟୋଜିତ ଉତ୍ସବରେ ରାଜ୍ୟ ଓ ଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପରିଷଦର ଏହି କାର୍ଯ୍ୟକୁ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ । ବିଗତ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଦେଶବାସୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ଭାରତୀୟ ସମ୍ବିଧାନ ଅବସରରେ ଏହି ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିବାରୁ ଏହା ବାଲେଶ୍ୱରବାସୀଙ୍କ ଏକ ସ୍ମରଣୀୟ ଦିବସ ହୋଇ ରହିବ ବୋଲି ଅତିଥି ଓ ବକ୍ତା ମତବ୍ୟକ୍ତ କରିଥିଲେ । ଦେଶବାସୀ ସମ୍ବିଧାନ ପ୍ରଦତ୍ତ ସାମାଜିକ ନ୍ୟାୟ, ସମାନତାର ଅଧିକାର, ଭାତୃତ୍ୱ ଓ ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାର ଦୀର୍ଘବର୍ଷର ସ୍ୱାଧୀନତା ପରେ ବି ପ୍ରାପ୍ତ ହୋଇନାହିଁ ବୋଲି ସାଧାରଣ ସଭାରେ ମତପ୍ରକାଶ ପାଇଥିଲା । ପରିଷଦର ସଭାପତି ଶ୍ରୀ ସୁଦର୍ଶନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ ଭାରତବର୍ଷ ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ । ଉକ୍ତ ସାଧାରଣ ସଭାରେ ବରେଣ୍ୟ ଅତିଥିଭାବେ ଓଡ଼ିଶାର କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ଦେବେନ୍ଦ୍ର ଯାଦବ, ପଶ୍ଚିମବଙ୍ଗର ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀକାନ୍ତ ମହାନ୍ତ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରାକ୍ତନ ସାଂସଦ ରବୀନ୍ଦ୍ର ଜେନା, ସଦର ବିଧାୟକ ସ୍ୱରୂପ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ପ୍ରଫେସର ଡ. ଅଞ୍ଜନା ମହାନ୍ତ, ଡ. ହମିଦ୍ ହୁସେନ୍, ଗୋପବନ୍ଧୁ ମହାନ୍ତ, ସାମାଜିକ ନ୍ୟାୟ ଅଭିଯାନ ସଭାପତି ଅକ୍ଷୟ ମଲ୍ଲିକ, ପ୍ରାକ୍ତନ ବିଧାୟକ ସୁଦର୍ଶନ ଜେନା, ଗୋବିନ୍ଦ ଚନ୍ଦ୍ର ଦାସ, ସ୍ତମ୍ଭକାର ଓ ସମାଜସେବୀ ସୁଦର୍ଶନ ଦାସ, ଯୁବନେତା ବିକ୍ରମ ପଣ୍ଡା, ସମାଜସେବୀ ଅରୁଣ ଜେନା, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଦୀପକ ମଲ୍ଲିକ ପ୍ରମୁଖ ଆମ୍ବେଦକରଙ୍କ ଜୀବନାଦର୍ଶ ଓ ଭାରତୀୟ ସମ୍ବିଧାନ ପ୍ରଦତ୍ତ ନାଗରିକ ଅଧିକାର ଏବଂ କର୍ତ୍ତବ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ପାରମ୍ପରିକ ନୃତ୍ୟ ଓ ବାଦ୍ୟ ସହ ସଭାସ୍ଥଳୀରେ ପହଞ୍ଚିବା ସଙ୍ଗେସଙ୍ଗେ ସଭାକାର୍ଯ୍ୟ ପୂର୍ବରୁ ପରିଷଦ ପକ୍ଷରୁ ବାଲେଶ୍ୱର ସହରରେ ଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କରାଯାଇଥିଲା । ଶୋଭାଯାତ୍ରାରେ ଆଇନ୍‌ଜୀବୀ ଉର୍ମିଳା ମାଝୀ, ତୁଷାର ମହାପାତ୍ର, ସରୋଜ ବେହେରା, ଦୀପକ ଦାସ, ଶ୍ରମିକନେତା ଶ୍ୟାମସୁନ୍ଦର ଜେନା, ରଘୁନାଥ ମହାଳିକ, ତପନ ସିଟ୍, ବିଧାନ ଚନ୍ଦ୍ର ରାୟ, ରାଜେଶ ଗିରି, ଗଗନ ପାତ୍ର, ରମେଶ ଜେନା, ବସନ୍ତ ବେହେରା, ପ୍ରଭାସ୍କର ମହାପାତ୍ର, ସୁଧାକର ସେଠୀ, ଦିବ୍ୟେନ୍ଦୁ ପାଣିଗ୍ରାହୀ, ଜ୍ଞାନ ଦାସ, ସୀତାରାମ ପ୍ରଧାନ, ଅନ୍ତର୍ଯ୍ୟାମୀ ପ୍ରଧାନ, ଶ୍ରଦ୍ଧାଞ୍ଜଳି ରାୟ, ନିରଞ୍ଜନ ପରିଡ଼ା, ରାମନାରାୟଣ ଶତପଥୀ ଓ ସଂଗ୍ରାମ ମାଝୀ ପ୍ରମୁଖ ସାମିଲ ହୋଇଥିଲେ । ପରିଶେଷରେ ସ୍ନେହଲତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମାଜସେବୀ ମହେଶ୍ୱର ସାହୁଙ୍କ ଶ୍ରାଦ୍ଧବାର୍ଷିକ ଉତ୍ସବ




ବାସୁଦେବପୁର, ୨୬/୧୧ (ନି.ପ୍ର): ବାସୁଦେବପୁର ମହେଶ ଜୁଏଲାରୀ ର ଡାଇରେକ୍ଟର ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ମହେଶ୍ୱର ସାହୁଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଓ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅବସରପ୍ରାପ୍ତ ଅଧ୍ୟାପକ ଭାଗିରଥି ପଲାଇ ସଭାପତିତ୍ୱ କରିଥିଲେ । କବି ସୁଧାଂଶୁ ଶେଖର ମିଶ୍ର, ପଣ୍ଡିତ ଲୋକନାଥ ଶତପଥୀ, ଆଡ଼ଭୋକେଟ ଭରତ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମହେଶ୍ୱର ଦାସଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ସ୍ୱର୍ଗତ ସାହୁ ଜଣେ ମିଷ୍ଟ ଭାଷୀ, ପରୋପକାରୀ, ସରଳ ଚିନ୍ତାଧାରା ର ମଣିଷ ଥିଲେ ଏବଂ ସମସ୍ତଙ୍କୁ ଖୁବ କମ ସମୟରେ ଆପଣାର କରି ପାରୁଥିଲେ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ଘଣ୍ଟେଶ୍ୱର ଠାରୁ ଆରମ୍ଭ କରି ବାସୁଦେବପୁର ପର୍ଯ୍ୟନ୍ତ ସ୍ୱର୍ଗତ ସାହୁ ଅନେକ ଜନ ହିତକର କାର୍ଯ୍ୟ କରିଯାଇଛନ୍ତି । ମହେଶ୍ୱର ବାବୁଙ୍କ ପୁତ୍ର ମହାବୀର ଭୂପେଶ ପ୍ରସାଦ ସାହୁ ଓ କନ୍ୟା ଭାଗ୍ୟଲକ୍ଷ୍ମୀ ସାହୁ ଉତ୍ସବ ପରିଚାଳନା କରିଥିଲେ । ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ ମିତ୍ରପୁର ବାଲେଶ୍ୱରର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼କ୍ଟର ପ୍ରତାପ ନାୟକ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଭକ୍ତଙ୍କୁ ୧୦୦ଖଣ୍ଡ ଗୀତା ବାଣ୍ଟିଲେ ସମାଜସେବୀ ତୁଷାରକାନ୍ତ

ବସ୍ତା୨୬।୧୧(ନିପ୍ର)କାର୍ତ୍ତିକ ପୂର୍ଣ୍ଣମି ଉପଲକ୍ଷେ ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ପୋଡା ପୁଡା ଗ୍ରାମରେ ସାର୍ବଜନୀନ ରାହାସ ପୂର୍ଣ୍ଣିମା ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା ଏକ ଭକ୍ତି ଭାବପୂର୍ଣ୍ଣ ସଭା । ଅନୁଷ୍ଠାନର ସଭାପତି ନବକାନ୍ତ ଜେନା ପୌରହିତ୍ୟରେ ମୂଖ୍ୟଅତିଥି ଲଙ୍ଗଳେଶ୍ୱରର ବିଶିଷ୍ଟ ସମାଜସେବୀ ତୁଷାରକାନ୍ତ ବେହେରା ଯୋଗ ଦେଇ ପଞ୍ଚୁକର ଗୋଟିଏ ମାସର ନିଷ୍ଠା ଭକ୍ତି ଭାବନା ବିଷୟରେ ବକ୍ତବ୍ୟ ରଖିଥିଲେ । ମୂଖ୍ୟବକ୍ତା ବସ୍ତା ପ୍ରେସକ୍ଲବର ସଭାପତି ବିଜୟ କୁମାର ଭୂୟାଁ ଯୋଗ ଦେଇ ରାଧାକୃର୍ଷ୍ଣଙ୍କ ପାଇଁ ଏହି ପବିତ୍ରମାସରେ ପ୍ରତ୍ୟେକ ଓଡିଆ ଘରେ ଘରେ ନିରାମିଷ ଭୋଜନ ସହିତ ଭକ୍ତି ଭାବନାରେ ପୂଜାର୍ଚ୍ଚନା ଲାଗିରହିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସମାଜସେବୀ ଶ୍ରୀଯୁକ୍ତ ବେହେରା ଉପସ୍ଥିତଥିବା ୧୦୦ଜଣ ମା ଓ ଭଉଣିଙ୍କୁ ପବିତ୍ରଗୀତା ଖଣ୍ଡିଏ ଖଣ୍ଡିଏ ଦେଇଥିଲେ । ସଧ୍ୟାରେ ରୂପସା ଅମୃତଧାରା ଭଜନାଞ୍ଜଳୀ କଣ୍ଠଶିଳ୍ପୀଙ୍କ ଦ୍ୱାରା ଜଗନ୍ନାଥ ଭଜନ ପରିବେଷଣ ହୋଇଥିଲା । ସମ୍ପାଦକ ଜୟନ୍ତ ଜେନା ଶସିକାନ୍ତ ଜେନା, ଶିବୁ ଜେନା, ଟିକିନା ଜେନା, ସୁରେଶ ଜେନା, ଅଜିତ ଦାସ, ସମ୍ଭୁନାଥ ଜେନା, ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।



# କବି ଲୋଚନ ବେହେରାଙ୍କ 'ବିବିଧ କବିତା' (୨) ଓ 'କବିତା ନିର୍ଝର'ର ଉନ୍ମୋଚନ




ବାଲେଶ୍ୱର, ୨୬/୧୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଦ୍ୱାରା ବର୍ଷୀଆନ କବି ଲୋଚନ ବେହେରାଙ୍କ 'ବିବିଧ କବିତା' (୧) ଓ 'କବିତା ନିର୍ଝର' କବିତା ସଂକଳନର ପାଠକାର୍ପଣ ଉତ୍ସବ ଶାନ୍ତିକାନନ ଠାରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବିଶିଷ୍ଟ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଉନ୍ମୋଚକ ଭାବରେ ଯୋଗ ଦେଇଥିଲେ । ଚେତନା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଶରତଚନ୍ଦ୍ର ମହାପାତ୍ର, ରେମୁଣା ସାହିତ୍ୟ ସଂସଦର ସଭାପତି ଡ. ଭାଗବତ ପ୍ରସାଦ ଦାସ ଏବଂ ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶଚନ୍ଦ୍ର ଜେନା ପ୍ରମୁଖ ପୁସ୍ତକ ଦ୍ୱୟର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । କବି ଶ୍ରୀଯୁକ୍ତ ବେହେରା ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ । ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍‌ଭାଷ ରଖିଥିଲା ବେଳେ ଯୁଗ୍ମ ସଂପାଦିକା କବୀ କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଂଚହ୍ୱାନ କରିଥିଲେ । ମାତାପିତା ସାହିତ୍ୟ ସଂସଦ ଓ ପାଠାଗାରର ସଂପାଦକ ମୁକ୍ତିକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବକାନ୍ତ ବେହେରା, ତାପସ ନାୟକ, କରୁଣାକର ବିଶ୍ୱାଳ, ବାସୁଦେବ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଲେଙ୍କା, ତପନ ରାୟ, ଦୀନବନ୍ଧୁ ଲେଙ୍କା, ନିବାରଣ ଜେନା, ଡ. ସୁକାନ୍ତ କୁମାର ଗିରି, ନିରଂଜନ ସାହୁ, କରୁଣାକର ସ, ଦୀପକ କୁମାର ଦାସ, କମଳାକାନ୍ତ ଦାଶ, ଅରୁଣା ରାୟ, ମାମିନା ମହାପାତ୍ର, ସଂଗୀତା ବାରିକ୍, ଉର୍ମିଳା ନାୟକ, ବାସନ୍ତୀ ଦେ, ପଦ୍ମଲୋଚନ ଦତ୍ତ, ମଧୁସୂଦନ ମାଝୀ, ଲକ୍ଷ୍ମଣ ଚରଣ ବିଶ୍ୱାଳ, ଲମ୍ବୋଦର ନାୟକ, ପୀତାମ୍ବର ଦାସ, ସଂଜୟ କୁମାର ପଣ୍ଡା, ଡ. ରତ୍ନାକର ସିଂହ, ଶରତଚନ୍ଦ୍ର ମହାପାତ୍ର, ମନ୍ମଥ କୁମାର ସାହୁ, ଜ୍ୟୋସ୍ନା ରାୟ, ବିଦ୍ୟାଧର ସାହୁ, ଶାନ୍ତି ବିଶି, ମମତା ଦାସ, ତୃପ୍ତିରାଣୀ ପାତ୍ର, ଦେବାଶିଷ ସିଂହ, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଖୋର୍ଦ୍ଧା ଗୁରୁଜଙ୍ଗ ଧବଳେଶ୍ୱର ପୀଠରେ ବଡଓଷା ଯାତ୍ରା

ଖୋର୍ଦ୍ଧା , ୨୬/୧୧ (ନି.ପ୍ର): ପୌରପରିଷଦ ଗୁରୁଜଙ୍ଗ ଗ୍ରାମରେ ଅବସ୍ଥିତ ବହୁ ପୁରୁଣା କାଳରୁ ଲୋକନାଥ ଧବଳେଶ୍ୱର ମହାଦେବଙ୍କ ବଡ ଓଷା ଜାତ ପାଳନ ହୋଇ ଯାଇଛି । ଏହି ଦିନ ରାତ୍ର ୩ ଠାରୁ ବହୁ ଶ୍ରଦ୍ଧାଳୁ ବଡ଼ ଓଷା ବ୍ରତ (ଉପାସ କରିଥିବା) ମହିଳା ଓ ପୁରୁଷ ହଜାର ହଜାର ସଙ୍ଖ୍ୟାରେ ଲାଇନ ଲଗାଇ ଥାଆନ୍ତି । ଏହି ଓଷା କରିଥିବା ଭକ୍ତ ଭୋରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶିବ ଲିଙ୍ଗ (ଧବଳେଶ୍ୱର ଠାକୁର ଦର୍ଶନ ,ଗୁରୁଜଙ୍ଗ ଖୋର୍ଦ୍ଧା) ଅପେକ୍ଷା କରି ଥାଆନ୍ତି । ଲୋକ ମତ ଅଛି ଏହି ଓଷା କରିଥିବା ଭକ୍ତ ତାଙ୍କ ମାନସିକ ପୂରଣ କରିଥାନ୍ତି । ତାଙ୍କ ପାଖେ ତାଙ୍କ ଦୁଃଖ ଗୁହାରି କରି ଥାଆନ୍ତି । ଶୁଣିବାକୁ ମିଳେ ତାଙ୍କ ଦର୍ଶନ ଓ ପାଦୁକା ସେବନ କରି ବହୁ ସଂଖ୍ୟାରେ ମାନସିକ ଥାରି ମନସ୍କାମନା ପୂରଣ ହୋଇଛି । ବହୁ କଷ୍ଟ ସାଧ ରୋଗରୁ ଆରୋଗ୍ୟ, ବିବାହ ଓ ସନ୍ତାନ ଲାଭ କରିଛନ୍ତି । ଏହି ବଡ଼ ଓଷା ପର୍ବ କାର୍ତ୍ତିକ ମାସ କାର୍ତ୍ତିକ ପୂର୍ଣ୍ଣିମା ପୂର୍ବ ଦିନରୁ ପ୍ରତିବର୍ଷ ପାଳନ ହେବା ବିଦ୍ଧି ଅଛି । ଉକ୍ତ ଦିନଟି ଖୋର୍ଦ୍ଧା ଜିଲ୍ଲାରେ ସ୍ୱନ୍ତତ ଛୁଟି ଜିଲ୍ଲା ପ୍ରଶାସନ କରିଥାନ୍ତି । (ଭୂଆବେନେଶ୍ୱର୍ ଛାଡ଼ି । ଏହି ଛୁଟି ଟି ଭୁବନେଶ୍ୱର ଅସୋକା ଅଷ୍ଟମି ରେ ଭୁବନେଶ୍ୱରରେ ଲାଗୁ ହୁଏ) ଖୋର୍ଦ୍ଧା ଜିଲ୍ଲା ଓ ଅନ୍ୟ ପାଖ ଜିଲ୍ଲା ଗ୍ରାମ ଗହଳି ଓ ସହରରୁ ଲକ୍ଷ୍ୟାଧିକ ଭକ୍ତ ଆସନ୍ତି । ଉକ୍ର ମେଳା ଘର କରଣା ସାମଗ୍ରୀ ଓ ଚାଷ ବାସ ଉପ କରଣ ମିଳେ ଓ ଲୋକେ କିଣା ବିକା କରନ୍ତି । ଏହି ପବିତ୍ର ପୀଠ ତିନି ଦିନ କାର୍ତ୍ତିକ ପୂର୍ଣ୍ଣମା ପର୍ଯ୍ୟନ୍ତ ସାଂଶକୃତ୍ୟ କାର୍ଯ୍ୟ କ୍ରମ ରାତିରେ ହୁଏ । ଏହାର ଟ୍ରଷ୍ଟି ଓ ପୂଜକ କମିଟି , ଓ ଉକ୍ତ ଗ୍ରାମର ମୂଖ୍ୟ ଲୋକ ସାମିଲ ହୋଇ ବୁଝନ୍ତି ।ଏବେ ଶୁଣିବାକୁ ମିଳେ ୫ ବର୍ଷ ହେବ କିଛି ଅସୁବିଧା ଅଛି ଏହାର ଟ୍ରଷ୍ଟି ଓ ତଥାପି ଯୁବ ବାହିନୀ ଚଳାଇ ବହୁ ଭଲରେ ଚଳାଇ ଆସିଛନ୍ତି । ଏହି ବର୍ଷ ଏକ ନୁଆ କଥା ଦେଖିବାକୁ ଓ ଶୁଣିବାକୁ ମିଳେ ଖୋର୍ଦ୍ଧା ୫ ନମ୍ବର ୱାର୍ଡ ଦୁଇ ଜଣ ମହିଳା ପାର୍ଥିନୀ ଆସନ୍ତା ୨୦୨୪ ନିର୍ବାଚନରେ ବିଜେଡି ଟିକେଟ ପାଇଁ ମାନସିକ କରିଥିବା ଶୁଣା ଖବର ଗୁପ୍ତ ଭାବେ ପ୍ରଚାର ଚାଲିଛି । ଯଦି ଗୁଜବ ସତ ହୁଏ ଠାକୁର ମହିମା ରହିବ । ସେହିପରି କଟକ ଜିଲ୍ଲା, ଆଠଗଡ଼ ମଞ୍ଚେଶ୍ୱର୍ ମହାନଦୀ କୂଳରେ ଅବସ୍ଥିତ ଲୋକାଥଙ୍କ ମନ୍ଦିରେ ଧବଳେଶ୍ୱର ଓଷା ପର୍ବ ଓଡିଶା ପ୍ରସିଦ୍ଧ ଓ ବିଖ୍ୟାତ । ବହୁ ଲକ୍ଷ୍ୟ ଲୋକ ଏହି ପବିତ୍ର ଦିନରେ ଶିବ ଦରଶନ ଓ ପୁଣ୍ୟ ପାଇଁ କଷ୍ଟ ସାଧ କରି ଆସନ୍ତି । ଏହି ପିଠ ଓଡିଶା ଶିବ ପିଠ ନାମରେ ପ୍ରସିଦ୍ଧ ଓ ଖୋର୍ଦ୍ଧା ଗୁରୁଜଙ୍ଗ ଧବଳେଶ୍ୱର ପୀଠ ମଂଧ ବହୁ ବର୍ଷ ପୁବର୍ରୁ ଚାଲିଛି ଲୋକେ କହନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବଲିଉଡ୍‌ରେ ଝୁମେଇବେ...

ଏପରି ରୁଚି ଦେଖି ପରିବାର ଲୋକେ ତାଙ୍କୁ ହାଇଦ୍ରାବାଦ ପଠାଇ ଦେଇଥିଲେ । ଅର୍ଥାତ ଯୁକ୍ତ ଦୁଇ ପାସ୍ କରିବା ପରେ ମନିକା ହାଇଦ୍ରାବାଦରେ ଚାକିରି କରୁଥିବା ବଡ଼ ଭାଇଙ୍କ ପାଖକୁ ଚାଲି ଯାଇଥିଲେ । ସେଠାରେ 'ହାଇ- ଡ୍ୟାନ୍ସ' ଷ୍ଟୁଡିଓ ଏକାଡେମୀ ନାଁ ଲେଖାଇଥିଲେ । ଦୀର୍ଘ ଦୁଇ ବର୍ଷ ଧରି ଡ୍ୟାନ୍ସ ତାଲିମ ନେଇଥିଲେ । ଡ୍ୟାନ୍ସ ଶିଖୁଥିବା ବେଳେ ତାଙ୍କ ଉପରେ ପଡ଼ିଲା ଧାରାବାହିକ ନିର୍ଦ୍ଦେଶକଙ୍କ ନଜର । ତା'ପରେ ମନିକା ବିଭିନ୍ନ ଧାରାବାହିକରେ ଛୋଟ ଛୋଟ ଚରିତ୍ରରେ ଅଭିନୟ କରିଥିଲେ । ଆଉ ବଡ଼ ବ୍ରେକ୍‌କୁ ଅପେକ୍ଷା କରିଥିଲେ । ଶେଷରେ ମନିକାଙ୍କ ତପସ୍ୟା ଫଳବତୀ ହେଲା । ମିଳିଲା ବଡ଼ବ୍ରେକ୍ । ତେଲୁଗୁ ଚଳଚ୍ଚିତ୍ର 'ଗାରାଗା'ରେ ମୁଖ୍ୟ ଅଭିନେତ୍ରୀ ଭାବେ ତାଙ୍କୁ ବ୍ରେକ୍ ମିଳିଲା । ଆଉ ସୁଯୋଗକୁ ହାତ ଛଡ଼ା କରିନଥିଲେ ମନିକା । 'ଗାରାଗା' ଚଳଚ୍ଚିତ୍ରରେ କାଲାକ ଶ୍ରୀନିବାସ ରାଓ ନାୟକ ଭାବେ ନଜିର ଆସୁଛନ୍ତି । ତାଙ୍କ ବିପକ୍ଷରେ ମୁଖ୍ୟ ନାୟିକା ଭାବେ ମନିକା ଅଭିନୟ କରୁଥିବା ବେଳେ ସୁନିତା ସହ ଅଭିନେତ୍ରୀ ଅଛନ୍ତି । ଶ୍ରୀନିବାସ କ୍ରିଏସନ୍ସ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରରେ ବହୁ ବଡ଼ବଡ଼ ଅଭିନେତା ଓ ଅଭିନେତ୍ରୀ ଅଭିନୟ କରୁଛନ୍ତି । ଏଥିରେ ଡଃ ଚନ୍ଦଲୱଡ଼ା ହରିବାବୁ, ରାମବାବୁ, ରାମସ୍ୱାମୀ ପ୍ରମୁଖ ନଜର ଆସିଛନ୍ତି । ଏହି ଫିଲ୍ମର ସୁଟିଂ ବର୍ତ୍ତମାନ ବିଜିୟୱାଡାରେ ଆରମ୍ଭ ହୋଇଛି । 'ଗାରାଗା' ଫିଲ୍ମ ପ୍ରଥମେ ତେଲୁଗୁ ପରେ ହିନ୍ଦୀ ଭାଷାରେ ରିଲିଜ ହେବ । ଖୁବ୍‌ଶୀଘ୍ର ଫିଲ୍ମ ପରଦାକୁ ଆସିବ ବୋଲି ଜଣାପଡ଼ିଛି । ଏଥିପାଇଁ ବେଶ୍ ଉତ୍ସାହିତ ଅଛନ୍ତି ମନିକା ।

## ୨୬/୧୧ ଆକ୍ରମଣକୁ ...

ମହାରାଷ୍ଟ୍ର ରାଜ୍ୟପାଳ ରମେଶ ବୈଶ, ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ୍ ସହିଦଙ୍କୁ ପୁଷ୍ପାଞ୍ଜଳି ଦେଇ ସ୍ମୃତିଚାରଣ କରିଥିଲେ । ୨୦୦୮ରେ ଆତଙ୍କବାଦୀଙ୍କ ଆକ୍ରମଣରେ ଥରି ଉଠିଥିଲା ଭାରତର ଅର୍ଥନୈତିକ ରାଜଧାନୀ ମୁମ୍ବାଇ । ମୁମ୍ବାଇର ତାଜ୍ ଏବଂ ଓବରାଇ ହୋଟେଲ, ଛତ୍ରପତି ଶିବାଜୀ ଟର୍ମିନସ୍, ନରିମନ୍ ହାଉସ୍ ଭଳି ପ୍ରମୁଖ ସ୍ଥାନରେ ୪ ଦିନ ଲୁଚି ଛପି ଆକ୍ରମଣ କରିଥିଲେ ୧୦ଜଣ ଆତଙ୍କବାଦୀ । ଏଥିରେ ୧୬୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୦୦ ଜଣ ଆହତ ହୋଇଥିଲେ । ପରେ ୯ ଜଣ ଲସ୍କର ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା । ପାକିସ୍ତାନର ଏକମାତ୍ର ଆତଙ୍କବାଦୀ ମହମ୍ମଦ ଅଜମଲ କସବ ଜୀବନ୍ତ ଅବସ୍ଥାରେ ଧରାପଡିଥିଲା । ୨୦୧୨ ମସିହାରେ କସବକୁ ଫାଶି ଦିଆଯାଇଥିଲା ।

## ରେସ୍କ୍ୟୁରେ ସାମିଲ ହେବ ...

ପେନିଟ୍ରେସନ୍ ରାଡାର (ଜିପିଆର) ବ୍ୟବହାର କରୁଛନ୍ତି । ଏଥିସହ ପାହାଡ଼ ଉପରୁ ତଳ ଆଡ଼କୁ ଏକ ଗାତ ଖୋଳି ଶ୍ରମିକଙ୍କୁ ବାହାର କରିବା ପାଇଁ ଚିନ୍ତା କରାଯାଉଛି । ଶ୍ରମିକମାନେ ଫସିଥିବା ଟନେଲ୍ ଉପରେ ସିଧାସଳଖ ୮୫ରୁ ୯୦ ମିଟର ଗାତ ଖୋଳିବାକୁ ୫ରୁ ୬ ଦିନ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି ।

## ଚାଇନାରେ ଶିଶୁମାନଙ୍କଠାରେ ...

ନିମୋନିଆ ରୋଗ ଚାଇନାର ପିଲାମାନଙ୍କ ଉପରେ ଅଧିକ ପ୍ରଭାବ ପକାଉଥିବା ବେଳେ ଡକ୍ଟର ମାନେ ପରାମର୍ଶ ଦେଇଛନ୍ତି ଯେ ଏନ୍୯୫ ଓ ଏନ୯୯ ମାସ୍କ ବ୍ୟବହାର କରିବା ପାଇଁ । ମିଡିଆ ରିପୋର୍ଟ ଅନେକ ସ୍ଥାନରେ ଶିଶୁ ଅତିଥିଙ୍କ ଭିଡ ବିଷୟରେ ସୂଚନା ଦେଉଛି । ସେ କହିଛନ୍ତି ଯେ, ଯଦି ଆପଣମାନେ ବାହାରକୁ ଯାଉଛନ୍ତି, ଆମେ ମଧ ପ୍ରଦୂଷଣର ସମ୍ମୁଖୀନ ହେଉଛୁ । ତେଣୁ ଆପଣମାନେ ଏନ୯୫ ଓ ଏନ୍୯୯ ମାସ୍କ ବ୍ୟବହାର କରନ୍ତୁ । ସମୟ ସମୟରେ ନିଜ ହାତକୁ ହେଣ୍ଡୱାସ ବା ସାବୁନରେ ଭଲଭାବରେ ସଫା କରନ୍ତୁ । ସୁସ୍ଥ ଆଚରଣ ବଜାୟ ରଖନ୍ତୁ । ପିଲାମାନଙ୍କ ପାଇଁ ନିଆଯିବାକୁ ଥିବା ସତର୍କତା ବିଷୟରେ ଡକ୍ଟର ଶୁକ୍ଲା କହିଛନ୍ତି, ଯଦି ପିଲାମାନେ ସ୍କୁଲ ଯାଉଛନ୍ତି ତେବେ ଏହା ଧ୍ୟାନରେ ରଖନ୍ତୁ, କି କାଶ, ଥଣ୍ଡା, ଜ୍ୱର କିମ୍ବା ଅନ୍ୟ କୌଣସି ରୋଗର ସଂକେତ ନାହିଁ ତ ? ସେମାନଙ୍କ ସହ କଥା ହୁଅନ୍ତୁ ଏବଂ ସେମାନଙ୍କ ଶ୍ରେଣୀରେ କେହି ପିଲା ଅଛନ୍ତି, ଯିଏ ଅସୁସ୍ଥତା ଭୋଗୁଛନ୍ତି କି ? ଯଦି କେହିପିଲା ଅସୁସ୍ଥ ଥାଏ ତେବେ ସ୍କୁଲ ଶିକ୍ଷକଙ୍କୁ ତୁରନ୍ତ ଏହା ବିଷୟରେ ଜଣାନ୍ତୁ ଏବଂ ଯଦି ସେ ଅସୁସ୍ଥ ଅଛି ତେବେ ସେହି ପିଲା କୁ ସ୍କୁଲ ଆସିବା ପାଇଁ ମନା କରନ୍ତୁ ଏବଂ ଆପଣଙ୍କ ପିଲାମାନଙ୍କୁ ମଧ କିଛି ସମୟ ପାଇଁ ସ୍କୁଲକୁ ପଠାନ୍ତୁ ନାହିଁ । ଡଃ ଶୁକ୍ଲା କହିଛନ୍ତି ଅନେକ ଶ୍ୱାସ ରୋଗୀ ଆସୁଥିବା ବେଳେ ସେଥିରେ ଶିଶୁମାନଙ୍କ ସଂଖ୍ୟା ବଢିଛି । ଯାହା ଚୀନର ସ୍ଥିତିକୁ ଅସ୍ତ ବ୍ୟସ୍ତ କରିସାରିଲାଣି । ସେମାନଙ୍କୁ ମିଳୁଥିବା ତଥ୍ୟ ବହୁତ କମ୍ ଓ ତଥ୍ୟ ବାହାରେ ଆହୁରି ଅନେକ ସଂକ୍ରମଣ ରହିଛି । ଏହାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବହୁତ ଚିନ୍ତିତ ଅଛି । ଡଃ ଶୁକ୍ଲା କହିଛନ୍ତି କି କୋଭିଡ ଏବଂ ଲକଡାଉନ କାରଣରୁ ସାଧାରଣ ଜନତା ଏବଂ ଶିଶୁମାନଙ୍କର ରୋଗ ପ୍ରତିରୋଧକ କ୍ଷମତା ପ୍ରଭାବିତ ହୋଇଛି । କେତେକ ବିଶେଷଜ୍ଞ ଶିଶୁଙ୍କଠାରେ ଏହି ସଂକ୍ରମଣ ବୃଦ୍ଧି ପାଉଥିବାରେ ଜଣାଇଛନ୍ତି । ଜଣେ ବିଶେଷଜ୍ଞ କହିବା ଅନୁସାରେ ଚାଇନାରେ କୋଭିଡ କାରଣରୁ ପିଲାମାନଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମ୍ ହୋଇଯାଇଛି । ତେଣୁକରି ଏହି ସଂକ୍ରମଣ ବୃଧିପାଇବାରେ ଲାଗିଛି । ଡଃ ଶୁକ୍ଲା ଲୋକମାନଙ୍କୁ ଭୟଭିତ ନହେବାପାଇଁ କହିଛନ୍ତି ଏବଂ ଏହି ନୂତନ ଇନଫ୍ଲୁଏନଂଜା ବିଷୟ ଉପରେ ଏତେ ତଥ୍ୟ ନଥିଲେ ମଧ ଏହା ଏତେ ସାଂଘାତିକ ନୁହେଁ ବୋଲି ସେ ଜଣାଇଛନ୍ତି ।

## ହମାସର ଆଉ ଏକ ଶୀର୍ଷ ...

ପୂର୍ବରୁ ଇସ୍ରାଏଲ ହମାସର ଏହି ଆତଙ୍କୀକୁ ମାରିବା ପାଇଁ ତିନି ଥର ଉଦ୍ୟମ କରିଥିଲା । ସୂଚନାଯୋଗ୍ୟ ଯେ ଇସ୍ରାଏଲ ଓ ହମାସ ମଧରେ ବର୍ତ୍ତମାନ ସମୟରେ ଚାରି ଦିନିଆ ଯୁଦ୍ଧବିରାମ ଚାଲିଛି । ଏହି ଅବଧିରେ ହମାସ ନିଜ କଏଦରେ ରଖିଥିବା କିଛି ବନ୍ଦୀଙ୍କୁ ମୁକ୍ତ କରିଛି । ହମାସର ଶୀର୍ଷ ଆତଙ୍କୀକୁ ହତ୍ୟା ଖବର ରବିବାର ଆସିଛି । ହମାସ କହିଛି ଯେ ଇସ୍ରାଏଲ ସହ ଯୁଦ୍ଧରେ ଏହାର ଜଣେ ଶୀର୍ଷ କମାଣ୍ଡରଙ୍କ ମୃତ୍ୟୁ ହୋଇଛି । ଆତଙ୍କୀ ସମୂହ ରବିବାର ଅହମଦ ଅଲ-ଗନ୍ଦୋରଙ୍କ ମୃତ୍ୟୁ ନେଇ ଘୋଷଣା କରିଛି । ଉତ୍ତର ଗାଜାରେ ସେ ହମାସର ଶୀର୍ଷ କମାଣ୍ଡର ଥିଲେ । ୱାଶିଂଟନ ସ୍ଥିତ କାଉଣ୍ଟର ଏକ୍ସଟ୍ରିଜିମ୍ ପ୍ରୋଜେକ୍ଟ ଅନୁସାରେ, ୨୦୨୨ ସୁଦ୍ଧା ଅଲ-ଗନ୍ଦୋରକୁ ମାରିବା ପାଇଁ ଇସ୍ରାଏଲ ପକ୍ଷରୁ ତିନି ଥର ପ୍ରୟାସ କରାଯାଇଥିଲା । ଏହାରି ଭିତରେ ହମାସ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରାମ ଯୋଗୁଁ ଦକ୍ଷିଣ ଲେବାନନ ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ଫେରିବାରେ ଲାଗିଛି । ଯୁଦ୍ଧ ଯୋଗୁଁ ଯେଉଁ ଲୋକମାନେ ଗାଁ, ଘର ଛାଡ଼ି ଚାଲି ଯାଇଥିଲେ ଏବେ ସେମାନେ ଫେରୁଛନ୍ତି । ବନ୍ଦ ଦୋକାନ ଖୋଲିଛି ଓ ଶୂନଶାନ ଥିବା ରାସ୍ତାରେ ପୁଣି ଥରେ ଯାନବାହାନ ଚଳାଚଳ ଆରମ୍ଭ ହୋଇଛି ।

# କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ



ପାରାଦୀପ, ୨୬/୧୧ (ନି.ପ୍ର): ପାରାଦୀପର ସାଗର ବେଳାଭୂମିର ବିଜୁ ମଇଦାନଠାରେ ରବିବାର ସଂନ୍ଧ୍ୟାରେ ମୁଖ୍ୟଅତିଥି ତଥା ଉଦଘାଟକ ଭାବେ ଓଡିଶା ସରକାରଙ୍କ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗ ଦେଇ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ୨୦୨୩କୁ ଉଦଘାଟିତ କରିଥିଲେ । କଳିଙ୍ଗ ବାଲିଯାତ୍ରା କମିଟିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ପାରୁଲ ପଟୱାରୀ ପୌରହିତ୍ୟ ଏହି ମହୋତ୍ସବରେ ସମ୍ମାନୀତ ଅତିଥି ଭବେ ଓଡିଶା ବିଧାନସଭାର ମୁଖ୍ୟସଚେତକ ପ୍ରଶାନ୍ତ କୁମାର ମୁଦୁଲି, ଜଗତସିଂହପୁର ସାଂସଦ ଡାଃ.ରାଜଶ୍ରୀ ମଲ୍ଲିକ, ଏରସମା-ବାଲିକୁଦା ବିଧାୟକ ରଘୁନନ୍ଦନ ଦାସ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଉତ୍ତାରଞ୍ଚଳ ଓ କେନ୍ଦ୍ରାଂଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଲାଇ, ଜିଲ୍ଲ ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ପାରାଦୀପର ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ରିଫାଇନାରୀ ମୁଖ୍ୟ ପରିଚାଳକ କୌଶିକ ବସୁ, ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ୍, ପିପିଏଲ୍ର ମୁଖ୍ୟ ଉତ୍ପାଦନ ଅଧିକାରୀ ନିଲେଶ ଦେଶାଇ, ଏମ୍/ଏନଏସ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରୋଶା ଜି ଯୋଗ ଦେଇ କଳିଙ୍ଗ ବାଲିଯାତ୍ରା ମହୋତ୍ସବର ସ୍ମୃତି ଚାରଣ କରିଥିଲେ । ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ କଳିଙ୍ଗ ବାଲିଯାତ୍ରା କମିଟିର ଉପାଧକ୍ଷ ତଥା ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା । ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ପ୍ରଦୀପ କୁମାର ସାହା ନିର୍ବାହି ଅଧିକାରୀ ପାରାଦ୍ୱୀପ ପୌରପରିଷଦ ତଥା ସମ୍ପାଦକ କଳିଙ୍ଗ ବାଲିଯାତ୍ରାକମିଟି । ଚଳିତ ବର୍ଷ ବାଲିଯାତ୍ରା ପଡିଆରେ ପ୍ରାୟ ଆଠ ଶହରୁ ଉର୍ଦ୍ଧ ଷ୍ଟଲ ଖୋଲା ଯାଇଥିବା ବେଳେ ୧୦୦ରୁ ଉର୍ଦ୍ଧ ଓରମାସ ଷ୍ଟଲ । ପ୍ରତ୍ୟେକ ଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଲୋକକଳା,ମେଲୋଡି ଆଦିର ଆୟୋଜନ କରାଯିବ । ଆଠ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରରୁ ବହୁ ବ୍ୟବସାୟୀ , ସ୍ଥାନୀୟ ଶିଳ୍ପାଞ୍ଚଳ, ସରକାରୀ ତଥା ବେସରକାରୀ ସଂସ୍ଥା ସମେତ ଏମଏସଏମଇ ଷ୍ଟଲ ଖୋଲାଯାଇଛି ।

ସୋମବାର, ନଭେମ୍ବର ୨୭, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ



ବାଲେଶ୍ୱର, ୨୬/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆଜି ସକାଳ ୧୦ ଘଟିକା ସମୟରେ କଲେକ୍ଟରେଟ ପରିସରରେ ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ ହୋଇ ଯାଇଛି ଓ ୧୯୪୯ ଆଜିର ଦିବସରେ ଭାରତର ସମ୍ବିଧାନ ଗୃହୀତ ହୋଇଥିଲା ଓ ଏହି ଦିବସ ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ସମ୍ବିଧାନର ମୁଖବନ୍ଧକୁ ପଠନ କରାଯାଇଥିଲା । ତତ୍ସହିତ ଭାରତ ସମ୍ବିଧାନ ପ୍ରଣେତା ମାନଙ୍କର ଅଦମ୍ୟ ପ୍ରଚେଷ୍ଟାରେ ଏକ ଦସ୍ତାବିଜ ପ୍ରସ୍ତୁତି ଏବଂ ଡ୍ରାଫଟିଙ୍ଗ କମିଟିର ଅଧ୍ୟକ୍ଷ ଡ଼ ଭୀମରାଓ ଆମ୍ବେଦକରଙ୍କ ଭୂମିକା ଉପରେ ସମ୍ୟକ ବକ୍ତବ୍ୟ ରଖିଥିଲେ ଓ ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ପ୍ରତିଭା ମଞ୍ଜରୀ ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନା, ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ମୁଖବନ୍ଧ ପଠନ କରିଥିଲେ ଓ ପରିଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ଦୁଇଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

## ମନ ମୋହିଲା ଆକର୍ଷଣୀୟ ଷ୍ଟଲ ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ଭଦ୍ରକ , ୨୬/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ହୋଇଥିବା ଦୁଇ ଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ରବିବାର ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ସାନ୍ଧ୍ୟ ସଭାରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଡ. ବ୍ୟୋମକେଶ ରାୟ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ୍, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଏସ୍.ପି. ଭଦ୍ରକ ବରୁଣ ଗୁଣ୍ଟୁପାଲି, ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ. ହୃଷିକେଶ ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଉପଜିଲ୍ଲାପାଳ ମନୋଜ ପାତ୍ର ଏହି ମେଳା ଆୟୋଜନର ସମସ୍ତ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ତଦାରଖ କରିଥିଲେ । ଦୁଇ ଦିନିଆ ମେଳାରେ ମତ୍ସ୍ୟଚାଷୀ, ପ୍ରାଣୀସମ୍ପଦ, ମାଣ୍ଡିଆ ଚାଷ ଆଜି ସମ୍ବନ୍ଧରେ ଯେଉଁ ସଂପୃକ୍ତ ଷ୍ଟଲ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ନୃତ୍ୟ, ସଙ୍ଗୀତ ଆଦି ଜରିଆରେ ପ୍ରଦର୍ଶନ କରାଗଲା ଓ ଅତିଥିମାନେ ଚାଷୀର ସମୃଦ୍ଧିପାଇଁ ଯେଉଁ ବାର୍ତ୍ତା ପ୍ରଦାନ କଲେ ତାକୁ ନିଜର ଜୀବନ ଜୀବିକା କ୍ଷେତ୍ରରେ ବାସ୍ତବ ରୂପ ହେଲେ ନିଜର ବିକାଶ ସହିତ ରାଜ୍ୟର ବିକାଶ ସମ୍ଭବ ହୋଇ ପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ତାରକା ଉଦ୍‌ଘୋଷିକା ଗୁନ୍‌ଗୁନ୍‌ଙ୍କ ଉଦ୍‌ଘୋଷଣା ମାଧ୍ୟମରେ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ଚାଷର ଅଭିବୃଦ୍ଧି ପାଇଁ ଉଦ୍ଦିଷ୍ଟ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ସୁବିଧା ସୁଯୋଗ, ସବ୍‌ସିଡ଼ି ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହ ଖୁବ୍ ସୁନ୍ଦର ଭାବେ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଜିଲ୍ଲା କୃଷି ବିଭାଗ ଏବଂ ଆଞ୍ଚଳିକ ବିଭିନ୍ନ ସ୍କୁଲ, କଲେଜ ଦ୍ୱାରା କୃଷି ଓ ଅନ୍ୟ ଯୋଜନା ସମ୍ବନ୍ଧୀୟ ସଚେତନତା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଭୁବନେଶ୍ୱରରୁ ଆସିଥିବା ଷ୍ଟାର ସିଙ୍ଗର ଆଶୁତୋଷ ମହାନ୍ତି ଏବଂ ପ୍ରଜ୍ଞା ହୋତାଙ୍କ ଟିମ୍ ଦ୍ୱାରା ଖୁବ୍ ଉଚ୍ଚକୋଟୀର ମେଲୋଡ଼ି ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମେଳାର ପ୍ରଥମ ଦିନ ପରି ଶେଷ ଦିନରେ ମଧ୍ୟ ପ୍ରାଣୀସମ୍ପଦ ବିଭାଗ ଦ୍ୱାରା ୨ଜଣ ପ୍ରାଣୀ ପାଳକଙ୍କୁ ଏବଂ ମତ୍ସ୍ୟ ବିଭାଗ ଦ୍ୱାରା ୨ ଜଣ ମତ୍ସ୍ୟ ଚାଷୀଙ୍କୁ ୫ ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ମତ୍ସ୍ୟଚାଷ କ୍ଷେତ୍ରରେ ବିଜୟ ପାଟଣା, ଚାନ୍ଦବାଲି ବ୍ଲକ୍‌ର ମତ୍ସ୍ୟ ଚାଷୀ ଶାନ୍ତିଲତା ପରିଡ଼ା ବାୟୋଫ୍ଲକ୍ ପ୍ରଣାଳୀରେ ମାଛ ଚାଷ ପାଇଁ, ବାସୁଦେବପୁରର ମା ବାସନ୍ତୀ ଏସ୍.ଏଚ୍.ଜି ମିଶନ ଶକ୍ତି ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ, ତିହିଡ଼ିର ପ୍ରାଣୀପାଳକ ପ୍ରତୀକ ରାଜୀବ ପରମାରଙ୍କୁ ଅଣ୍ଡାଦିଆ କୁକୁଡ଼ା ପାଳନ ପାଇଁ, ବାସୁଦେବପୁରର ଜଗାବଳିଆ ଏସ୍.ଏଚ୍.ଜି.ଙ୍କୁ ଛେଳିପାଳନ ପାଇଁ ପୁରସ୍କୃତ କରାଯାଇଥିଲା ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ: ଡିସେମ୍ବର ୧ରେ କଂଗ୍ରେସର ତୁଳସୀ ଯାତ୍ରା



ବାରିପଦା, ୨୬/୧୧ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଭକ୍ତ ମାନଙ୍କର ସୁବିଧା ଦୃଷ୍ଟିରୁ ପୁରୀ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ଚାରଟି ଦ୍ୱାର ଖୋଲିବା ଏବଂ ରତ୍ନ ଭଣ୍ଡାର ଖୋଲିବା ପାଇଁ ଦାବି କରାଯାଇଥିଲେ ମଧ୍ୟ ସରକାର ଅଣଦେଖା କରୁଥିବାରୁ ଶ୍ରଦ୍ଧାଳୁମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଭକ୍ତ ମାନଙ୍କର ଭାବାବେଗ ଏବଂ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି. ଏଣୁ ପୁରୀ ଜଗନ୍ନାଥ ମନ୍ଦିରର ଚାରି ଦ୍ୱାର ଖୋଲିବା, ରତ୍ନ ଭଣ୍ଡାର ଖୋଲିବା ଏବଂ ରତ୍ନ ଭଣ୍ଡାରରେ ଥିବା ବହୁ ମୁଲ୍ୟ ରତ୍ନର ଗଣତି ଓ ରତ୍ନ ଭଣ୍ଡାରର ମରାମତି କରାଯିବା, ବେଦାନ୍ତ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତମଣୋହି ଜମିକୁ ଫେରସ୍ତ କରିବା ଇତ୍ୟାଦି ଛଅ ଗୋଟି ଦାବିକୁ ନେଇ ଡିସେମ୍ବର ୧ ତାରିଖ ଦିନ ଜିଲ୍ଲାର ପ୍ରତି ନଗର, ଗ୍ରାମ, ବ୍ଲକ୍, ପଂଚାୟତ, ବୁଥ ଓ କଂଗ୍ରେସ ଶୁଭେଚ୍ଛୁଙ୍କ ଠାରୁ ତୁଳସୀ ସଂଗ୍ରହ କରି ନିଷ୍ଠାର ସହିତ ପୁରୀ ଅଭିମୁଖେ ତୁଳସୀ ଯାତ୍ରା ଅନୁଷ୍ଠିତ ହେବ । ସେହିପରି ମୟୁରଭଞ୍ଜ ଜିଲ୍ଲା ଏକ ଆଦିବାସୀ ବହୁଳ ପଛୁଆ ଜିଲ୍ଲା ଭାବରେ ପରିଗଣିତ ହେଉଥିବା ବେଳେ, ଜିଲ୍ଲାରୁ ଉଭୟ କେନ୍ଦ୍ର ଓ ରାଜ୍ୟର ମନ୍ତ୍ରୀ ତଥା ସାଂସଦ ବିଧାୟକ ମାନେ ରହିଥିବା ବେଳେ, ଦୀର୍ଘବର୍ଷ ଧରି ଜିଲ୍ଲାରେ ଗୋଟିଏବି ଶିଳ୍ପ ପ୍ରତିଷ୍ଠା ହୋଇପାରି ନାହିଁ । ପର୍ଯ୍ୟଟନ କ୍ଷେତ୍ରର ବିକାଶରେ କୌଣସି ଆନ୍ତରିକତା ନାହିଁ । ଏଣୁ ରୋଜଗାର, ସ୍ୱାସ୍ଥ୍ୟ, ଶିକ୍ଷା, ଆଇନ ଶୃଙ୍ଖଳା, ଗମନାଗମନ ସବୁ କ୍ଷେତ୍ରରେ ଏ ସରକାର ବିଫଳ ହୋଇଥିବାରୁ ଏହି ତୁଳସୀ ଯାତ୍ରା ମାଧ୍ୟମରେ ସରକାରଙ୍କର ସମସ୍ତ ବିଫଳତାକୁ ସାଧାରଣ ଜନତାଙ୍କୁ ଅବଗତ କରାଯିବ ବୋଲି ଜିଲ୍ଲା କଂଗ୍ରେସର ପକ୍ଷରୁ ହୋଟେଲ ସ୍ୱସ୍ତିକ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖପାତ୍ର ଯୋଗେଶ ଅଗ୍ରୱାଲ କହିଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ଜିଲ୍ଲା ଉପସଭାପତି ଅରବିନ୍ଦ ଦାସ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ଆଇନ ସେଲ ଅଧ୍ୟକ୍ଷ ଜ୍ୟୋତି ପ୍ରକାଶ ରଥ, ଯୁବ କଂଗ୍ରେସର ବିକାଶ ମହାଭୋଇ, ଛାତ୍ର କଂଗ୍ରେସ ସଭାପତି ମୋତି ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ରାହାସ ପୂର୍ଣ୍ଣମୀରେ ବସ୍ତା ଅଞ୍ଚଳ ଚଳଚଞ୍ଚଳ



ବସ୍ତା, ୨୬/୧୧ (ନି.ପ୍ର): ଭକ୍ତି ଭାବନା ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ବସ୍ତା ଅଞ୍ଚଳ ।ପଞ୍ଚୁକ ବ୍ରତ ଉପାସନା ଏକମାସ ଧରି ପାଳି ଆଶୁଛନ୍ତି । ସହର ଠାରୁ ଆରମ୍ଭକରି ଗାଁ ସାହି ସବୁଠି ହରି ନାମ ସଂକିର୍ତ୍ତନ ଲାଗିରହିଛି । ପୁଣି ପ୍ରତ୍ୟେକ ମନ୍ଦିର ଠାରୁ ଦେବପିଠ ମାନଙ୍କରେ ଭକ୍ତ ମାନଙ୍କ ଭିଡ ଦେଖାଯାଉଥିବାବେଳେ ଏମିତିଦୃଶ୍ୟ ଦେଖିବାକୁ ମିଳିଛି ବସ୍ତା ଥାନା ଅଧିନସ୍ଥ ବ୍ରାହ୍ମଣଦା ଗ୍ରାମପଞ୍ଚାୟତ ର ହଳଦିଆପଡା ଗ୍ରାମରେ । ଗାଁର ମା କାଳିକା ଠାକୁରାଣୀ ନିକଟରେ ପ୍ରବଳ ଭିଡ ସହିତ ଭଜନ କୀର୍ତ୍ତନ ଲାଗି ରହିଥିବା ବେଳେ ,ଭକ୍ତିଭାବନାରେ ଏକ ଭାବମୟ ପରିସ୍ଥିତି ପରିଲକ୍ଷିତ ହେଉଛି । ପ୍ରତ୍ୟେକଦିନ ପ୍ରାତରୁ ମହିଳା ମାନେ ନିତ୍ୟକର୍ମ ସାରି ମନ୍ଦିର ପ୍ରାଙ୍ଗଣରେ ରୁଣ୍ଡ ହୋଇ ଗୀତା ଓ ଭାଗବତ ପଢା ଚାଲିଛି । ବିଭିନ୍ନ ସ୍ଥାନରେ ଝୁଣ୍ଟି ପକାଇବା ବେସ ପରିବେଶକୁ ଉତ୍ସବ ମୁଖର କରିଛି ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ଆହତ: ବାଡ଼ରେ ବେଆଇନ ବିଦ୍ୟୁତ୍ ସଂଯୋଗ ହେଲା କାଳ



ନୀଳଗିରି , ୨୬/୧୧ (ନି.ପ୍ର): ରବିବାର ଦିନ ଜଣେ ନାବାଳକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛି । ବେଆଇନ୍ ଭାବେ ଇଲେକ୍ଟ୍ରି ଲାଇନ୍ ସଂଯୋଗ ପୁଣି ଦିନ ଉପରେ ହୋଇଥିବା ବେଳେ ଜଣେ ନାବାଳକ ପାଗଳ କୁକୁର କାମୁଡ଼ାରୁ ରକ୍ଷା ପାଇବା ପାଇଁ ଜୀବନ ବିକଳରେ ଏକ ଧାନ କିଆରିରେ ବାଡ଼ ପାରି ହେଉଥିବା ବେଳେ ବାଡ଼ରେ ବିଦ୍ୟୁତ୍ ସଂଯୋଗ ହୋଇଥିବାର ଜାଣିପାରି ନଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଲଗିଯାଇଥିଲା । ଚିତ୍କାର ଶୁଣି ସ୍ଥାନୀୟ ଲୋକଙ୍କ ସହାୟତାରେ ନାବାଳକକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନିଳଗିରି ମେଡିକାଲ ଅଣାଯାଇଥିଲା । ଏବେ ଚିକିତ୍ସିତ ହେଉଥିବାର ଜଣାପଡିଛି । ସୂଚନା ଅନୁସାରେ ନିଳଗିରି ବ୍ଲକ୍ ଅଧିନସ୍ଥ ସଜନାଗଡ ପଞ୍ଚାୟତର ଘାଗରା ପୋଲ ନିକଟରେ ଥିବା ଚାଷ ଜମିରେ କାଳେ ଗୋରୁ ଷଣ୍ଢ ଫସଲ ନଷ୍ଟ କରିଦେବେ ସେହି ଦୃଷ୍ଟିରୁ ବେହେରାସାହି ଗ୍ରାମର ସୋମନାଥ ନାୟକ ନିଜଘର ଲାଇନ ପ୍ଲଗ୍ ରୁ ଲାଇନ୍ ସଂଯୋଗ କରି ବାଡ଼ରେ ଲଗାଇଥିବା ଜିଆଇ ତାରରେ ବିଦ୍ୟୁତ୍ ସଂଯୋଗ କରି ରଖିଥିଲା । ଜମୁଡ଼ିହା ପଞ୍ଚାୟତର ଭୂଲାଗଡିଆ ଗ୍ରାମର ବାଇଧର ଟୁଡୁର ପୁଅ ଅଶ୍ୱନୀ ଟୁଡୁ (୧୦) ଗ୍ରାମର ସାଙ୍ଗ ମାନଙ୍କ ସହିତ ମାଛ ଧରିବାକୁ ଆସିଥିବା ବେଳେ ଏକ ପାଗଳା କୁକୁର ଗୋଡ଼େଇବାରୁ ଜୀବନ ବିକଳରେ ବାଡ଼କୁ ଡ଼ିଆଁ ମାରି ଯାଉଥିବା ବେଳେ ବାଡ଼ରେ ବିଦ୍ୟୁତ୍ ସଂଯୋଗ ହୋଇଥିବାର ନଜାଣି ପାରି ଶେଷରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚିତ୍କାର କରି ଉଠିଲା । ଚିତ୍କାର ଶୁଣି ସ୍ଥାନୀୟ ଲୋକେ ନାବାଳକକୁ ମୃତ୍ୟୁ ମୁଖରୁ ଉଦ୍ଧାର କରି ନୀଳଗିରି ମେଡିକାଲକୁ ଆଣିଥିଲେ । ଅଶ୍ୱନିର ଦୁଇ ଗୋଡ଼ରେ ଆଘାତ ଲାଗିଥିବା ବେଳେ ନୀଳଗିରି ବିଦ୍ୟୁତ୍ ବିଭାଗର ଅଧିକାରୀ ସମେତ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଲାଇନ୍ ବିଚ୍ଛେଦ କରିଥିବା ବେଳେ ଏପରି ବେଆଇନ୍ ଘଟଣା ବାବଦରେ ତଦନ୍ତ କରିବା ସହ ୨୪ଘଣ୍ଟା ମଧ୍ୟରେ ଉପଭୋକ୍ତାଙ୍କ ନାମରେ ଥାନାରେ ଅଭିଯୋଗ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଜଳେଶ୍ୱରକୁ ଜିଲ୍ଲା ମାନ୍ୟତା ଓ ଉତ୍କଳ ଏକ୍ସପ୍ରେସ ରହଣି ଦାବିରେ ସମାଜ କଲ୍ୟାଣ ବିକାଶ ପରିଷଦ ନେବ ଦୃଢ ପଦକ୍ଷେପ



ଜଳେଶ୍ୱର ୨୬/୧୧(ନିପ୍ର): ଆଜି ସଂଧ୍ୟାରେ ଜଳେଶ୍ୱରସ୍ଥିତ ସମାଜ କଲ୍ୟାଣ ବିକାଶ ପରିଷଦର ଜରୁରୀ ବୈଠକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପରିଷଦର ସଭାପତି ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ସଭାପତିତ୍ୱ କରି ଜଳେଶ୍ୱରର ମୁଖ୍ୟ ଏହି ଦୁଇ ଦାବି ପ୍ରତି ଗୁରୁତ୍ୱ ଦେବା ସହିତ ଆଜି ସମ୍ବିଧାନ ଦିବସ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ଆଇନ୍‌ଜିବୀ ତଥା ସଂପାଦକ ରାମଚନ୍ଦ୍ର ଜେନାଙ୍କ ପ୍ରସ୍ତାବ କ୍ରମେ ବରିଷ୍ଠ ସମାଜସେବୀ ଅରୁଣବେଜଙ୍କ ପରଲୋକରେ ନିରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଜଳେଶ୍ୱର ଷ୍ଟେସନ ପରିସରରେ କବି ଦୀନକୃଷ୍ଣ ଦାସଙ୍କ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା, ଜଳେଶ୍ୱରକୁ ଜିଲା ଘୋଷଣା ଓ ଜଳେଶ୍ୱର ରେଳ ଷ୍ଟେସନରେ ଅପ୍ ଉତ୍କଳ ଏକ୍ସପ୍ରେସର ରହଣି ସଂପର୍କରେ ଦୃଢ ପଦକ୍ଷେପ ନିଆଯିବା ସଂପର୍କରେ କହିଥିଲେ । ଏଥିନେଇ ଆସନ୍ତା ୧ ତାରିଖରେ ରେଳ ମନ୍ତ୍ରୀଙ୍କ ସହ ଆଲୋଚନା ଓ ସାକ୍ଷାତ ହେବାପରେ ପକ୍ଷକ୍ଷେପର ରୂପରେଖ ଗ୍ରହଣ କରାଯିବ ବୋଲସ୍କୁହାଯାଇଛି । ଏହି ଆଲୋଚନାରେ ବରିଷ୍ଠ ସଦସ୍ୟ ଶରତ ପରିଡା, ରମାନାଥ ଗିରି, ରାମଚନ୍ଦ୍ର ସାହୁ, ବନମାଳୀ ଧଳ, ସିଦ୍ଧେଶ୍ୱର ପଣ୍ଡା, ଶତଘ୍ନ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ମେଘାସନ ମହାବିଦ୍ୟାଳୟରେ ଏନ୍.ସି.ସି. ଦିବସ ପାଳିତ



ଉଦଳା , ୨୬/୧୧ (ନି.ପ୍ର): କପ୍ତିପଦା ବ୍ଲକର ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଆଜି ନଭେମ୍ବର ୨୬ ତାରିଖ ରବିବାର ଦିନ ଜାତିୟ ସମର ଶିକ୍ଷାର୍ଥି ବାହିନି ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଉଦଳା ଜେଲରେ କାର୍ଯ୍ୟରତ ଅଧିକାରୀ ଅଜୟ କୁମାର ଗୁରୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏନ୍.ସି.ସି. ପତାକା ଉତୋଳନ କରି ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ଏହାପରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼କ୍ଟର ନିରନ ପାଠୀଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମହାବିଦ୍ୟାଳୟର କାର୍ଯ୍ୟରତ ଏନ୍.ସି.ସି. ଅଧିକାରୀ ଅରୁଣ କୁମାର ଜେନା ଓ ଭାରତୀୟ ବାୟୁ ସେନାର ସେବା ନିବୃତ ଅଧିକାରୀ ସୁଦର୍ଶନ ପ୍ରଧାନ ଯୋଗ ଦେଇ ଦେଶକୁ ଯେଉଁ ସମୟରେ ବିପଦ ଆସିଛି ଜାତୀୟ ସମର ଶିକ୍ଷାର୍ଥୀ ବାହିନି କିପରି ସବୁ ପ୍ରକାର ବିପଦକୁ ସାହସର ସହ ସମନା କରି ଏହାର ମୁକାବିଲା କରିପାରିଛି ଉକ୍ତ ଘଟଣାବଳିର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଶେଷରେ ସମର ଶିକ୍ଷାର୍ଥି ବାହିନିର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରକାର ରଣ କୌଶଳ ପ୍ରଦର୍ଶନ କରିଥିଲେ ।

# ଶିମିଳିପାଳ ଅସ୍ଥାୟୀ ଭାବେ ବନ୍ଦ : ପର୍ଯ୍ୟଟକ ମହଲରେ ନୈରାଶ୍ୟ

ବାରିପଦା , ୨୬/୧୧ (ନି.ପ୍ର): ବର୍ତ୍ତମାନ ଶିମିଳିପାକୁ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥିବା ସମୟରେ ଶିମିଳିପାଳ ଭିତରେ ବହୁ ପର୍ଯ୍ୟଟନ ସ୍ଥଳୀରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ କାରଣରୁ ଶିମିଳିପାଳ ଜାତୀୟ ଉଦ୍ୟାନକୁ ପର୍ଯ୍ୟଟକ ମାନଙ୍କ ପାଇଁ ଅସ୍ଥାୟୀ ଭାବରେ ବନ୍ଦ କରିଦିଆ ଯାଇଥିବାର ଜଣାଯାଇଛି । ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ଶିମିଳିପାଳ ଅଭୟାରଣ୍ୟ ଭିତରକୁ ପର୍ଯ୍ୟଟକଙ୍କ ପ୍ରବେଶ କରିପାରିବେ ନାହିଁ ଏବଂ ପର୍ଯ୍ୟଟକମାନେ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ସେହି ଅନୁଯାୟୀ ପର୍ଯ୍ୟଟକ ମାନେ ପରିଦର୍ଶନ ଯୋଜନା କରିବାକୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଅଧିକ ସୂଚନା ପାଇଁ ପର୍ଯ୍ୟଟକମାନେ ଶିମିଳିପାଳର ଅଫିସିଆଲ ୱେବସାଇଟ କିମ୍ବା ଇକୋଟୁରିଜିମ ଓଡିଶାର ହେଲ୍ପ ଲାଇନ ନମ୍ବର ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ତେବେ ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ, କୌଣସି ପ୍ରାକୃତିକ କାରଣ ନଥାଇ ଅସ୍ଥାୟୀ ଭବରେ ଶିମିଳିପାଳ ଜାତୀୟ ଉଦ୍ୟାନକୁ ବନ୍ଦ କରାଯାଇଥିବାରୁ ପର୍ଯ୍ୟଟକ ମହଲରେ ନୈରାଶ୍ୟ ଖେଳିଯାଇଥିବା ବେଳେ, ବୁଦ୍ଧିଜୀବୀ ମହଲରେ ତୁରନ୍ତ ସମସ୍ୟାର ସମାଧାନ କରାଯାଇ ଶିମିଳିପାଳ ଖୋଲିବାକୁ ଦାବୀ କରିଛନ୍ତି ।

# ମନ୍ କୀ ବାତରେ ଓଡ଼ିଶାର ଛଉ ନୃତ୍ୟ କଥା ଉଠାଇଲେ ପିଏମ ମୋଦି

ନୂଆଦିଲ୍ଲୀ, ୨୬/୧୧ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନିଜର ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ର ୧୦୭ତମ ସଂସ୍କରଣରେ ଓଡ଼ିଶାର ପ୍ରସିଦ୍ଧ ଲୋକନୃତ୍ୟ ଛଉ କଥା ଉଠାଇଛନ୍ତି । ସେ କହିଛନ୍ତି ଯେ, ‘ଗାଁ ଗାଁରେ ହେଉଥିବା ମେଳା ଭଳି ଆମର ଏଠି ବିଭିନ୍ନ ନୃତ୍ୟର ମଧ୍ୟ ନିଜର ଐତିହ୍ୟ ରହିଛି । ଝାଡ଼ଖଣ୍ଡ, ଓଡ଼ିଶା, ବଙ୍ଗଳାର ଆଦିବାସୀବହୁଳ ଅଂଚଳରେ ଏକ ବହୁତ ପ୍ରସିଦ୍ଧ ନୃତ୍ୟ ଅଛି, ଯାହାକୁ ଛଉ ବୋଲି କୁହାଯାଏ । ୧୫ରୁ ୧୭ ନଭେମ୍ବର ପର୍ଯ୍ୟନ୍ତ ‘ଏକ୍ ଭାରତ ଶ୍ରେଷ୍ଠ୍ ଭାରତ”ର ଭାବନା ସହିତ ଶ୍ରୀନଗରରେ ଛଉ ପର୍ବର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତେ ଛଉ ନୃତ୍ୟକୁ ଉପଭୋଗ କରିଥିଲେ । ଶ୍ରୀନଗରର ଯୁବପିଢ଼ିଙ୍କୁ ଛଉ ନୃତ୍ୟର ତାଲିମ ଦେବାପାଇଁ ଏକ କର୍ମଶାଳାର ଆୟୋଜନ ମଧ୍ୟ କରାଯାଇଥିଲା । ସେହିପରି କିଛି ସପ୍ତାହ ତଳେ କଠୁଆ ଜିଲ୍ଲାରେ ‘ବସୋହଲି ଉତ୍ସବ” ଆୟୋଜିତ ହୋଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo